ସଂଚାର
THE SANCHAR



# ୭୯ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୬ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷରୁ ୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨** କୁ ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ହଜାରରୁ** ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୬୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୬୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦ରୁ** ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ସ୍ୱତନ୍ତ୍ର ସ୍କ୍ରିନିଂ ଓ ପ୍ରାଚୀ ଉପତ୍ୟକା ଉତ୍ସବର ଘୋଷଣା




**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ପ୍ରାଚୀନ ଇତିହାସରେ ସମୃଦ୍ଧ ଓ ପ୍ରାଚୀ ନଦୀ ଅବବାହିକାରେ ଗଢ଼ିଉଠିଥିବା ପ୍ରାଚୀ ଉପତ୍ୟକା ଅତୀତରେ ପ୍ରାଚୀନ ଉନ୍ନତ ସଭ୍ୟତାର ଜୀବନ୍ତ କେନ୍ଦ୍ର ଥିଲା। ଏବେ ପ୍ରାଚୀ ଉପତ୍ୟକା ଉପଯୁକ୍ତ ସ୍ଥାନ ଓ ସମ୍ମାନ ପାଇବାକୁ ସଂଘର୍ଷ କରୁଛି। ବିଶ୍ୱର ଅଦ୍ୱିତୀୟ ଓ ପ୍ରାଚୀନ ସଭ୍ୟତାଗୁଡ଼ିକ ମଧ୍ୟରେ ଅନ୍ୟତମ ଏହି ଉପତ୍ୟକାର ପ୍ରାଚୀନ ଐତିହ୍ୟ, ମନୁଷ୍ୟ ଜାତିର ବିକାଶ, ଭୂତତ୍ତ୍ୱ, ପରିବେଶ, ସଂସ୍କୃତି ଓ ଭୌଗୋଳିକ ସ୍ଥିତିର ଏକ ଜୀବନ୍ତ ଚିତ୍ରପଟ। ପିଏନଭି ଫାଉଣ୍ଡେସନ ପ୍ରୟାସରେ ପ୍ରିଲ୍ୟୁଡ୍ ସମର୍ଥନରେ 'ପ୍ରାଚୀ ଭ୍ୟାଲି: ଦି ଫରଗଟନ୍ ଲିଗାସି' ଡକ୍ୟୁମେଣ୍ଟାରୀର ସ୍ୱତନ୍ତ୍ର ସ୍କ୍ରିନିଂ ଅନୁଷ୍ଠିତ ହୋଇଛି। ଏହା ମାଧ୍ୟମରେ ଉପତ୍ୟକାର ସୌନ୍ଦର୍ଯ୍ୟ, ଧାର୍ମିକ ଭାବନା ଓ ଐତିହ୍ୟକୁ କଏଦ କରାଯିବା ସହ ଏହାକୁ ସୁରକ୍ଷା ଦେବାକୁ ଉଦ୍ୟମ କରାଯାଇଛି। ଏଥିସହ ଖୁବ୍‌ଶୀଘ୍ର ୭ଦିନିଆ ସାଂସ୍କୃତିକ ଉତ୍ସବ 'ପ୍ରାଚୀ ଭ୍ୟାଲି ଫେଷ୍ଟିଭାଲ'ରେ କଳା, ସଙ୍ଗୀତ, ପ୍ରଦର୍ଶନୀ ଓ ଐତିହ୍ୟ ଅନୁଭୂତି ଆଦି ସାମିଲ୍ ରହିବ। ସ୍ଥାନୀୟ ବାସିନ୍ଦା, ପରିଦର୍ଶକ, ବିଦ୍ୱାନ ଓ ଗବେଷକଙ୍କୁ ଏକତ୍ର କରି ଇତିହାସ, ଐତିହ୍ୟର ପୁନରୁଦ୍ଧାର ଓ ସମ୍ପ୍ରଦାୟକୁ ଜୀବିତ ରଖିବାରେ ଅନୁଭୂତି ସୃଷ୍ଟି କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏନେଇ ବରିଷ୍ଠ ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ କହିଛନ୍ତି ଯେ ଆଲୋଚ୍ୟ ଡକ୍ୟୁମେଣ୍ଟାରୀ ମାଧ୍ୟମରେ ପ୍ରାୟ ୩ ହଜାର ବର୍ଷର ପୁରୁଣା ଅସ୍ମିତାକୁ ଜାଣିପାରିଛି। ସେହିପରି ଇନଟାକ୍‌ର ଗଭର୍ଣ୍ଣିଂ କାଉନ୍‌ସିଲ୍ ଓ ବିଶିଷ୍ଟ ଐତିହାସିକ ଅନୀଲ ଧୀର କହିଛନ୍ତି ଯେ ପ୍ରାଚୀ ଉପତ୍ୟକାର ଏକ ସମୃଦ୍ଧ ଇତିହାସ ରହିଛି। ତାଙ୍କ ଭଳି ଗବେଷଣା କରୁଥିବା ବହୁ ଗବେଷକ ପ୍ରାଚୀ ଉପତ୍ୟକା ସମ୍ପର୍କରେ ଯଥେଷ୍ଟ ଧାରଣା ପାଇପାରିବେ ବୋଲି ସେ ଆଶା କରିଛନ୍ତି। ସୂଚନାଯୋଗ୍ୟ ଯେ ପିଏନଭି ଫାଉଣ୍ଡେସନ୍ କ୍ଲିନ୍ ବିଚ୍ ଇଣ୍ଡିଆ, ଗ୍ରୀନ୍ ବିଜ୍, ମିଡିଆ ଏକ୍ସଲେନ୍ସି ଆୱାର୍ଡସ୍, ଶୋକେସ୍ ଓଡ଼ିଶା ଆୱାର୍ଡସ୍ ସହ ଅନେକ ଅନନ୍ୟ ଓ ଅର୍ଥପୂର୍ଣ୍ଣ ଇଭେଣ୍ଟର ସଫଳ ଆୟୋଜନ କରିଆସିଛି।

# ୧୧ରୁ ତୃତୀୟ ଅଖିଳ ଭାରତ ଟି-୧୦ ଟେନିସ୍ ବଲ୍ କ୍ରିକେଟ୍

● ଭାଗନେବେ ୨୫ ରାଜ୍ୟର ୩୧ ଜଣ

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶା 'ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଆସୋସିଏସନ୍' ଓ 'ଶ୍ରୀ ଜଗନ୍ନାଥ ଦର୍ଶନ ଚାରିଟେବଲ୍ ଟ୍ରଷ୍ଟ' ସହଯୋଗରେ ଜାତୀୟ ସ୍ତରୀୟ ତୃତୀୟ ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍ ଆସନ୍ତା ସେପ୍ଟେମ୍ବର ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୁରୀର ଶ୍ରୀ ଜଗନ୍ନାଥ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ତୃତୀୟ ଅଖିଳ ଭାରତ ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍‌ରେ ଦେଶର ୨୫ଟି ରାଜ୍ୟରୁ ୨୫ଟି ପୁରୁଷ ଓ ୬ଟି ମହିଳା ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟଟି ଦିବାରାତ୍ର ବିଶିଷ୍ଟ ହେବ ଓ ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି। ଗ୍ରୁପ୍-ଏ'ରେ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ବିହାର, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ରହିଥିବା ବେଳେ ଗ୍ରୁପ୍-ବି'ରେ ମହାରାଷ୍ଟ୍ର, ବିଦର୍ଭ, ଗୋଆ, କର୍ଣ୍ଣାଟକ, ଉତ୍ତର କର୍ଣ୍ଣାଟକ, ମଧ୍ୟ ଭାରତ, ପୂର୍ବାଞ୍ଚଳ ଓ ଦିଲ୍ଲୀ ଦଳ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ସି 'ରେ ଜମ୍ମୁ-କାଶ୍ମୀର, ହରିୟାଣା, ପଞ୍ଜାବ, ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ଆଦି ଦଳ ରହିଛନ୍ତି। ଟି-୧୦ ଟେନିସ୍ ବଲ୍ କ୍ରିକେଟ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର ଏବଂ ରାଜ୍ୟ ସମ୍ପାଦକ ବ୍ରଜକିଶୋର ଦାଶଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟର ଟ୍ରଫି, ଜର୍ସି, ପ୍ରମୋସନାଲ୍ ଭିଡିଓ ଓ ଅନ୍ୟାନ୍ୟ ଉପକରଣ ଉନ୍ମୋଚିତ ହୋଇଛି। ପ୍ରଥମଥର ପାଇଁ ଏହି ଚାମ୍ପିଅନସିପ୍ ଓଡ଼ିଶାରେ ହେଉଥିବାରୁ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ରହିଥିବା ସଭାପତି ଶ୍ରୀ ଦାସ ମହାପାତ୍ର କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରଚାର ଓ ପ୍ରସାର ଦାୟିତ୍ୱ ମିଡିଆ ପ୍ଲାନର ଭାରତ ପ୍ରଧାନ ତୁଲାଉଛନ୍ତି।

# ପୂର୍ବତଟ ରେଳପଥ ପକ୍ଷରୁ ସ୍ୱାଧୀନତା ଦିବସ ସ୍ପେଶାଲ ଟ୍ରେନ୍

**ଭୁବନେଶ୍ୱର, ୧୪।୮(ସଂଚାର ବ୍ୟୁରୋ):** ସ୍ୱାଧୀନତା ଦିବସରେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ, ପୂର୍ବତଟ ରେଳପଥ ଶାଲିମାର-ମାଳତୀପାଟପୁର ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଲାଇବ। ଟ୍ରେନ୍ ନମ୍ବର ୦୮୦୩୭/୦୮୦୩୮ ଶାଲିମାର-ମାଳତୀପାଟପୁର-ଶାଲିମାର ସ୍ୱତନ୍ତ୍ର ଶାଲିମାରରୁ ୧୪ ଅଗଷ୍ଟ, ୨୦୨୫ ରେ ୨୧:୨୦ ଘଣ୍ଟାରେ ଛାଡିବ। ମାଳତୀପାଟପୁରରୁ ୧୫ ଅଗଷ୍ଟ, ୨୦୨୫ ରେ ୧୯:୪୦ ଘଣ୍ଟାରେ ଛାଡିବ। ରହଣି ସ୍ଥାନ (ଉଭୟ ପଟୁ ) : ସାନ୍ତ୍ରାଗାଛି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର କେଉଁଝର ରୋଡ୍, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ୍। ଛୁଟିଦିନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଏହି ସ୍ୱାଧୀନତା ଦିବସ ସ୍ପେଶାଲ ଟ୍ରେନର ବ୍ୟବସ୍ଥା କରାଯାଇଛି, ଶାଲିମାର (କୋଲକାତା ଅଞ୍ଚଳ) ଏବଂ ମାଳତୀପାଟପୁର (ପୁରୀ ନିକଟ) ମଧ୍ୟରେ ରୁଟରେ ସୁବିଧାଜନକ ସମୟ ଏବଂ ପ୍ରମୁଖ ରହଣି ପ୍ରଦାନ କରାଯାଉଛି । ଯାତ୍ରୀମାନଙ୍କୁ ସେମାନଙ୍କ ନିକଟତମ ରେଳ ଷ୍ଟେସନରେ କିମ୍ବା ସରକାରୀ ରେଳ ୱେବସାଇଟରେ ସିଟ୍ ଉପଲବ୍ଧତା ଏବଂ ସମୟ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ୧୮ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ଆସନ୍ତା ସୋମବାର ଅଗଷ୍ଟ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ-୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଆସନ୍ତା ସୋମବାର ହେବାକୁ ଥିବା ଜନ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ବିଜେପି ଯୁବମୋର୍ଚ୍ଚା ତରଫରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

# ଭାରତମାତାର ଏକତା ଓ ଅଖଣ୍ଡତାର ପ୍ରତୀକ ହେଉଛି 'ତ୍ରିରଙ୍ଗା'

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଭୁବନେଶ୍ୱର ରୂପାଲି ଛକ ଠାରୁ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ତ୍ରିରଙ୍ଗା ଧରି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ତ୍ରିରଙ୍ଗା, ବାଦ୍ୟ ଓ ନୃତ୍ୟ ସହିତ ଏହି ପଦଯାତ୍ରାରେ ୨୦୦୦ରୁ ଅଧିକ ଯୁବକ ଯୁବତୀ ସାମିଲ ହୋଇଥିଲେ । ଶ୍ରୀ ପଣ୍ଡା କହିଛନ୍ତି ଯେ, ତ୍ରିରଙ୍ଗା ଆମ ଦେଶର ସ୍ୱାଭିମାନ, ଅସ୍ମିତା ଦେଶ ପ୍ରୀତିର ପରିଚୟ, ତେଣୁ ଏହି ଏକିକୃତ ପରିଚୟ ଅଛି ଆମ ଦେଶ ପ୍ରେମକୁ ଜାହିର କରିବା ପାଇଁ। ତାହା କେବଳ ସ୍କୁଲ କିମ୍ବା କଲେଜ ଓ ଅନୁଷ୍ଠାନ ମାନଙ୍କରେ ନୁହେଁ ପ୍ରତ୍ୟେକ ଘରେ ପ୍ରତ୍ୟେକ ବ୍ୟକ୍ତି ଆମ ତ୍ରିରଙ୍ଗାକୁ ଉଡାଇବା ଆବଶ୍ୟକ ।

ଏହି 'ତ୍ରିରଙ୍ଗା ଯାତ୍ରା'ରେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇ କହିଛନ୍ତି ଯେ, ତ୍ରିରଙ୍ଗା ଯାତ୍ରା ଭାରତମାତାର ଏକତା ଓ ଅଖଣ୍ଡତାର ପ୍ରତୀକ । ଭାରତମାତା କୋଳରେ ଏହି ତ୍ରିରଙ୍ଗା ପତାକା ଉଡାଇବା ପାଇଁ କେତେ ମହାପୁରୁଷ ଏବଂ ଆମ ପୂର୍ବଜ ମାନେ ବଳିଦାନ ଦେଇଛନ୍ତି। ଦେଶର ବୀର ଯବାନମାନଙ୍କର ମନୋବଳକୁ ଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଦେଶର କୋଣ ଅନୁକୋଣରେ ହେଉଛି ।



ଏହି ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ସମର୍ପିତ ବୋଲି ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି । ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ, ଆମ ପୂର୍ବଜ ତଥା ଆମ ଦେଶର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଏହି ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ସମର୍ପିତ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ କହିଛନ୍ତି । ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ, ଚଣ୍ଡୀ ପ୍ରସାଦ ବେହେରା, ଗଗନ ଓଝା, ଦୀପକ ବେହେରାଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଜନତା ସାମିଲ ହୋଇଥିଲେ ।

# 'ରମାଦେବୀ ବିଶ୍ୱବିଦ୍ୟାଳୟ ବାତାବରଣକୁ ବିଜେପି କଳୁଷିତ କରୁଛି'

**ଭୁବନେଶ୍ୱର, ୧୪।୮(ସଂଚାର ବ୍ୟୁରୋ):** ରାଜ୍ୟର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଚାଲୁଥିବା ସମୟରେ ୟୁନିଫର୍ମରେ ଥିବା କିଛି ଛାତ୍ରୀଙ୍କୁ ନେଇ ସ୍ଥାନୀୟ ବିଜେପିର ୱାର୍ଡ ଅଫିସ୍ ପରିସରରେ ଗତକାଲି ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯାହାର ଖବର ଆସିବା ପରେ ଆଜି ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ।



ଛାତ୍ରୀ ସମାଜ ଅସୁରକ୍ଷିତ ଥିବାବେଳେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କୁ କେଉଁ ଉଦ୍ଦେଶ୍ୟରେ ଭାରତୀୟ ଜନତା ପାର୍ଟିର ୱାର୍ଡ କାର୍ଯ୍ୟାଳୟକୁ ଡକାଯାଇଥିଲା, କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେବା ଦରକାର ବୋଲି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଇପ୍ସୀତା ସାହୁ । ନିକଟରେ ଆଇନକୁ ହାତକୁ ନେଇ ଜେଲରୁ ଫେରିଥିବା ଜଗନ୍ନାଥ ପ୍ରଧାନ ଓ ଅନ୍ୟ କିଛି ଜେଲ ଫେରନ୍ତା ବ୍ୟକ୍ତିଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା । ଏଥିରେ ଯୋଗ ଦେଇଥିବା ଛାତ୍ରୀମାନଙ୍କୁ କିଛି ମିଥ୍ୟା ପ୍ରଲୋଭନ ଦେଇ ବୈଠକକୁ ନିଆଯାଇଥିଲା ବୋଲି ଜଣାପଡ଼ିଛି । କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ସେମାନେ ଯାଇଥିଲେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ପାଠପଢ଼ା ସମୟରେ ଛାତ୍ରୀମାନଙ୍କୁ ନେଇ ଏହିଭଳି ବୈଠକ ଆୟୋଜନ କରିବା ସ୍ୱାଭାବିକ ଭାବେ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି । ରମାଦେବୀ ବିଶ୍ୱବିଦ୍ୟାଳୟର ଅନ୍ୟତମ ଛାତ୍ରୀ ତଥା ବିଜୁ ଯୁବ ଜନତା ଦଳର ସଦସ୍ୟା ଫାତିମା ଖାତୁନ୍ କହିଥିଲେ, ଆମ ବିଶ୍ୱବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଯୋଗୁଁ ଆମ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ମାତ୍ର ଆଜି ଦୁଃଖର ସହ କହିବାକୁ ପଡୁଛି, ଭାରତୀୟ ଜନତା ପାର୍ଟି ଏହି ବିଶ୍ୱବିଦ୍ୟାଳୟର ଗାରିମାକୁ କ୍ଷୁର୍ଣ୍ଣ କରିବା ପାଇଁ ଯେଉଁ ରଣନୀତି ପ୍ରସ୍ତୁତ କରୁଛି, ସେଥିରେ ସଫଳ ହେବାକୁ ଦିଆଯିବ ନାହିଁ ।

# ରମାଦେବୀରେ ଅନ୍ତର୍ଜାତୀୟ ଯୁବ ଦିବସ

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷା ଡ. ସରୋଜଲକ୍ଷ୍ମୀ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟର ଅତିରିକ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଡ ସନ୍ତୋଷ ଷଡ଼ଙ୍ଗୀ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ ଗୋପାଳକୃଷ୍ଣ ଆଚାର୍ଯ୍ୟ, ଖୋର୍ଦ୍ଧା ଏନଏସଏସର ଏଡିପିଓ ଡ. ରଘୁନାଥ ମଣ୍ଡଳ, ରମାଦେବୀ ମହିଳା ଉଚ୍ଚ ବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ଅଧ୍ୟାପିକା ଡ ବିମଳା କୁଜୁର, ଶିକ୍ଷାବିତ୍ ଡ. ସୁଶାନ୍ତ ପଟ୍ଟନାୟକ, ଅର୍ଥନୀତି ବିଭାଗ ଅଧ୍ୟାପିକା ସ୍ମୃତିରେଖା ସାହୁ, ସମାଜସେବୀ ଜ୍ୟୋତିର୍ମୟୀ ମହାପାତ୍ର ଯୋଗଦେଇଥିଲେ। ଛାତ୍ରୀ ବିଦ୍ୟାଭାରତୀ ନାୟକ, କ୍ଷଣପ୍ରଭା ରଥ ଓ ଇଣ୍ଡିଆନ ୟୁଥ ଫୋରମର ସ୍ୱପ୍ନା ନାୟକ ବକ୍ତବ୍ୟ ରଖିଥିଲେ। ରମାଦେବୀ ମହିଳା ଉଚ୍ଚ ବିଦ୍ୟାଳୟର ଅଧ୍ୟାପିକା ଆଲିଶା ମହାପାତ୍ର, ସୁଜାତା ସାହୁ ଓ ଝରଣା ପଣ୍ଡା ମଧ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଇଣ୍ଡିଆନ ୟୁଥ ଫୋରମର ଜ୍ୟୋତିର୍ମୟୀ ମହାପାତ୍ର ସଂଯୋଜନା କରିଥିବା ବେଳେ ରମାଦେବୀ ମହିଳା ଉଚ୍ଚ ବିଦ୍ୟାଳୟର ଅଧ୍ୟାପିକା ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ।




# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ହର ଘର ତିରଙ୍ଗା ସଚେତନତା ଅଭିଯାନ

**ଖୋର୍ଦ୍ଧା ରୋଡ୍,୧୪।୮(ସଂଚାର ବ୍ୟୁରୋ):** ଆଜାଦୀ କା ଅମୃତ ମହୋତ୍ସବ ଅଧୀନରେ ଦେଶବ୍ୟାପୀ ହର ଘର ତିରଙ୍ଗା ଅଭିଯାନର ଅଂଶ ଭାବେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଜାତୀୟ ପତାକା ପ୍ରତି ଦେଶପ୍ରେମ ଓ ସମ୍ମାନର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସଚେତନତା ଅଭିଯାନ ପରିଚାଳନା କରିଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଓ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ପ୍ରଦୀପ କୁମାର ବେହେରା ଓ ଶୁଭ୍ରଜ୍ୟୋତି ମଣ୍ଡଳ ସେମାନଙ୍କ ବାସଭବନ ଓ କାର୍ଯ୍ୟାଳୟରେ ତିରଙ୍ଗା ପ୍ରଦର୍ଶନ କରିବା ସହ ମଣ୍ଡଳ ରେଳବାଇ କାର୍ଯ୍ୟାଳୟରେ ସମସ୍ତ ରେଳ କର୍ମଚାରୀଙ୍କୁ ଗର୍ବର ସହ ଏହି ଅଭିଯାନରେ ସାମିଲ୍ ହେବାକୁ ଉତ୍ସାହିତ କରିଥିଲେ। ଅଭିଯାନର ଅଂଶ ଭାବେ ଅଧିକାରୀମାନେ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ପ୍ରଦର୍ଶନ କରିଥିଲେ, ଯାହାଦ୍ୱାରା କର୍ମଚାରୀ ଓ ରେଳ ବ୍ୟବହାରକାରୀଙ୍କ ମଧ୍ୟରେ ଅଭିଯାନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇପାରିବ। ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ କରି ଜାତୀୟ ଗର୍ବର ଭାବନା ସୃଷ୍ଟି କରିବା ଓ ନାଗରିକମାନଙ୍କୁ ଦେଶ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ମନେ ପକାଇବା ଏହି ଅଭିଯାନର ଲକ୍ଷ୍ୟ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଏହାର ସମସ୍ତ କର୍ମଚାରୀ ଓ ରେଳ ବ୍ୟବହାରକାରୀଙ୍କୁ ହର ଘର ତିରଙ୍ଗା ଅଭିଯାନରେ ଭାଗ ନେବାକୁ ଏବଂ ଏକତା ଓ ସ୍ୱାଧୀନତାର ଏହି ଉତ୍ସବରେ ଯୋଗଦେବାକୁ ନିବେଦନ କରିଛନ୍ତି।

# ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

**ଭୁବନେଶ୍ୱର, ୧୪।୮(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାରେ ମୌସୁମୀ ଋତୁରେ ଗୋଷ୍ଠୀ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ଏକ ଶୃଙ୍ଖଳା ଆରମ୍ଭ କରିଛି। ଏହି ପ୍ରୟାସଗୁଡ଼ିକ ଅଧୀନରେ କମ୍ପାନୀର ଭ୍ରାମ୍ୟମାଣ ହେଲଥ ୟୁନିଟ୍ କାର୍ଯ୍ୟକାରୀ କରାଯାଉଛି।




୧୫୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ମାଗଣା ମ୍ୟାଲେରିଆ ପରୀକ୍ଷା, ଲକ୍ଷଣ ଚିହ୍ନଟ ପାଇଁ ମାର୍ଗଦର୍ଶନ ଏବଂ ପରିମଳ, ମଶାରୀ ବ୍ୟବହାର ଏବଂ ପାନୀୟଜଳ ସମସ୍ୟା ଦୂର କରିବା ଭଳି ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ଋତୁକାଳୀନ ରୋଗ ପ୍ରକୋପ ରୋକିବା ପାଇଁ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପାଞ୍ଚଟି ଗ୍ରାମର ୮୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହିତ ଏକ ପ୍ରସ୍ତୁତି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପରିବାରର ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସାପ କାମୁଡ଼ା ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ପାଇଁ ଜରୁରୀ ପ୍ରଥମ ପ୍ରତିକ୍ରିୟା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିଲା, ଅଂଶଗ୍ରହଣକାରୀଙ୍କୁ ବର୍ଷା ସମୟରେ ପରିବାରକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟକ୍ଷମ ଜ୍ଞାନ ସହିତ ସଶକ୍ତ କରାଯାଇଥିଲା।

ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ୩୫ରୁ ଅଧିକ ଦୁର୍ଗମ ଗ୍ରାମର ୨୦, ୦୦୦ରୁ ଅଧିକ ବାସିନ୍ଦାଙ୍କୁ ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି। ଗତ ଦୁଇବର୍ଷ ମଧ୍ୟରେ ୨, ୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଛି, ଯାହା ଅନୁନ୍ନତ ଅଞ୍ଚଳଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବ୍ୟବଧାନକୁ ପୂରଣ କରିଛି। ପ୍ରତ୍ୟେକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ହେଉଛି ଏକ ସମ୍ପୂର୍ଣ୍ଣ ସଜ୍ଜିତ ମେଡିକାଲ୍ ଭ୍ୟାନ୍, ଯେଉଁଥିରେ ଜଣେ ଡାକ୍ତର, ନର୍ସ, ଲ୍ୟାବ୍ ଟେକ୍ନିସିଆନ୍ ଏବଂ ଫାର୍ମାସିଷ୍ଟ ଅଛନ୍ତି, ଯାହା ଯାଞ୍ଚ, ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା, ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଏବଂ ପ୍ରତିରୋଧକ ଯତ୍ନ ଉପରେ କେନ୍ଦ୍ରିତ ନିୟମିତ ସଚେତନତା ଅଧିବେଶନ ପ୍ରଦାନ କରେ।

# 'ଟାଟା ପାୱାର ପାଖରେ ବନ୍ଧା ପଡ଼ିଛନ୍ତି ସରକାର'

**ଭୁବନେଶ୍ୱର, ୧୪।୮ (ସଂଚାର ବ୍ୟୁରୋ):** ଓଡ଼ିଶାରେ ବିଦ୍ୟୁତ ବିତରଣ ଦାୟିତ୍ୱ ନେଇଥିବା କମ୍ପାନୀ ଟାଟା ପାୱାର ଏବଂ ରାଜ୍ୟ ବିଜେପି ସରକାରଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକା ଯୋଗୁଁ ରାଜ୍ୟର ସମସ୍ତ ବିଦ୍ୟୁତ ଉପଭୋକ୍ତା ନାହିଁ ନଥିବା ଶୋଷଣର ଶିକାର ହେଉଛନ୍ତି ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ମତ ଦେଇଛନ୍ତି । ଏବର ବିଜେପି ସରକାର ମଧ୍ୟ ପୂର୍ବ ବିଜେଡି ସରକାର ଭଳିଆ ଟାଟା ପାୱାର ହାତରେ ବନ୍ଧା ପଡିଛି । ପରିତାପର ବିଷୟ ଓଡିଶା ଏକ ବିଦ୍ୟୁତ ବଳକା ରାଜ୍ୟ ଭାବେ ପରିଗଣିତ ହୋଇଥିଲେ ସୁଦ୍ଧା ଆମ ରାଜ୍ୟର ବିଦ୍ୟୁତ ଦେୟ ସର୍ବ ଭାରତୀୟ ସ୍ତରରେ ସବୁଠୁ ଅଧିକ । ଓଡ଼ିଶାରେ ୟୁନିଟ ପିଛା କ୍ରୟ ଦର ଟ ୨.୪୦ ପଇସା ହୋଇଥିବା ବେଳେ ବିକ୍ରୟ ଦର ଟ ୭.୬୦ ପଇସା, ଯାହାକି ଦେଶର ସବୁଠୁ ବେଶୀ । ରାଜ୍ୟରେ ୯୦୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ଶକ୍ତି ଥିବାବେଳେ ୫୫୦୦ ମେଗାୱାଟ ଉତ୍ପାଦିତ ହେଉଅଛି ଏବଂ ୪୩୦୦ - ୪୭୦୦ ମେଗାୱାଟ ଖର୍ଚ୍ଚ ହେଉଛି । ଏସବୁ ସତ୍ତ୍ୱେ କମ୍ପାନୀର ଦରବୃଦ୍ଧିକୁ ସରକାର ସମର୍ଥନ ଦେଉଥିବାରୁ କଂଗ୍ରେସ ଏହାକୁ ବିରୋଧ କରୁଛି ବୋଲି ଶ୍ରୀ କାନୁନଗୋ କହିଛନ୍ତି। ପ୍ରଥମ ଥର ପାଇଁ ବିଦ୍ୟୁତ ସଂଯୋଗ କରୁଥିବା ଉପଭୋକ୍ତାଙ୍କ ଘର ଦୂରରେ ଥିଲେ, ତାଙ୍କଠାରୁ ଖୁଣ୍ଟ, ତାର ଓ ଅନୁଷାଙ୍ଗିକ ଜିନିଷ ପାଇଁ ଅର୍ଥ ଆଦାୟ କରାଯାଉଛି । ଯାହା ସେମାନଙ୍କ ଉପରେ ଏକ ଶକ୍ତ ବୋଝ ହେଉଛି।। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ସମେତ ପ୍ରଶାନ୍ତ ଶତପଥୀ, ନଳିନୀକାନ୍ତ ନାୟକ, ଦେବାଶିଷ ଭୂୟାଁ ଓ ଅମ୍ରିତା ଦାସ ଉପସ୍ଥିତ ଥିଲେ ।



# ଇଫକୋକୁ ବେଷ୍ଟ ମଦର ପ୍ଲାଣ୍ଟ ଆୱାର୍ଡ

**ପାରାଦୀପ,୧୪।୮(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ପକ୍ଷରୁ ଅୟୋଜିତ ୪୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଇଫକୋ ସାର କାରଖାନାକୁ ୨୦୨୫ର ବେଷ୍ଟ ମଦର ପ୍ଲାଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ଆୱାର୍ଡ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଓ ଶିଳ୍ପ ବିଭାଗ ଅତିରିକ୍ତ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଇଫକୋ ସାରା ରାଜ୍ୟରେ ଥିବା ୧୮୦ଟି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ସେମାନଙ୍କ ଗୁଣବତ୍ତା ଅଭିବୃଦ୍ଧି, ଦକ୍ଷତା ବୃଦ୍ଧି ଓ ମିଳିତ ଅଭିବୃଦ୍ଧିରେ ସହାୟକ ହୋଇ ଶିଳ୍ପ ନିର୍ମାଣରେ ଯଥେଷ୍ଟ ଅବଦାନ ଦେଇଆସିଥିବାରୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି। କମ୍ପାନୀ ରାଜ୍ୟରେ ଏକ ଯୁଗାନ୍ତକାରୀ ଶିଳ୍ପ ସହ ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବାକୁ ଲକ୍ଷ୍ୟ ରଖିଥିବା ମୁଖ୍ୟ ପରିଚାଳକ ପିକେ ମିଶ୍ର କହିଛନ୍ତି।




# ସଂଗ୍ରାମୀଙ୍କ ଗାଁ ଆଦର୍ଶଗ୍ରାମ ଘୋଷଣା କେବେ ?

**ଭୁବନେଶ୍ୱର,୧୪।୮:** ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗ୍ରାମଗୁଡ଼ିକୁ ଆଦର୍ଶଗ୍ରାମ ଭାବେ ଘୋଷଣା କରିବା ପାଇଁ ୧୦ବର୍ଷ ହେବ କୁହାଯାଉଥିବା ବେଳେ ଏବେ ସୁଦ୍ଧା ଏ ଦିଗରେ ବିଶେଷ କିଛି କାର୍ଯ୍ୟକ୍ରମ ଗ୍ରହଣ କରାଯାଇନାହିଁ। ୨୦୧୪ ମସିହାରୁ ବିଭିନ୍ନ ସମୟରେ ସରକାରୀ ସ୍ତରରେ ଏଭଳି ଘୋଷଣା ହୋଇଆସୁଛି। ବିଶେଷକରି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ମନ୍ତ୍ରୀ ଓ ଅଧିକାରୀମାନେ ସାଧାରଣ ସଭାଗୁଡିକରେ ବାରମ୍ବାର ଏ ସଂକ୍ରାନ୍ତୀୟ ଘୋଷଣା କରିଆସିଛନ୍ତି।

କେବଳ ଭାରତଛାଡ ଆନ୍ଦୋଳନ ସମୟରେ ଓଡିଶାରେ ପାଖପାଖି ଦେଢଶହ ସଂଗ୍ରାମୀ ବଳିଦାନ ଦେଇଛନ୍ତି। ଏମାନଙ୍କ ଭିତରୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସର୍ବାଧିକ ୮୩ଜଣଙ୍କ ନାମ ଅର୍ନ୍ତଭୁକ୍ତ। ଏହି ସଂଗ୍ରାମୀମାନଙ୍କ ମଧ୍ୟରୁ ଅଧିକାଂଶ ଗାଁ ଗହଳରୁ ଆସିଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗାଁକୁ ସରକାର ଐତିହ ଗ୍ରାମ ଘୋଷଣା କରିବା ସହିତ ଏଠାରେ ସମସ୍ତ ସରକାରୀ ଯୋଜନା କିଭଳି କେନ୍ଦ୍ରୀଭୂତ ହୋଇ କାର୍ଯ୍ୟକାରୀ ହେବ ଏବଂ ତାହା ଅନ୍ୟମାନଙ୍କ ପାଇଁ ଆଦର୍ଶ ସୃଷ୍ଟିକରିବ, ଏହାଥିଲା ସରକାରଙ୍କ ଘୋଷଣାର ଉଦ୍ଦେଶ୍ୟ।

ଭାରତଛାଡ ଆନ୍ଦୋଳନ ସମୟରେ ସର୍ବପ୍ରଥମ ଗୁଳିକାଣ୍ଡ ଘଟିଥିଲା ବର୍ତ୍ତମାନର ମାଲକାନଗିରି ଜିଲ୍ଲା ଅର୍ନ୍ତଗତ ମାଥିଲି ଠାରେ। ଏହି ଗୁଳିକାଣ୍ଡରେ ୫ଜଣ ଶହୀଦ ହୋଇଥିଲେ ଏବଂ ଆନ୍ଦୋଳନର ନେତା ଲକ୍ଷ୍ମଣ ନାଏକଙ୍କୁ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦିଆଯିବା ସହ ଆଉ ୫୩ଜଣଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ହୋଇଥିଲା। ୧୯୪୨ ଅଗଷ୍ଟ ୨୧ର ମାଥିଲି ଗୁଳିକାଣ୍ଡର ତିନି ଦିନ ପରେ ପାପଡାହାଣ୍ଡିରେ ହୋଇଥିବା ଅନ୍ୟଏକ ଗୁଳିକାଣ୍ଡରେ ୧୯ଜଣ ଶହୀଦ ହୋଇଥିଲେ। ଉଭୟ ଗୁଳିକାଣ୍ଡରେ ଅନେକ ଗୁରୁତର ଆହତ ମଧ୍ୟ ହୋଇଥିଲେ। ପାପଡାହାଣ୍ଡି ଗୁଳିକାଣ୍ଡ ପରେ ବି ବହୁ ସଂଗ୍ରାମୀଙ୍କୁ ଗିରଫ କରାଯାଇଥିଲା। ରାୟଗଡ଼ା ଜିଲ୍ଲାର କୁଜେନ୍ଦ୍ରି ଗାଁରେ ୫୪ଜଣ ଗିରଫ ହୋଇଥିଲେ। ସେମାନଙ୍କ ଭିତରୁ ୨୨ଜଣ ଥିଲେ ଆଦିବାସୀ ମହିଳା। ସେହିପରି ଭାରତଛାଡ ଆନ୍ଦୋଳନ ବେଳେ ଭଦ୍ରକ ଜିଲ୍ଲା ଅର୍ନ୍ତଗତ ଇରମ ଠାରେ ହୋଇଥିବା ଗୁଳିକାଣ୍ଡରେ ଜଣେ ମହିଳାଙ୍କ ସମେତ ୨୯ଜଣ ଶହୀଦ ହୋଇଥିବା ବେଳେ ଲୁଣିଆ ଗୁଳିକାଣ୍ଡରେ ୧୯ଜଣ, ତୁଡିଗଡ଼ିଆ-ଖଇରାଡିହି ଗୁଳିକାଣ୍ଡରେ ୩ଜଣ, ଯାଜପୁର ଜିଲ୍ଲାର କାଇକତା-କଳାମାଟିଆ ଗୁଳିକାଣ୍ଡରେ ୪ଜଣ ଏବଂ ପୁରୀ ଜିଲ୍ଲାର ନିମାପଡା ଗୁଳିକାଣ୍ଡରେ ଜଣେ ଶହୀଦ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗାଁଗୁଡିକୁ ଆଦର୍ଶଗ୍ରାମ ଘୋଷଣା କରିବାଲାଗି ଗତ ସରକାର ସମୟରେ ଯାହା କୁହାଯାଇଥିଲା, ଏବେ ତାହା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। (ତଥ୍ୟ)

# ବୋର୍ଡରେ ନୂଆ ଅଧିକାରୀଙ୍କୁ ଦାୟିତ୍ୱ

## ଅଗଷ୍ଟ ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ବାତିଲ୍

**କଟକ,୧୪।୮(ସଂଚାର ବ୍ୟୁରୋ):** ଓଟିଇଟି କେଲେଙ୍କାରୀ ପରେ କଟକ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ)ର ଉପସଭାପତି ଓ କଣ୍ଟ୍ରୋଲରଙ୍କୁ ବଦଳି କରାଯାଇଛି। ନୂଆ ଉପସଭାପତି ଭାବେ ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଅମୂଲ୍ୟ କୁମାର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ନବରଙ୍ଗପୁରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କୁ ବୋର୍ଡର ଡେପୁଟି କଣ୍ଟ୍ରୋଲର୍ ଭାବେ ଅବସ୍ଥାପିତ କରାଯାଇଛି। ତାଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୋର୍ଡର କଣ୍ଟ୍ରୋଲର୍ ଦାୟିତ୍ୱ ବି ଦିଆଯାଇଛି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ ଆସନ୍ତା ୩୧ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଛି। ବୋର୍ଡର ଉପସଭାପତି ଓ କଣ୍ଟ୍ରୋଲର୍

**ଓଟିଇଟି କେଲେଙ୍କାରୀ**

ପଦ ଖାଲି ଥିବାରୁ ଏପରି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଭଡ଼ା କାରରେ ସୁଦୂର ରାୟଗଡ଼ା ପର୍ଯ୍ୟନ୍ତ ଯାଇଛି। ପ୍ରଘଟ ହୋଇଥିବା ପ୍ରଶ୍ନପତ୍ର ଏକ ଭଡ଼ା କାରରେ ପ୍ରଥମେ କଟକରୁ ନୟାଗଡ଼ ଓ ପରେ ନୟାଗଡ଼ରୁ ରାୟଗଡ଼ା ପର୍ଯ୍ୟନ୍ତ ଯାଇଥିଲା। ବୋର୍ଡରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ଚାକିରି କରିଥିବା ଜିତନ ମହାରଣା ଏହି ପ୍ରଶ୍ନପତ୍ରକୁ ଭଡ଼ା କାରରେ ଶିକ୍ଷକ ନେତା ବିଜୟ ମିଶ୍ରଙ୍କ ସମ୍ପର୍କୀୟ ଭାଇଙ୍କ ନିକଟକୁ ପଠାଇଥିବା ସାମ୍ନାକୁ ଆସିଛି। ଉକ୍ତ କାରରେ ଶ୍ରୀ ମିଶ୍ରଙ୍କ ସମ୍ପର୍କୀୟ ଭାଇ ରାୟଗଡ଼ା ଯାଇ ତାଙ୍କୁ ପ୍ରଶ୍ନପତ୍ର ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ କାର ଡ୍ରାଇଭର ଓ ଶ୍ରୀ ମିଶ୍ରଙ୍କ ସମ୍ପର୍କୀୟ ଭାଇଙ୍କୁ ଜେରା କରିଛି କ୍ରାଇମବ୍ରାଞ୍ଚ। ଶ୍ରୀ ମିଶ୍ରଙ୍କ ଭାଇ ଏହି ଘଟଣାରେ ଗିରଫ ହେବାର ସମ୍ଭାବନା ଥିବା ବେଳେ କାର ଡ୍ରାଇଭର ଜଣଙ୍କ ରାଜସାକ୍ଷୀ ହେବାର ସମ୍ଭାବନା ରହିଛି।



# ସଂଚାର
THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


“ପବିତ୍ର ଜନ୍ମାଷ୍ଟମୀ ଓ ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ପାଠକପାଠିକା, ବିତରକ, ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ




Vol. 33 | ISSUE 145 | ଭାଗ ୩୩ | ସଂଖ୍ୟା ୧୪୫ | Bhubaneswar | Friday 15 August 2025 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୧୫ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଆମ ସମ୍ବିଧାନ ଓ ଗଣତନ୍ତ୍ର ସର୍ବୋପରି: ରାଷ୍ଟ୍ରପତି

# ୨୦୪୭ ସୁଦ୍ଧା ଭାରତ ହେବ ଆଇଟି ହବ୍

- ସମସ୍ତେ ସମାନ ଓ ଗାରିମାପୂର୍ଣ୍ଣ ବ୍ୟବହାର ପାଇବାକୁ ହକ୍‌ଦାର
- ସୁଶାସନ ଦ୍ୱାରା ଦାରିଦ୍ର୍ୟମୁକ୍ତ ହୋଇଛନ୍ତି ବହୁ ଭାରତୀୟ
- କାଶ୍ମୀର ଘାଟିରେ ରେଳ ସଂଯୋଗୀକରଣ ମାଇଲ୍‌ଖୁଣ୍ଟ
- ସ୍ୱାସ୍ଥ୍ୟସେବାରେ ଅସମାନତା ଦୂର କରିଛି ଆୟୁଷ୍ମାନ୍ ଭାରତ



**ନୂଆଦିଲ୍ଲୀ,୧୪।୮:** ପବିତ୍ର ୭୯ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ ଏହି ସମାରୋହ ଆମକୁ ଭାରତୀୟ ହେବାର ଗୌରବକୁ ସ୍ମରଣ କରାଏ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଆମ ପାଇଁ ଆମର ସମ୍ବିଧାନ ଓ ଗଣତନ୍ତ୍ର ସର୍ବୋପରି। ଅତୀତକୁ ଦେଖିଲେ, ଆମେ ଦେଶ ବିଭାଜନର ଯନ୍ତ୍ରଣାକୁ ଭୁଲିବା ଉଚିତ୍ ନୁହେଁ। ଆଜି ଆମେ ବିଭାଜନ ବିଭୀଷିକାର ସ୍ମୃତି ଦିବସ ପାଳନ କରିଛୁ। ବିଭାଜନ ଭୟଙ୍କର ହିଂସାର ସାକ୍ଷୀ ଥିଲା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ଦେଶାନ୍ତର ହେବାକୁ ବାଧ୍ୟ କରିଥିଲା। ଆଜି ଆମେ ଇତିହାସର ଏହି ଭୁଲର ଶିକାର ହୋଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛୁ। ପ୍ରିୟ ଦେଶବାସୀଗଣ, ଆମର ସମ୍ବିଧାନ ୪ଟି ମୂଲ୍ୟବୋଧର ଉଲ୍ଲେଖ କରିଛି ଯାହା ଆମର ଗଣତନ୍ତ୍ରକୁ ସୁଦୃଢ଼ ରଖିଛି। ଏଗୁଡ଼ିକ ହେଉଛି ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ। ଏଗୁଡ଼ିକ ହେଉଛି ଆମର ସଭ୍ୟତାର ନୀତି ଯାହାକୁ ଆମେ ସ୍ୱାଧୀନତା ସଂଗ୍ରାମ ସମୟରେ ପୁନର୍ଜୀବିତ କରିଛୁ।

ଭାରତ ବିଶ୍ୱର ସର୍ବପୁରାତନ ଗଣରାଜ୍ୟର ଭୂମି ହୋଇଆସିଛି। ଏହାକୁ ଗଣତନ୍ତ୍ରର ଜନନୀ ବୋଲି କହିବା ସମ୍ପୂର୍ଣ୍ଣ ଯଥାର୍ଥ। ଆମ ଗଣତନ୍ତ୍ରର ନିର୍ମାଣ ଆମ ଦ୍ୱାରା ଗୃହୀତ ସମ୍ବିଧାନର ମୂଳଦୁଆ ଉପରେ ନିର୍ମିତ ହୋଇଛି। ଆମେ ଗଣତନ୍ତ୍ର ଉପରେ

➪ପୃଷ୍ଠା-୫

## ଯମ ସାଜିଲା ବାଦଲଫଟା ବର୍ଷା
### ୩୩ ମୃତ, ୧୨୦ରୁ ଊର୍ଦ୍ଧ୍ୱ ଆହତ



**କିସ୍ତୱାଡ,୧୪।୮:** ଶ୍ରଦ୍ଧାଳୁଙ୍କ ପାଇଁ କାଳ ହେଲା ବାଦଲଫଟା ବର୍ଷା। ଜମ୍ମୁ କଶ୍ମୀରର କିସ୍ତୱାଡ ଜିଲ୍ଲାରେ ତାଣ୍ଡବ ରଚିଲା ପ୍ରକୃତି। ଉତ୍ତରାଖଣ୍ଡର ଧରାଳୀ ପରେ ଏବେ ଜମ୍ମୁ କଶ୍ମୀରରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ମାଟି ମିଶା ପାଣି ତଳେ ଚାପି ହୋଇଯାଇଛନ୍ତି ଶହ ଶହ ଲୋକ। ଏପର୍ଯ୍ୟନ୍ତ ୩୩ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହା ସହ ୧୨୦ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଛନ୍ତି ଉଦ୍ଧାରକାରୀ ଟିମ୍। ଅନେକ ଲୋକ ମାଟି ତଳେ ଚାପି ହୋଇଯାଇଥିବା କୁହାଯାଉଛି। ଏହି ବିପର୍ଯ୍ୟୟ ଘଟିଛି କିସ୍ତୱାଡ ଜିଲ୍ଲାର ପଡ୍ଡର

➪ପୃଷ୍ଠା-୫

## ସର୍ପାଘାତରେ ଗଲା ୪ ଜୀବନ

**ବ୍ରହ୍ମପୁର/କେନ୍ଦୁଝର,୧୪।୮(ସଂଚାର ବ୍ୟୁରୋ):** ଆଜି ରାଜ୍ୟରେ ପୃଥକ୍ ସ୍ଥାନରେ ସର୍ପାଘାତରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ଗୋଟିଏ ପଟେ ବ୍ରହ୍ମପୁରରେ ଏକ ବିଷାକ୍ତ ସାପ କାମୁଡ଼ାରେ ମାଇଁ-ଭାଣିଜୀଙ୍କର ପ୍ରାଣହାନି ଘଟିଥିବା ବେଳେ କେନ୍ଦୁଝରର ଘଷିପୁରାରେ ମା-ପୁଅ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନାନୁସାରେ, ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍‌ର ଦୁର୍ଗମ ବୁରାଡାଲ ପଞ୍ଚାୟତ ବିଲୁଗାଁରେ ଗତକାଲି ବିଳମ୍ବିତ ରାତିରେ ସାପ କାମୁଡ଼ି ଦେବାରୁ ଦମୟନ୍ତୀ ଶବର(୨୬) ଓ ଲିମି କାର୍ଜି (୧୨)ଙ୍କର ମୃତ୍ୟୁ ଘଟିଛି। ସେମାନେ ଘରେ ଶୋଇଥିବା ସମୟରେ ଉଭୟଙ୍କୁ ଉକ୍ତ ବିଷାକ୍ତ ସାପଟି କାମୁଡି ଦେଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ନେବାକୁ ପ୍ରସ୍ତୁତ ହେଉଥିଲେ ହେଁ ସେତେବେଳକୁ ସେମାନଙ୍କ ପ୍ରାଣହାନି ହୋଇସାରିଥିଲା।

➪ପୃଷ୍ଠା-୫

### ଛୁଟି ଘୋଷଣା

ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ୧୫ ତାରିଖ (ଶୁକ୍ରବାର) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ରବିବାର) ପ୍ରକାଶ ପାଇବ।

ପ୍ରକାଶକ

### 'ବିଭାଜନ ବିଭୀଷିକା ସ୍ମୃତି ଦିବସ'ରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

## ଆଗକୁ ବଢ଼ିବା ପାଇଁ ଇତିହାସକୁ ବୁଝିବା ଜରୁରୀ



**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ଇତିହାସ ଦର୍ପଣ ସଦୃଶ। ଭବିଷ୍ୟତର ପଥ ପ୍ରଦର୍ଶକ। ଏକ ସଚେତନ ସମାଜ ଇତିହାସର ବିନା ଶିକ୍ଷାରେ ଆଗକୁ ବଢ଼ିପାରିବ ନାହିଁ। ଇତିହାସରୁ ଆମେ ଶିକ୍ଷା ନେବା ଉଚିତ୍। ଆମେ ଆମ ଇତିହାସକୁ ପଢ଼ିବା ଓ ବୁଝିବା ସହ କଦାପି ଏହାକୁ ଭୁଲିବା ଉଚିତ୍ ନୁହେଁ ବୋଲି ଆଜି ରାଜଭବନଠାରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୯୪୭ ଅଗଷ୍ଟ ୧୪ରେ ଭାରତ ପାକିସ୍ତାନ ବିଭାଜନ ସମୟରେ ଘୃଣା ଓ ହିଂସା ହେତୁ ଲକ୍ଷ ଲକ୍ଷ ଭାଇ ଓ ଭଉଣୀ ବିସ୍ଥାପିତ ହେବା ସହ

➪ପୃଷ୍ଠା-୫

## ୧୦ କିମି ତିରଙ୍ଗା ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ଆଜି କଟକ ବୟାଳିଶ ମୌଜାରେ ଆୟୋଜିତ 'ହର୍ ଘର୍ ତିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା' ଶୋଭାଯାତ୍ରାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ବୟାଳିଶ ମୌଜାର ବ୍ରହ୍ମପୁର ଛକଠାରୁ କଳପଡା ପର୍ଯ୍ୟନ୍ତ ପ୍ରାୟ ୧୦ କିମି ରାସ୍ତା ଶୋଭାଯାତ୍ରାରେ ଅତିକ୍ରମ କରିଥିଲେ। ଚଳିତ ମାସରେ ଦେଶବ୍ୟାପୀ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବ୍ରହ୍ମପୁର ଛକଠାରୁ ଏକ ଖୋଲା ଜିପ୍‌ରେ ମୁଖ୍ୟମନ୍ତ୍ରୀ ହାତରେ ଜାତୀୟ ପତାକା ଧରି ଏହି ଶୋଭାଯାତ୍ରା ଆରମ୍ଭ କରିଥିଲେ। ଶହ ଶହ ବାଇକରେ ହାତରେ ଜାତୀୟ ପତାକା ସହ 'ଭାରତ୍ ମାତା କୀ ଜୟ' ଧ୍ୱନୀ ଦେଇ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ସହ

➪ପୃଷ୍ଠା-୫










ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶୁକ୍ରବାର ୧୫ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Friday 15 August 2025, Bhubaneswar

# ସ୍ୱାଧୀନତା ଓ ମୂଲ୍ୟବୋଧ

ସ୍ୱାଧୀନତା ଓ ମୂଲ୍ୟବୋଧ-ଏହି ଦୁଇଟି ଶବ୍ଦ ମାନବ ସମାଜର ମୂଳଭିତ୍ତିଭୂମିରେ ଗଭୀର ଭାବରେ ଜଡ଼ିତ। ସ୍ୱାଧୀନତା ହେଉଛି ମଣିଷର ଅନ୍ତର୍ନିହିତ ଇଚ୍ଛା, ଯାହା ତାକୁ ବନ୍ଧନମୁକ୍ତ କରି ସ୍ୱଚ୍ଛନ୍ଦରେ ଜୀବନ ଯାପନ କରିବାକୁ ଅନୁମତି ଦିଏ। ଅନ୍ୟପକ୍ଷରେ, ମୂଲ୍ୟବୋଧ



ହେଉଛି ସେହି ନୈତିକ ଆଧାର, ଯାହା ସ୍ୱାଧୀନତାକୁ ଦିଗଦର୍ଶନ ଯୋଗାଇ ସମାଜର ସୁରକ୍ଷା ଓ ଉନ୍ନତି ନିଶ୍ଚିତ କରେ। ଆଜିର ବିଶ୍ୱରେ, ଯେଉଁଠାରେ ସ୍ୱାଧୀନତାର ନାମରେ ଅରାଜକତା ବଢ଼ୁଛି, ଏହି ଦୁଇଟିର ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ।

ସ୍ୱାଧୀନତା କେବଳ ରାଜନୈତିକ କିମ୍ବା ବ୍ୟକ୍ତିଗତ ଅଧିକାର ନୁହେଁ; ଏହା ଏକ ବିଶାଳ ଧାରଣା। ଭାରତର ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ମହାନ୍ ନେତାମାନେ ସ୍ୱାଧୀନତାକୁ ମୂଲ୍ୟବୋଧ ସହିତ ଯୋଡ଼ିଥିଲେ। ଗାନ୍ଧୀଜୀଙ୍କ ଅହିଂସା ଓ ସତ୍ୟାଗ୍ରହ ମୂଲ୍ୟବୋଧର ଉଦାହରଣ ଯୋଗୁଁ ସ୍ୱାଧୀନତା ଏକ ନୈତିକ ବିପ୍ଳବ ହୋଇଥିଲା। କିନ୍ତୁ ଆଜି, ସ୍ୱାଧୀନତାର ଅପବ୍ୟବହାର ଦେଖାଯାଉଛି। ସୋସିଆଲ୍ ମିଡ଼ିଆରେ ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ଘୃଣା ପ୍ରଚାର ଓ ମିଥ୍ୟା ସୂଚନା ବିସ୍ତାର ହେଉଛି, ଯାହା ସମାଜକୁ ବିଭାଜିତ କରୁଛି। ଏହା ପ୍ରମାଣିତ କରୁଛି ଯେ ମୂଲ୍ୟବୋଧ ବିନା ସ୍ୱାଧୀନତା ବିପଦଜନକ ହୋଇପାରେ। ମୂଲ୍ୟବୋଧ ହେଉଛି ସେହି ଆଧ୍ୟାତ୍ମିକ ଓ ନୈତିକ ନିୟମାବଳୀ, ଯାହା ମଣିଷକୁ ସଠିକ୍ ପଥରେ ଚାଲିବାକୁ ପ୍ରେରଣା ଦିଏ। ଓଡ଼ିଆ ସଂସ୍କୃତିରେ ଜଗନ୍ନାଥ ସଂସ୍କୃତି ଏହାର ଉଦାହରଣ। ଏହା ସମାନତା, ଭ୍ରାତୃତ୍ୱ ଓ ସହନଶୀଳତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରେ। ଆଧୁନିକ ସମୟରେ, ଯେଉଁଠାରେ ବ୍ୟକ୍ତିବାଦ ବଢ଼ୁଛି, ମୂଲ୍ୟବୋଧର ଅବକ୍ଷୟ ହେଉଛି। ଉଦାହରଣ ସ୍ୱରୂପ, ପରିବେଶ ସଂରକ୍ଷଣର ମୂଲ୍ୟବୋଧ ବିନା ଉଦ୍ୟୋଗିକରଣର ସ୍ୱାଧୀନତା ଜଳବାୟୁ ପରିବର୍ତ୍ତନ ସୃଷ୍ଟି କରୁଛି। ଏହାର ଫଳସ୍ୱରୂପ, ଭାରତ ଭଳି ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ବଢ଼ୁଛି। ତେଣୁ, ସ୍ୱାଧୀନତାକୁ ମୂଲ୍ୟବୋଧର ଆଧାରରେ ନିୟନ୍ତ୍ରିତ କରିବା ଜରୁରୀ। ସ୍ୱାଧୀନତା ଓ ମୂଲ୍ୟବୋଧର ସମନ୍ୱୟ ହିଁ ଏକ ସୁସ୍ଥ ସମାଜର ଚାବିକାଠି। ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧର ଶିକ୍ଷା ଦେବା ଦ୍ୱାରା ଯୁବପିଢ଼ିକୁ ସ୍ୱାଧୀନ ଚିନ୍ତାଧାରାର ସହିତ ନୈତିକତାର ଶିକ୍ଷା ଦିଆଯାଇ ପାରିବ। ରାଜନୈତିକ ନେତୃତ୍ୱ ମଧ ଏହାର ଉଦାହରଣ ସୃଷ୍ଟି କରିବା ଉଚିତ୍। ଉଦାହରଣ ସ୍ୱରୂପ, ନେଲସନ୍ ମ୍ୟାଣ୍ଡେଲାଙ୍କ ଜୀବନ ସ୍ୱାଧୀନତା ସଂଗ୍ରାମରେ କ୍ଷମା ଓ ସମାନତାର ମୂଲ୍ୟବୋଧକୁ ପ୍ରତିଷ୍ଠା କରିଥିଲା। ଭାରତରେ ମଧ ଆମେ ଏହି ଆଦର୍ଶକୁ ଅନୁସରଣ କରି ଏକ ବିକଶିତ ରାଷ୍ଟ୍ର ନିର୍ମାଣ କରିପାରିବୁ।

ଶେଷରେ, ସ୍ୱାଧୀନତା ହେଉଛି ଏକ ଅଧିକାର, କିନ୍ତୁ ମୂଲ୍ୟବୋଧ ହେଉଛି ଏହାର ଦାୟିତ୍ୱ। ଉଭୟର ସମତୁଲ୍ୟତା ବିନା ସମାଜ ଅଗ୍ରଗତି କରିପାରିବ ନାହିଁ। ଆସନ୍ତୁ, ଆମେ ସମସ୍ତେ ଏହି ମୂଲ୍ୟବୋଧକୁ ଆପଣେଇ ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝିବା। ଏହା ହିଁ ଏକ ଉନ୍ନତ ବିଶ୍ୱର ଆଧାରଶିଳା ହେବ।

# ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳର ଆବଶ୍ୟକତା



**ସୁବାସ ଷଡଙ୍ଗୀ**

ଏଇ କିଛିଦିନ ତଳେ, ରାଜଧାନୀର ଗୀତଗୋବିନ୍ଦ ସଦନରେ ଏକ ଆଲୋଚନାଚକ୍ର ହେବାର ଖବର ପଢ଼ିବାକୁ ପାଇଥିବେ। ଆଲେଚନାର ବିଷୟ ଥିଲା, 'ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳର ଭୂମିକା'। ଓଡ଼ିଶା ରାଜନୀତିର ଅନେକ ବରିଷ୍ଠ ନେତା ଏଇ ଆଲେଚନାରେ ଭାଗ ନେଇ ଆଞ୍ଚଳିକ ଦଳର ଆବଶ୍ୟକତା ଓଡ଼ିଶାରେ ରହିଛି। ଓଡ଼ିଶାରେ ଆଞ୍ଚଳିକ ଦଳର ଆବଶ୍ୟକତା ନେଇ ପୂର୍ବରୁ ଏମିତି ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି। ଅନେକ କହନ୍ତି, 'ଆଞ୍ଚଳିକ ଦଳଗୁଡ଼ିକର ଉତଥାନ ଯେତେ ଅଧିକ ହେବ, ଜାତୀୟ ଦଳଗୁଡ଼ିକର ଗୁରୁତ୍ୱ ସେତେ କମିବ। କିନ୍ତୁ ଆଞ୍ଚଳିକ ଦଳଗୁଡ଼ିକ ରାଜନୀତି, ଅର୍ଥନୀତି ଓ ସାମାଜିକ କ୍ଷେତ୍ରରେ କିଛିଟା କ୍ଷମତା କେନ୍ଦ୍ର ହେଲେ ମଧ ଜାତୀୟ ଦଳର ପ୍ରାଧାନ୍ୟ କମିନାହିଁ। ଅନେକ କ୍ଷେତ୍ରରେ ଦେଖାଯାଇଛି, ଆଞ୍ଚଳିକ ଦଳଗୁଡ଼ିକ କୌଣସି ନା କୌଣସି ଜାତୀୟ ଦଳର ହାତବାରିସିରେ ପରିଣତ ହୋଇଛନ୍ତି।ଆଗରୁ କଂଗ୍ରେସ ଏମାନଙ୍କୁ ନିଜ କ୍ଷମତା ପାଇଁ ବ୍ୟବହାର କରୁଥିଲା, ଏବେ ବିଜେପି ମଧ ସେଇଆ କରୁଛି। ଏକଥା ମଧ ଦେଖାଯାଉଛି, କ୍ଷମତା ଦଖଲ ପାଇଁ ଜାତୀୟ ଦଳଗୁଡ଼ିକ ଅନେକ ସମୟରେ କ୍ଷମତାର 'ଥୋପ' ଦେଖାଇ ଆଞ୍ଚଳିକ ଦଳଗୁଡ଼ିକୁ ଭାଙ୍ଗି ଦେଉଛନ୍ତି। ଉଦାହରଣ ଦେଇ କୁହାଯାଇପାରେ, ଅତୀତର ଜନତା ଦଳ ଏବଂ ଏବେର ଶିବସେନା ଓ ଏନସିପି ଦଳ। ଅଧିକାଂଶ ଆଞ୍ଚଳିକ ଦଳ ମେରୁକରଣ ସ୍ରୋତରେ ବାଇପୋଲାର ପଲିଟିକ୍ସର ଏକ ଅଂଶମାତ୍ର। ଭାରତର ବହୁତ୍ୱ ସାଧନ ଓ ସମସ୍ୟା ଏମିତି ପରିବେଶ ଦେଇ ଯିବାକୁ ବାଧ କରେ।ଭାଷାଗତ, ଧର୍ମୀୟ, ସାଂସ୍କୃତିକ ଏବଂ ନାନାବିଧ ଆଞ୍ଚଳିକ ବୈଶିଷ୍ଟ୍ୟ ବହନ କରେ। ଯାହାଫଳରେ ସମାଜଜୀବନରେ ଅନେକ ସମସ୍ୟା ଦେଖାଦେଇଥାଏ। ଏଇ ସବୁ ସମସ୍ୟାର ସମାଧାନ କରିବା ଅନେକ ସମୟରେ ଜାତୀୟ ଦଳଗୁଡ଼ିକ ପକ୍ଷରେ ସମ୍ଭବ ହୋଇପାରେନା।ଏଣୁ ନିର୍ଦ୍ଦିଷ୍ଟ ସୀମା ଭିତରେ ପେଶି ହୋଇଯାଉଥିବା ସ୍ୱରକୁ ପାର୍ଲାମେଣ୍ଟରେ ପେଶ କରିବା ପାଇଁ ଦେଶର ବିଭିନ୍ନ ରାଜ୍ୟରେ ଅନେକ ଗୁଡ଼ିଏ ଆଞ୍ଚଳିକ ଦଳର ସୃଷ୍ଟି। ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ କେତେ ଦଳ ପ୍ରତିଷ୍ଠା ହୋଇଛି ଏବଂ ବିଳୟ ହୋଇଛି, ତାର ହିସାବ କରିବା ଦୂରୁହ। ସମାଜବାଦ ପ୍ରତିଷ୍ଠା ପାଇଁ ବୃହତ ପୁଞ୍ଜି ବିରୋଦରେ ଲଢ଼େଇର ଆବଶ୍ୟକତା ରହିଛି। ଜାତୀୟ ଦଳ ପକ୍ଷରେ ଏହା ସମ୍ଭବ ନୁହେଁ। କାରଣ ନିର୍ବାଚନ ପାଇଁ ପାଣ୍ଠି ଦରକାର। ତା ଛଡା ବିଭିନ୍ନ ରାଜ୍ୟର ବୈଷମ୍ୟ ଭିନ୍ନ ଭିନ୍ନ। ଯାହା ଗୋଟିଏ ରାଜ୍ୟଠାରୁ ଆଉ ଗୋଟିଏ ରାଜ୍ୟ ଅଲଗା।ଏଣୁ ଜାତୀୟ ଦଳ ଏହାକୁ ସମର୍ଥନ କରିବା ସମ୍ଭବ ହୁଏ ନାହିଁ। ଆଞ୍ଚଳିକ ଦଳଗୁଡ଼ିକ ଯଦି ଏଇ ସମସ୍ୟା ଭିତିରେ କ୍ଷମତାକୁ ଆସେ, ତେବେ ପାର୍ଲାମେଣ୍ଟରେ ଏକଥା ଉଠାଇ ପାରିବ। ଆଞ୍ଚଳିକ ସମସ୍ୟା ସମାଧାନ ଦିଗରେ ବାଟ ଫିଟିବ। ଉଗ୍ର ଆଞ୍ଚଳିକତାବାଦରୁ ଜନ୍ମ



ନିଏ ଆଞ୍ଚଳିକ ଦଳ। କିନ୍ତୁ ଦେଖାଯାଉଛି, ଅନେକ ସମୟରେ ଏକ ହାୱାରେ ବିଶେଷ କରି ଆଞ୍ଚଳିକତାବାଦର ସ୍ଲୋଗାନରେ କ୍ଷମତାକୁ ଆସିଲେ ମଧଲୋକଙ୍କ ସମସ୍ୟା ସମାଧାନ କରିବାକୁ ଅକ୍ଷମ ହେଉଛି। ପଂଜାବର ଅକାଳି ଦଳ ହେଉ ବା ତାମିଲନାଡୁର ଦୁଇ ଡିଏମକେ ଦଳ, ପଶ୍ଚିମବଙ୍ଗର ଟିଏମସି ଏବଂ ଶେଷରେ ଓଡ଼ିଶାର ବିଜେଡି ଦଳ। ଏମାନଙ୍କ ମଧ୍ୟରେ ଓଡ଼ିଶାର ବିଜେଡି ଦଳ କ୍ରମାଗତ ଭାବରେ ଓଡ଼ିଶାରେ କ୍ଷମତାରେ ରହିଥିଲା, କିନ୍ତୁ ଏବେବି ଅନେକ ଲୋକଙ୍କ ମତ ହେଉଛି, ଏଇ ଆଞ୍ଚଳିକ ଦଳ ଆଞ୍ଚଳିକ ବୈଷମ୍ୟ ବିରୋଧରେ ସେଭଳି କୌଣସି ବଡ ଲଢ଼େଇ କରିପାରିନି।

୧୯୫୧-୫୨ ମସିହାରେ ଭାରତରେ ପ୍ରଥମ ନିର୍ବାଚନ ହୋଇଥିଲା। ସେତେବେଳେ ଆସନ ସଂଖ୍ୟାଥିଲା ୪୬୯। କଂଗ୍ରେସ, ସୋସିଆଲିଷ୍ଟ, ସିପିଆଇ, ଜନସଂଘ ଭଳି ପନ୍ଦରଟି ରାଜନୈତିକ ଦଳ ନିର୍ବାଚନରେ ଭାଗ ନେଇଥିଲେ। ତଥାପି ସେ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଙ୍କ ସଂଖ୍ୟାଥିଲା ୫୩୩। ୨୦୨୪ ମସିହାରେ ହୋଇଥିବା ନିର୍ବାଚନରେ ଲୋକସଭା ନିର୍ବାଚନରେ ବାର ହଜାରରୁ ଅଧିକ ପ୍ରାର୍ଥୀ ନିର୍ବାଚନ ଏଡ଼ିଥିଲେ। ମୋଦିଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ଏନଡିଏ। ଏଥିରେ ସାମିଲ ହୋଇଥିଲେ ୩୮ଟି ଦଳ। କିନ୍ତୁ ପନ୍ଦର ରାଜନୈତିକ ଦଳର ପ୍ରାର୍ଥୀ ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ। ଏଥି ମଧ୍ୟରୁ ସାତଟି ରାଜନୈତିକ ଦଳର ଜଣେ ଲେଖାଏଁ ସାଂସଦ ହୋଇଥିଲେ। ସେଇପରି କଂଗ୍ରେସ ଦଳ ମଧ ୨୧ ରାଜନୈତିକ ଦଳକୁ ନେଇ ମେଣ୍ଟ କରିଥିଲା। ଏମାନଙ୍କ ଭିତରୁ ଛଅଟି ରାଜନୈତିକ ଦଳର ଜଣେ ଲେଖାଁଏ ସାଂସଦ ନିର୍ବାଚିତ ହୋଇଥିଷଲା ଲୋକସଭାରେ ଏବେ ୪୪ଟି ଦଳର ସାଂସଦ ରହିଛନ୍ତି।

ନିର୍ବାଚନ କମିଶନଙ୍କ ପାଖରେ ରେଜେଷ୍ଟ୍ରି ହୋଇଥିବା ରାଜନୈତିକ ଦଳର ସଂଖ୍ୟ ହେଉଛି, ୨୬୫୪। ଇତି ମଧ୍ୟରେ ନିର୍ବାଚନ କମିଶନ ୩୩୪ଟି ଦଳକୁ ବାଦ ଦେଇଛନ୍ତି। ଏତେ ସଂଖ୍ୟକ ରାଜନୈତିକ ଦଳର କାମ କଣ? ଭୋଟ ଭାଗ କରିବା ହେଉଛି, ଏଇ ସବୁ ଦଳର କାମ। ଆମେ ଭୋଟରମାନେ ବିଭିନ୍ନ ସମୟରେ ବିଭ୍ରାନ୍ତ ହୋଇଯାଉ। କେତେବେଳେ ଅସ୍ମିତାକୁ ନେଇ ତ ଆଉ କେତେବେଳେ ଜାତିକୁ ନେଇ। ପୁରି କେତେବେଳେ ଧର୍ମକୁ ନେଇ।ଏଣୁ ବଡ ଜାତୀୟ ଦଳମାନେ ଏମାନଙ୍କୁ ଡମି ପ୍ରାର୍ଥୀଭାବେ ନିର୍ବାଚନରେ ଠିଆ କରାଇ ବିରୋଧୀଙ୍କ ଭୋଟ ଭାଙ୍ଗି ନିଜକୁ ଜିତାନ୍ତି। ଭାରତର ସର୍ବବୃହତ ରାଜନୈତିକ ଦଳ କଂଗ୍ରେସ ଅବସ୍ଥା ଚକ୍ରରେ ଖାପ ଖୁଆଇ ନପାରି ମେଣ୍ଟ ରାଜନୀତିକୁ ଗ୍ରହଣ କରିନେଇଥିଲା। ଏବେ ବିଜେପି ମଧ ସେଇ ପଥରେ। ଓଡ଼ିଶାରେ ଆଞ୍ଚଳିକ ଦଳ ଗଠନର ଆବଶ୍ୟକତା ନେଇ ଅନେକ ସମୟରେ ସ୍ୱର ଉଠିଚି। ତାର କାରଣ ଆଞ୍ଚଳିକ ବୈଷମ୍ୟ। ନିଜ ମାଟି ପାଇଁ ଏବଂ ନିଜ ଅଞ୍ଚଳର ସମସ୍ୟାର ସମାଧାନ ଲକ୍ଷ୍ୟ ପାଇଁ ଭୋଟ ନେବା ହେଉଛି ଏକ କୌଶଳ ମାତ୍ର।

ବିଜେଡି ଗଠିତ ହୋଇଥିଲା, ବିଜୁବାବୁଙ୍କ ଅଧିକାଂଶ ଅନୁଗତମାନଙ୍କୁ ନେଇ। କାରଣ ତାଙ୍କ ମୃତ୍ୟୁପରେ ଅନେକ ନେତା ନିଜର ରାଜନୈତିକ ଭବିଷ୍ୟତ ପାଇଁ ବିଜେପିମୁହାଁ ହୋଇଥିଲେ। ଏଣୁ ଆଞ୍ଚଳିକ ଦଳ ଗଠନ କରି ସମସ୍ତଙ୍କୁ ଏକାଠି କରି ରଖିବା ଥିଲା ଲକ୍ଷ୍ୟ। କିଛି ନେତାଙ୍କୁ ଏକ ନୂଆ ପ୍ଲାଟଫର୍ମ ମଳିଳିଗଲା।

ଆଞ୍ଚଳିକ ଦଳ ଦୁଇଟି ପ୍ରସଙ୍ଗ ଉପରେ ନିର୍ଭର କରେ। ପ୍ରଥମଟି ହେଲା ବ୍ୟକ୍ତିକୈନ୍ଦ୍ରିକ। ଦ୍ୱିତୀୟଟି ହେଲା ପ୍ରସଙ୍ଗ କୈନ୍ଦ୍ରିକ। ସାରା ରାଜ୍ୟରେ ନିଜର ପ୍ରଭାବ ବିସ୍ତାର କରିଥିବା ନେତାଙ୍କ ନେତୃତ୍ୱରେ ଆଞ୍ଚଳିକ ଦଳ ଗଠିତ ହେଲେ, ତାହା ସଫଳ ହୁଏ। ଯେମିତି ବିଜୁବାବୁଙ୍କ ନାମରେ ନାମିତ ଦଳକୁ ତାଙ୍କ ପୁଅ ଚଳାଇଲେ। ବିଜୁବାବୁଙ୍କ ପୁଅ, ହିସାବରେ ଓଡ଼ିଶାର ଲୋକମାନେ ତାଙ୍କୁ ସମର୍ଥନ କଲେ। ପ୍ରସଙ୍ଗ ଭିତିକ ହେଲା ଆସାମ ଗଣ ପରିଷଦ। ଏଇ ଦଳ ଏକ ଆନ୍ଦୋଳନରୁ ଜନ୍ମ। ପରବର୍ତୀ ସମୟରେ ଲୋକଙ୍କ ସମର୍ଥନ ଦେଖି ରାଜନୈତିକ ଦଳରେ ପରିଣତ ହେଲା। ସେଇଭଳି ମହାରାଷ୍ଟ୍ରରେ ଶିବସେନା, ପଂଜାବରେ ଅକାଳି ଦଳ, ପଶ୍ଚିମବଙ୍ଗରେ ମମତା। କିନ୍ତୁ ଓଡ଼ିଶାରେ ଯେ ପର୍ଯ୍ୟନ୍ତ ବିଜେଡି ଅଛି ଏବଂ ନ ଭାଙ୍ଗିଛି, ଆଉ ଏକ ଆଞ୍ଚଳିକ ଦଳ ଗଠିତ ହେବା ସ୍ୱପ୍ନ। ଏରୁ ବିଜୟ ମହାପାତ୍ର କହିଛନ୍ତି, ଯାହା ହେବ ୨୦୨୬ ପରେ। ତା ପୂର୍ବରୁ ନୁହେଁ। କାରଣ ତା ପୂର୍ବରୁ ବିଜେଡି ଭାଙ୍ଗିବ ନାହିଁ।

# ସମୂହ ଧ୍ୱନି ସ୍ୱାଧୀନତାର ମୂଳମନ୍ତ୍ର



**କିଶୋର ଚନ୍ଦ୍ର ବେହେରା**

ଦୀର୍ଘ ୨୦୦ ବର୍ଷ ଧରି ବ୍ରିଟିସ୍ ଶାସନ ଚକ ତଳେ ପେଶି ହେଉଥିବା ଦେଶବାସୀ ଆଜି ଦିନରେ ସ୍ୱାଧୀନତାର ସ୍ୱାଦ ଚାଖିଥିଲେ। ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ବର୍ଷର ଇତିହାସ ସବୁଦିନ ପାଇଁ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ଆଜି ଭାରତ ସ୍ୱାଧନତାର ୭୮ ବର୍ଷ ପୁରୁଣ କରି ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଛି। ତେବେ ଆସନ୍ତୁ ଜାଣିବା ଭାରତର କିଛି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ବିଷୟରେ। ଭାରତୀୟ ସ୍ୱାଧୀନତା ସଂଗ୍ରାମ ବିଷୟରେ ଆଲୋଚନା କଲେ ଜଣାଯାଏ ୧୮୮୫ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଇଂରାଜମନଙ୍କ ବିରୋଧରେ ସଂଗ୍ରାମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ୧୮୮୫ ରୁ ୧୯୦୫ ମସିହା ପର୍ଯ୍ୟନ୍ତ ଏହାକୁ ନରମପନ୍ଥୀ ଯୁଗରେ ଅଭିହିତ କରାଯାଇଥିଲା ବେଳେ ଏହାର ନେତୃତ୍ୱ ନେଇଥିଲେ ଉମେଶ ଚନ୍ଦ୍ର ବାନାର୍ଜୀ, ଗୋପାଳ କୃଷ୍ଣ ଗୋଖଲେ, ସୁରେନ୍ଦ୍ର ନାଥ ବାନାର୍ଜୀ, ଫିରୋଜ୍ ସହା ମେହେଟା, ଦାଦାଭାଇ ନାରୋଜୀ, ବଦରୁଦ୍ଦୀନ୍ ତୟାବଜୀ, ମଦନମୋହନ ମାଲବ୍ୟ, ରାସ ବିହାରୀ ଘୋଷ, ଦିନଶାହାଓଚା, କାଶୀନାଥ ତ୍ରିମ୍ବକ ତୈଲଙ୍ଗ, ମୁକୁନ୍ଦ ରାମାରାଓ ଜୟକର ପ୍ରଭୃତି ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ୧୯୦୬ ମସିହାରୁ ୧୯୧୯ ପର୍ଯ୍ୟନ୍ତ ମଧ୍ୟରେ ଚରମପନ୍ଥୀ ଯୁଗକୁ ଲାଲ-ବାଲ-ପାଲ ଯୁଗରେ ଅଭିହିତ କରାଯାଇଥିଲା। ଲାଲ ଲଜପତ ରାୟ, ବିପିନ୍ ଚନ୍ଦ୍ର ପାଲ୍ ଓ ବାଲ୍ ଗଙ୍ଗାଧର ତିଳକ ବ୍ୟତିରକେ ବଙ୍ଗଳାର ଅଶ୍ୱିନୀ କୁମାର ଦତ୍ତ, ଚକ୍ରବର୍ତ୍ତୀ ବିଦିଆ, ରାଘବ ଚାରିଆର, ଅରବିନ୍ଦ ଘୋଷ, ଆନିବେସାଣ୍ଟ, ଓ ଆସଫ ଅଲି ପ୍ରଭୃତି ଥିଲେ ଅନ୍ୟତମ। ୧୯୧୯ ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଯୁଗକୁ ଗାନ୍ଧୀ ଯୁଗ ନାମରେ ଅଭିହିତ କରାଯାଇଥିଲା, କାରଣ ସେ ହିଁ ଭାରତୀୟ ମୁକ୍ତି ସଂଗ୍ରାମର ଅଗ୍ରଦୂତ ସାଜିଥିଲେ। ମହାତ୍ମା ଗାନ୍ଧୀ ଦୁଇଟି 'ଅ' ଅମାଘ ଅସ୍ତ୍ର କରି ଇଂରେଜମାନଙ୍କ ବିରୋଧରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଥିଲେ 'ଅହିଂସା ଓ ଅସହଯୋଗ'। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସଂଗ୍ରାମୀମାନଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା, ସେମାନଙ୍କ ସାମୂହିକ ଧ୍ୱନି ସ୍ୱାଧୀନତାର ନୂତନ ସୂର୍ଯ୍ୟାଲୋକ ଦେଖିବାରେ ସେତିକି ସହାୟତା କରିଥିଲା। ଲାଲା ଲଜପତ ରାୟ ଲାହୋରଠାରୁ ଏକ ସନ୍ଦର୍ଭ ଆରମ୍ଭ କରିଥିଲେ ଯାହାର ନାମ ଥିଲା "ବନ୍ଦେ ମାତରମ"। "ବନ୍ଦେ ମାତରମ" ଭାରତୀୟ ସ୍ୱାଧୀନତା କାଳରେ ଫିରିଙ୍ଗିମାନଙ୍କ ବିରୋଧରେ ଏକ ସାମୂହିକ ଧ୍ୱନି ଥିଲା। ସମସ୍ତ ଧାରଣା ଓ ଅନଶନରେ "ବନ୍ଦେ ମାତରମ" ବୋଲି ସ୍ଲୋଗାନ ଦିଆଯାଉଥିଲା। ଫିରିଙ୍ଗିମାନେ ଭୟଭୀତ ହୋଇ ଏହାକୁ ଅନ୍ୟାୟ ଭାବରେ ଘୋଷଣା କରି ବନ୍ଦେ ମାତରମ ବୋଲୁଥିବା ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ କାରାଗାରରେ ଭର୍ତ୍ତି କରୁଥିଲେ। ୧୯୦୭ରେ ଭିକାଜି କାମା (୧୮୬୧-୧୯୩୬) ଷ୍ଟୁଟଗର୍ଟ, ଜର୍ମାନୀ ଠାରେ ଭାରତର ପ୍ରଥମ ତ୍ରିରଙ୍ଗା ଜାତୀୟ ପତାକା ତିଆରି କରିଥିଲେ ଯାହା ମଝିରେ "ବନ୍ଦେ ମାତରମ" ଲେଖାଯାଇଥିଲା। ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ହୀରାଲାଲ ସେନ ୧୯୦୫ରେ ଭାରତର ପ୍ରଥମ ରାଜନୀତିକ ଫିଲ୍ମ ତିଆରି କରିଥିଲେ ଯାହାର ନାମ ରଖିଥିଲେ"ବନ୍ଦେ ମାତରମ"। ପ୍ରଥମ ଭାରତୀୟ ଜାତୀୟତାବାଦୀ, ଯିଏକି ସ୍ୱରାଜ ହିଁ ଦେଶର ଭାଗ୍ୟ ଭାବରେ ଗ୍ରହଣ କରିଥିଲେ ବାଲ ଗଙ୍ଗାଧର ତିଲକ। ତତ୍କାଳୀନ ବ୍ରିଟିଶ ଶିକ୍ଷାକୁ ଗଭୀର ବିରୋଧ କରିଥିଲେ। ଭାରତର ସଂସ୍କୃତି, ଇତିହାସ ଏବଂ ମୂଲ୍ୟବୋଧକୁ ଅଣଦେଖା କରି ବଦନାମ କରିବାକୁ ଲାଗିଲେ ବ୍ରିଟିର ଗୋରା ସାହେବମାନେ। ଜାତୀୟତାବାଦୀଙ୍କ ପାଇଁ ଅଭିବ୍ୟକ୍ତିର ସ୍ୱାଧୀନତାକୁ ପ୍ରତ୍ୟାଖ୍ୟାନ କରିବା ଏବଂ ସେମାନଙ୍କ ଦେଶର କାର୍ଯ୍ୟରେ ସାଧାରଣ ଭାରତୀୟଙ୍କ ପାଇଁ କୌଣସି ସ୍ୱର କିମ୍ବା ଭୂମିକା ଅଭାବରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହିସବୁ କାରଣରୁ ସେ ସ୍ୱରାଜକୁ ପ୍ରାକୃତିକ ଏବଂ ଏକମାତ୍ର ସମାଧାନ ବୋଲି ବିବେଚନା କଲେ। ତାଙ୍କର ଲୋକପ୍ରିୟ ବାକ୍ୟ "ସ୍ୱରାଜ ମୋର ଜନ୍ମଗତ ଅଧିକାର, ଏବଂ ମୁଁ ଏହା ନିଶ୍ଚୟ ହାସଲ କରିବି " ଭାରତୀୟଙ୍କ ପାଇଁ ପ୍ରେରଣା ଉତ୍ସ ହୋଇପାରିଥିଲା।

ଭାରତୀୟମାନଙ୍କର ଅଧିକାର ଏବଂ ସ୍ୱାଧୀନତା ପାଇଁ "କାରୋ ୟା ମାରୋ" ("କର କିମ୍ବା ମର") ୧୯୪୨ ମସିହାରେ ଭାରତଛଡା ଆନ୍ଦୋଳନ ତଥା ଅଗଷ୍ଟ ବିପ୍ଳବରେ ମହାତ୍ମା ଗାନ୍ଧୀ ଏହି ସମୂହ ଧ୍ୱନିକୁ ବ୍ୟବହାର କରି ଶହ ଶହ ଭାରତୀୟ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ସୁଦୂର ବର୍ଲିନରୁ ଆଜାଦ ହିନ୍ଦ ରେଡ଼ିଓ ମାଧମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। "ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି" ଆହ୍ୱାନରେ ସମସ୍ତଙ୍କୁ ଏକଜୁଟ କରିଥିଲେ ନେତାଜୀ ସୁବାଷ ଚନ୍ଦ୍ର ବୋଷ। ୧୯୪୪ ମସିହାରେ ଭାରତୀୟ ମାନଙ୍କ ସ୍ୱତନ୍ତ୍ରତାର ସୁରକ୍ଷା ନିମନ୍ତେ 'ଦିଲ୍ଲୀ ଚାଲ୍' ସମସ୍ତଙ୍କ ମନରେ ସଂଗ୍ରାମୀ ମନୋଭାବ ସୃଷ୍ଟି କରିଥିଲେ। ଦେଶର ଇତିହାସ ଏବଂ ସ୍ୱାଧୀନତା ଆନ୍ଦୋଳନରେ ମୁସଲମାନଙ୍କ ଭୂମିକା ଗୁରୁତ୍ୱ ବହନ କରିଥିଲା। 'ଭାରତ ମାତା କି ଜୟ' ଏବଂ 'ଜୟ ହିନ୍ଦ'ର ସ୍ଲୋଗାନ ପ୍ରଥମେ ଦୁଇ ମୁସଲମାନ ଦେଇଥିଲେ। 'ଭରତ ମାତା କି ଜୟ' ସ୍ଲୋଗାନ ଦେଇଥିବା ପ୍ରଥମ ବ୍ୟକ୍ତି ହେଉଛନ୍ତି ଅଜିମୁଲ୍ଲା ଖାନ , 'ଜୟ ହିନ୍ଦ'ର ସ୍ଲୋଗାନ ଦେଇଥିଲେ ଆବିଦ୍ ହାସନ ଓ 'ସାଇମନ୍ ଗୋ ବ୍ୟାକ୍' ନାରା ବି ଦେଇଥିଲେ ପୁରୁଖୀ ମୁସଲମାନ ରାଜନେତା ୟୁସୁଫ୍ ମହମ୍ମଦ ଇକବାଲଙ୍କ ପ୍ରସିଦ୍ଧ ରଚନା ''ସାରେ ଜହାଁ ସେ ଅଚ୍ଛା'' ଗୀତକୁ ଅନୌପଚାରିକ ଭାବେ ଭାରତର ଜାତୀୟ ସଂଗୀତର ମାନ୍ୟତା ମିଳିଛି। ଏହି କବିତାଟି ୧୬ ଅଗଷ୍ଟ ୧୯୦୪ ମସିହାରେ ସାପ୍ତାହିକ ପତ୍ରିକାରେ ପ୍ରକାଶିତ ହୋଇଥିଲା ଏବଂ ସର୍ବପ୍ରଥମେ ସେ ସରକାରୀ କଲେଜ ଲାହୋରରେ ପଢ଼ି ଶୁଣାଇଥିଲେ। ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଜନ ଜାଗରଣ ସୃଷ୍ଟି କରିବାରେ ଅଦ୍ୱିତୀୟ ଭୂମିକା ଗ୍ରହଣ କରିଥିଲା। "ସତ୍ୟମେବ ଜୟତେ" ମୁଣ୍ଡକ ଉପନିଷଦର ଏକ ହିନ୍ଦୁ ମନ୍ତ୍ର। ଭାରତର ସ୍ୱାଧୀନତା ପରେ ଏହାକୁ ଜାତୀୟ ବାଣୀ ଭାବରେ ଗ୍ରହଣ କରାଯାଇ ଜାତୀୟ ଚିହ୍ନ ଅଶୋକସ୍ତମ୍ଭର ତଳେ ଏହା ଦେବନାଗରୀ ଲିପିରେ ଖୋଦିତ ହୋଇଛି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ: ୯୪୩୭୯୫୫୫୬୮**

# ଅମୃତମୟ ଜୀବନର ଅଭିଲେଖ 'ଜନ୍ମାଷ୍ଟମୀ'



**ଶ୍ରୀମତୀ ରୀତା ସ୍ୱାଇଁ**

ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ମାନବ ରୂପରେ ଧରାବତରଣ କରିଥିଲେ ଭଗବାନ ବିଷ୍ଣୁ। ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର। ବନ୍ଦୀଶାଳାରେ ମାତାପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣର ଉଦ୍ଦେଶ୍ୟ। ସେ ଦୁଷ୍ଟଶକ୍ତିର ବିନାଶ ଓ ଧର୍ମର ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି। ତାଙ୍କର ଏହି ମାନବଲୀଳା ହିଁ ପୃଥିବୀର ସମସ୍ତପ୍ରକାର କଳୁଷ ନାଶ କରିବା ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତି କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବତାଙ୍କ ଅନୁରୋଧକୁ ରକ୍ଷାକରି ସେ ଜନ୍ମ ନେଇଛନ୍ତି।

ଦ୍ୱାପର ଯୁଗରେ ପୃଥିବୀପୃଷ୍ଠରେ ଲଗାତାର ପାପୀ, ଅଧର୍ମୀ ଓ ଅସୁରମାନଙ୍କର ଅତ୍ୟାଚାର ବଢ଼ିବାରେ ଲାଗିଥିଲା। ସେମାନଙ୍କ ଅତ୍ୟାଚାରରେ ପୃଥିବୀ ତ୍ରାହି ତ୍ରାହି କରୁଥିଲା। ପୃଥିବୀମାତା ନିଜର ଉଦ୍ଧାର ପାଇଁ ଏକ ଗାଈର ରୂପ ଧାରଣକରି ବ୍ରହ୍ମାଙ୍କ ନିକଟକୁ ଗଲେ। ବ୍ରହ୍ମା ସବୁ ଦେବାଦେବୀଙ୍କ ସହ ପୃଥିବୀ ମାତାଙ୍କୁ ନେଇ ଭଗବାନ ବିଷ୍ଣୁଙ୍କ ପାଖରେ ଏହାର ନିବାରଣ ପାଇଁ ଗୁହାରି କରିଥିଲେ। ବିଷ୍ଣୁ ବ୍ରହ୍ମଦେବଙ୍କୁ କହିଲେ, ମୁଁ ମଥୁରାରେ କଂସ ଭଉଣୀ ଦେବକୀଙ୍କ ଗର୍ଭରୁ କୃଷ୍ଣ ରୂପରେ ଜନ୍ମନେବି। ପାପୀମାନଙ୍କର ବିନାଶ କରି ପୁନଃ ଧର୍ମର ସ୍ଥାପନା କରିବି।

ମଥୁରାର ରାଜା ଥିଲେ ମହାବଳୀ କଂସ। ସେ ଅତ୍ୟନ୍ତ ନିଷ୍ଠୁର ଏବଂ ଅତ୍ୟାଚାରୀ ଥିଲେ। କଂସର ପିତା ଥିଲେ ମହାରାଜା ଉଗ୍ରସେନ। କଂସ ବଡ଼ ହେବାପରେ ତାର ପିତାଙ୍କୁ ବନ୍ଦୀକରି ନିଜେ ରାଜଗାଦୀ ଲୁଟିନେଇଥିଲା। ତାର ଏମିତି କଠୋର ଅତ୍ୟାଚାରରେ ସାରା ପୃଥିବୀ ଥରି ଉଠୁଥିଲା। ସେହି ସମୟରେ କଂସର ଭଉଣୀ ଦେବକୀଙ୍କ ସହ ବସୁଦେବଙ୍କର ବିବାହ ହୋଇଥିଲା। ରାଜା କଂସ ନିଜର ଭଉଣୀ ଦେବକୀ ଏବଂ ବସୁଦେବଙ୍କୁ ରଥରେ ବସାଇ ନଗର ପରିକ୍ରମା କରୁଥିବା ସମୟରେ ଦିବ୍ୟବାଣୀ ହୋଇଥିଲା, 'ଯେଉଁ ଦେବକୀଙ୍କୁ ତୁ ଏତେ ଆଦରର ସହ ପରିକ୍ରମା କରାଉଛୁ ତାଙ୍କ ଗର୍ଭରୁ ଜନ୍ମ ଅଷ୍ଟମ ଗର୍ଭର ସନ୍ତାନ ତୋ ମୃତ୍ୟୁର କାରଣ ହେବ।' ଏକଥା ଶୁଣି କଂସ ଭୟରେ ଥରିଉଠିଲା। କ୍ରୋଧ ଜର୍ଜରିତ ହୋଇ ରଥରୁ ଓହ୍ଲାଇପଡ଼ି ଦେବକୀଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲା। ଏହାଦେଖି ବସୁଦେବ ତାର ପାଦଧରି ଅନୁରୋଧ କଲେ, ମୋର ଅଷ୍ଟମ ସନ୍ତାନ ଜନ୍ମହେବା ପରେ ମୁଁ ତୁମକୁ ତୁରନ୍ତ ଦେଇଦେବି। ଏହାପରେ କଂସ ଦୁହିଁଙ୍କୁ ମଥୁରାର କାରାଗାରରେ ବନ୍ଦୀ କରି ରଖିଥିଲା। ଦେବକୀ ଓ ବସୁଦେବ ବନ୍ଦୀ ହୋଇ ରହିଲେ। କାରାଗାରରେ ଦେବକୀ ସାତଟି ପୁତ୍ରକୁ ଜନ୍ମ ଦେଇଥିଲେ। ସେଥିମଧ୍ୟରୁ ଛଅଟି ପୁତ୍ରର ହତ୍ୟା କଂସ କରିଥିଲା। ସପ୍ତମ ପୁତ୍ର ବଳରାମ ଥିଲେ, ଯିଏକି ରୋହିଣୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ। ଦେବକୀ ଅଷ୍ଟମ ସନ୍ତାନ ଧାରଣ କରିବା ପରେ କଂସ କାରାଗାରର ସୁରକ୍ଷା ଆହୁରି ବଢ଼ାଇ ଦେଇଥିଲା।

ସେହି ସମୟରେ ବସୁଦେବଙ୍କ ବନ୍ଧୁ ନନ୍ଦରାଜାଙ୍କ ପତ୍ନୀ ଯଶୋଦା ମଧ ଗର୍ଭବତୀ ଥିଲେ। ଭାଦ୍ରବ ମାସ କୃଷ୍ଣପକ୍ଷ ତିଥି ରୋହିଣୀ ନକ୍ଷତ୍ର ବୃଷରାଶିର ସଂଯୋଗ ସମୟ ତଥା ନିଶାର୍ଦ୍ଧରେ ଶ୍ରୀକୃଷ୍ଣ ଦେବକୀଙ୍କ ଗର୍ଭରୁ ଜନ୍ମନେଲେ। କୃଷ୍ଣଙ୍କୁ ଜନ୍ମଦେଇ ମାତା ଦେବକୀ ମୂର୍ଚ୍ଛା ହୋଇଯାଇଥିଲେ। ସେହି ସମୟରେ ଏକ ତେଜଆଲୋକ ପ୍ରକାଶ ସହିତ ଭଗବାନ ବିଷ୍ଣୁ, ବସୁଦେବଙ୍କ ସାମ୍ନାରେ ପ୍ରକଟିତ ହୋଇ କହିଥିଲେ, "ମୁଁ ତୁମର ଅଷ୍ଟମ ଗର୍ଭର ସନ୍ତାନ ରୂପରେ ଜାତ ହୋଇଛି। ତୁମର ସପ୍ତମ ଗର୍ଭର ସନ୍ତାନ ମଧ ଜୀବିତ ରହିଛି। ମୁଁ ମୋର ଦୈବୀଶକ୍ତି ବଳରେ ବସୁଦେବଙ୍କର ଅନ୍ୟତମ ପତ୍ନୀ ରୋହିଣୀ ଗର୍ଭରେ ତାଙ୍କୁ ଅର୍ପଣ କରିଛି। ତୁମମାନଙ୍କର ଦୁଃଖ ଖୁବ୍‌ଶୀଘ୍ର ଦୂର ହେବ। ପାପୀ କଂସର ବଧ



କରିବା ପାଇଁ ତୁମେ ତୁରନ୍ତ ମୋତେ ତୁମ ବନ୍ଧୁ ନନ୍ଦଙ୍କ ଘରକୁ ନେଇଚାଲ। ଯଶୋଦାଙ୍କ ବିଜୁଳି କନ୍ୟାକୁ ଆଣି କଂସ ହାତରେ ଦେଇଦିଅ।" ତତ୍‌କ୍ଷଣାତ୍ କାରାଗାରର ସମସ୍ତ କବାଟ ଖୋଲିବା ସହିତ ବସୁଦେବ ଓ ଦେବକୀଙ୍କ ହାତକଡ଼ି ଖୋଲିଯାଇଥିଲା। ସେତେବେଳେ ସମସ୍ତ ପ୍ରହରୀ ଜଗୁଆଳ ନିଦରେ ଶୋଇପଡ଼ିଥିଲେ। ବସୁଦେବ କୃଷ୍ଣଙ୍କୁ ଏକ ଝୁଡ଼ିରେ ରଖି ଗୋକୁଳ ଆଡ଼କୁ ପ୍ରସ୍ଥାନ କଲେ। ସେତେବେଳକୁ ରାତି ପାହିବା ପାହିବା ହେଉଥାଏ। ମଥୁରାର ସମସ୍ତ ନରନାରୀ ପ୍ରଗାଢ଼ ନିଦ୍ରାରେ ଶୋଇଯାଇଥାନ୍ତି। ବସୁଦେବ ଯମୁନା ନଦୀକୁ ପାର ହୋଇ ଗୋକୁଳକୁ ପହଞ୍ଚିବାକୁ ଚିନ୍ତା କରୁଥାନ୍ତି। ସେହି ସମୟରେ ବାହାରେ ଝଡ଼ତୋଫାନ ଏବଂ ପ୍ରବଳ ବର୍ଷା ହେବା ଯୋଗୁ ଯମୁନା ନଦୀରେ ବନ୍ୟା ଆସିଥିଲା। ବସୁଦେବ ପାଣିର ସୁଅକୁ ନ ଡରି ଭଗବାନଙ୍କ ନାମ ଧରି ନଦୀପାର ହେବା ପାଇଁ ନଦୀ ମଧ୍ୟରେ ପ୍ରବେଶ କରିଥିଲେ। ଭଗବାନ କୃଷ୍ଣଙ୍କୁ ବର୍ଷାରୁ ବଞ୍ଚାଇବା ପାଇଁ ସ୍ୱୟଂ ବାସୁକୀନାଗ ନିଜର ଫଣାଢାଙ୍କି ତାଙ୍କୁ ସୁରକ୍ଷା ଦେଉଥିଲେ। ଭଗବାନଙ୍କୁ ନଦୀ ପାର କରାଇବା ପାଇଁ ଦେବୀ ଯମୁନା ମଧ ନଦୀକୁ ଦୁଇଭାଗ କରି ରାସ୍ତା ଦେଇଥିଲେ। ଏହାପରେ ବସୁଦେବ ଯମୁନା ନଦୀ ପାର ହୋଇ ଗୋକୁଳରେ ପହଞ୍ଚିଗଲେ। ସେ ନନ୍ଦରାଜାଙ୍କ ଘରେ ପହଞ୍ଚିବା ସମୟରେ ଘରକବାଟ ଖୋଲାଥିଲା। ସେହି ସମୟରେ ଯଶୋଦା ଏକ କନ୍ୟାସନ୍ତାନ ଜନ୍ମଦେଇ ଗଭୀର ନିଦ୍ରାରେ ଶୋଇଯାଇଛନ୍ତି। ବସୁଦେବ ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ କୋଳରେ ଦେଇ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଆଣି ମଥୁରା ଫେରିଆସିଲେ।

କଂସ ଅଷ୍ଟମ ସନ୍ତାନ ଜନ୍ମହେବା କଥା ଶୁଣି କାରାଗାରକୁ ଆସି ଦେଖିଲେ ଯେ ସେ ଜଣେ କନ୍ୟା ଥିଲେ। ତଥାପି କଂସ ସେହି କନ୍ୟାର ବଧ କରିବାକୁ ବାହାରିଲେ। ସେହି ସମୟରେ ଯୋଗମାୟା ନିଜର ରୂପ ଧାରଣକରି କହିଲେ "ମୂର୍ଖ, ମୋତେ ମାରିଦେଲେ କ'ଣ ହେବ, ତୋ କାଳ ତ ବୃନ୍ଦାବନରେ ପହଞ୍ଚିଯାଇଛି। ତୋର ଅନ୍ତ ନିକଟ ହୋଇଆସିଲା।" ଏହାପରେ କଂସ ବୃନ୍ଦାବନର ସବୁ ନବଜାତ ଶିଶୁଙ୍କର ବଧ କରିବା ପାଇଁ ରାକ୍ଷସମାନଙ୍କୁ ପଠାଇଥିଲେ। କିନ୍ତୁ ଶ୍ରୀକୃଷ୍ଣଙ୍କର କିଛି କ୍ଷତି ହୋଇ ନଥିଲା। ଶ୍ରୀକୃଷ୍ଣଙ୍କ ହାତରେ କଂସର ବଧ ହେଲା। ତେଣୁ ଶ୍ରୀକୃଷ୍ଣଙ୍କର ସମ୍ପୂର୍ଣ୍ଣ ପିଲାବେଳ ଗୋକୁଳରେ ବିତିଥିବାରୁ ଏହାକୁ ଗୋକୁଳ ଅଷ୍ଟମୀ ମଧ କହନ୍ତି। ପ୍ରଭୁ ଶ୍ରୀକୃଷ୍ଣଙ୍କର ଏହି ପବିତ୍ର ଜନ୍ମଦିନକୁ ଜନ୍ମାଷ୍ଟମୀ ରୂପେ ପାଳନ କରାଯାଏ।

**ପୂଜାବିଧି:** ପ୍ରଭୁ ବିରାଜମାନ କରିବା ସ୍ଥାନଟିକୁ ଗଙ୍ଗାଜଳ ଓ ପଞ୍ଚାମୃତ ଦେଇ ସ୍ୱଚ୍ଛ କରାଇବା ସହିତ ସଜାଇ ଦିଆଯାଏ। ପୂଜା ପାଇଁ ଆବଶ୍ୟକ ସାମଗ୍ରୀକୁ ସଜାଡ଼ି ରଖାଯାଏ। କଳସ ସ୍ଥାପନା ପରେ ଠାକୁରଙ୍କୁ ସୁବାସିତ ଜଳ ଓ ପଞ୍ଚାମୃତରେ ସ୍ନାନ କରାଇ ନୂଆ ବସ୍ତ୍ର ପିନ୍ଧାଇ ବିରାଜମାନ କରାଯାଏ। ଠାକୁରଙ୍କର ଅଳଙ୍କାର ସହିତ ଫୁଲ, ସିନ୍ଦୂର, ଚନ୍ଦନ, ଦୂବ ଓ ବରକୋଳିପତ୍ର ଆଦି ଦେଇ ସୁବେଶ କରାଯାଏ। ଆଳତୀ କରାଯାଇ ପ୍ରାତଃ ଭୋଗ ଲଗାଯାଏ। ବହି ପଢ଼ିସାରିବା ପରେ ନାନାପ୍ରକାର ବ୍ୟଞ୍ଜନ ତିଆରି କରି ପ୍ରସାଦ ଲଗାଯାଏ। ଯେହେତୁ ନିଶାର୍ଦ୍ଧରେ ପ୍ରଭୁ ଜନ୍ମନେବେ, ତେଣୁ ସନ୍ଧ୍ୟା ସମୟରେ ଆଳତୀ ସାରିବା ପରେ ଠାକୁରଙ୍କର ଜନ୍ମନୀତି ଅନୁସାରେ କାକୁଡ଼ି କିମ୍ବା କଂସାପାତ୍ରରେ ଫୁଲ ପକାଇ ଠାକୁରଙ୍କୁ ଲୁଚାଇବା ନୀତି ମୁତାବକ ଲୁଚାଇ ଦିଆଯାଏ। ଜନ୍ମନୀତି ପାଇଁ ସବୁକିଛି ପାଖରେ ସଜାଡ଼ି ରଖି ଦିଆଯାଇଥାଏ। ମଧ୍ୟରାତ୍ରରେ ପ୍ରଭୁ ଜନ୍ମହେବା ପରେ ପଞ୍ଚାମୃତ ଓ ସୁବାସିତ ଜଳରେ ସ୍ନାନ କରାଇ ପୂର୍ବପରି ପ୍ରଭୁଙ୍କୁ ସୁବେଶ କରାଯାଏ। ତା'ପରେ ଆଳତୀ କରାଇ ପ୍ରଭୁଙ୍କ ନିକଟରେ ବ୍ୟଞ୍ଜନ ଲଗାଯାଏ। ସର୍ବଶେଷରେ ପ୍ରଭୁଙ୍କୁ ଝୁଲଣ କରାଯାଏ। ତା'ପରେ ପ୍ରଭୁଙ୍କ ପ୍ରସାଦ ପାଇ ବ୍ରତଧାରୀମାନେ ନିଜର ବ୍ରତ ଉଦ୍‌ଯାପନ କରନ୍ତି। ଏହିପରି ଭାବେ ଜନ୍ମାଷ୍ଟମୀ ପାଳନ କଲେ ସୃଷ୍ଟିରୁ ବିଯୁକ୍ତାତ୍ମକ ଶକ୍ତିର କ୍ଷୟ ହୁଏ ଏବଂ ସୃଜନାତ୍ମକ ଶକ୍ତିର ବିକଶିତ ହୁଏ। ଏଥିସହିତ ସନ୍ତାନମାନେ କାଳଗ୍ରହରୁ ରକ୍ଷା ପାଆନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଅଷ୍ଟମ ଗର୍ଭକୁ ଆମ ସଂସ୍କୃତିରେ ଅତି ଶୁଭ ବୋଲି ମନେ କରାଯାଇଥାଏ।

**ଖଜରା, କସର୍ଦା, କଟକ**

# ‘ଅପରେସନ ସିନ୍ଦୂର’ର ୯ ଯବାନଙ୍କୁ ବୀର ଚକ୍ର ସମ୍ମାନ

**ନୂଆଦିଲ୍ଲୀ,୧୪।୮:** ଅପରେସନ ସିନ୍ଦୂରରେ ସାମିଲ ବୀର ଯବାନଙ୍କୁ କରାଯିବ ବଡ଼ ସମ୍ମାନରେ ସମ୍ମାନିତ। ଅପରେସନ ସିନ୍ଦୂରରେ ସାମିଲ ଭାରତୀୟ ବାୟୁ ସେନାର ୯ ଅଧିକାରୀଙ୍କୁ ବୀର ଚକ୍ରରେ ସମ୍ମାନିତ କରିବେ ଭାରତ ସରକାର ।

ସୂଚନାଥାଉକି, ବୀର ଚକ୍ର ଭାରତରେ ତୃତୀୟ ସବୁଠୁ ବଡ଼ ସାମରିକ ପୁରସ୍କାର। ଏହା ସ୍ଥଳ, ଜଳ ଏବଂ ଆକାଶରେ ଶତ୍ରୁଙ୍କ ବିରୋଧରେ ଅସାଧାରଣ ପ୍ରତିଭା ପ୍ରଦର୍ଶନ ପାଇଁ ଦିଆଯାଇଥାଏ।

ଭାରତୀୟ ସଶସ୍ତ୍ର ବଳ ଗତ ମେ ମାସରେ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଡର୍ଜନରୁ ଅଧିକ ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଥିଲା। ଏହି ସମୟରେ ଭାରତୀୟ ଏୟାରଫୋର୍ସର ଏହି ଅଧିକାରୀ ଆତଙ୍କୀଙ୍କ ଗଡ଼ କୁହାଯାଉଥିବା ମୁରଦିକେ ଏବଂ ବହାବଲପୁର ଭଳି ଆତଙ୍କୀ ହେଡକ୍ୱାର୍ଟରକୁ ମଧ୍ୟ ନଷ୍ଟ କରିଥିଲା। ଏବେ ସରକାର ଏହି ଅପରେସନର ଅଂଶ ରହିଥିବା ଲଢୁଆ ପାଇଲଟଙ୍କ ସହ ୯ ଯବାନଙ୍କୁ ବୀର ଚକ୍ରରେ ସମ୍ମାନିତ କରାଯିବ।

## ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ହଟିଥିବା ୬୫ ଲକ୍ଷ ଭୋଟରଙ୍କ ତାଲିକା ଜାରି କର



**ନୂଆଦିଲ୍ଲୀ,୧୪।୮:** ସୁପ୍ରିମକୋର୍ଟରେ ବିହାରର ଭୋଟର ତାଲିକା ସଂଶୋଧନ (ଏସଆଇଆର) ମାମଲାର ଶୁଣାଣି ଜାରି ରହିଛି। ଏହି ଶୁଣାଣି ଅବସରରେ ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ପଚାରିଥିଲେ ଯେ, କାହିଁକି ହଟାଯାଇଥିବା ୬୫ ଲକ୍ଷ ଲୋକଙ୍କର ତଥ୍ୟ ସାର୍ବଜନୀନ କରାଯାଇନାହିଁ। ଏହାକୁ ସାର୍ବଜନୀନ କରାଯାଉ । ନିର୍ବାଚନ କମିସନ କହିଛନ୍ତି ଠିକ୍ ଅଛି, ଯଦି ଏହା ଆପଣଙ୍କ ନିର୍ଦ୍ଦେଶ, ତେବେ ଆମେ ଏହା କରିବୁ।

ଶୁଣାଣି ସମୟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ, ଆମେ ଚାହୁଁନାହୁଁ ଯେ ନାଗରିକଙ୍କ ଅଧିକାର ରାଜନୈତିକ ଦଳର କର୍ମୀଙ୍କ ଉପରେ ନିର୍ଭର କରୁ। କୋର୍ଟ କହିଥିଲେ ଯେ, ଆପଣ ନିଶ୍ଚିତ ଭାବରେ ଶୁଣିଥିବେ ଯେ ଡ୍ରାଫ୍ଟ ତାଲିକାରେ ମୃତ କିମ୍ବା ଜୀବିତ ଲୋକଙ୍କ ବିଷୟରେ ଏକ ଗମ୍ଭୀର ବିବାଦ ଅଛି। କୋର୍ଟ କମିସନଙ୍କୁ ପଚାରିଥିଲେ ଯେ, ଏପରି ଲୋକଙ୍କୁ ଚିହ୍ନଟ କରିବା ପାଇଁ ଆପଣଙ୍କ ପାଖରେ କେଉଁ ବ୍ୟବସ୍ଥା ଅଛି, ଯାହା ଦ୍ୱାରା ସେମାନଙ୍କ ପରିବାର ଜାଣିପାରିବେ ଯେ ସେମାନଙ୍କ ପରିବାର ସଦସ୍ୟ ମୃତ ଭାବରେ ତାଲିକାରେ ସାମିଲ କରାଯାଇଛି? ସୁପ୍ରିମକୋର୍ଟ କହିଛନ୍ତି ଯେ, ଆପଣ ଡିଲିଟ ହୋଇଥିବା ଲୋକଙ୍କ ତାଲିକା ମଧ୍ୟ ୱେବସାଇଟରେ ରଖିବା ଉଚିତ, ଯାହା ଦ୍ୱାରା ଲୋକମାନେ ବାସ୍ତବତା ବିଷୟରେ ଅବଗତ ହୋଇପାରିବେ। କେଉଁ କାରଣରୁ ଡିଲିଟ ହୋଇଛି ତାହା ମଧ୍ୟ ସ୍ପଷ୍ଟ କରାଯାଉ ।

# ମାସକର ବିଜୁଳି ବିଲ୍ ୨୭ କୋଟି




**ରାଞ୍ଚି, ୧୪।୮:** ମାସକର ବିଜୁଳି ବିଲ ୨୭ କୋଟି ଟଙ୍କା ୪୮ ଲକ୍ଷ। ଏହା ଶୁଣିଲା ପରେ ହୁଏତ ଆପଣ ଆଶ୍ଚର୍ଯ୍ୟ ହୋଇପାରନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଜଣେ ବ୍ୟକ୍ତିଙ୍କ ଘରକୁ ପଠାଯାଇଛି ଏହି ବଡ ଅଙ୍କର ବିଲ୍ । ରାଞ୍ଚିରେ ବିଦ୍ୟୁତ ବିଭାଗର ଏକ ବଡ଼ ଅବହେଳା ସାମ୍ନାକୁ ଆସିଛି । ରାଞ୍ଚି ଏଚଇସି ଅଞ୍ଚଳର ସେକ୍ଟର ୨ରେ ଜଣେ ଘର ମାଲିକଙ୍କୁ ୨୭ କୋଟି ୪୮ ଲକ୍ଷ ଟଙ୍କାର ବିଦ୍ୟୁତ ବିଲ୍ ମିଳିଛି । ଯେତେବେଳେ କି ଅନ୍ୟ ଜଣେ ଗ୍ରାହକଙ୍କୁ ୧ କୋଟି ୪୭ ଲକ୍ଷ ଟଙ୍କାର ବିଲ୍ ପଠାଯାଇଛି । ଏହି ଆଶ୍ଚର୍ଯ୍ୟଜନକ ବିଲ୍ ଦେଖି ଗ୍ରାହକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଏହାର ସମାଧାନ ପାଇଁ ପହଞ୍ଚିଥିଲେ ବିଦ୍ୟୁତ ବିଭାଗରେ । ଆଉ ଏହା ପରେ ବିଦ୍ୟୁତ୍ ବିଭାଗରେ ହଇଚଇ ସୃଷ୍ଟି ହୋଇଥିଲା । ଅଧିକାରୀମାନେ ତୁରନ୍ତ କାର୍ଯ୍ୟରେ ଆସି ଗ୍ରାହକଙ୍କ ଘରକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ।

ଯାହାପରେ ବିଦ୍ୟୁତ ବିଭାଗର ଅଧିକାରୀମାନେ ସେମାନଙ୍କର ଭୁଲ ମଧ୍ୟ ସ୍ୱୀକାର କରିଛନ୍ତି ଏବଂ ଏହାକୁ ଏକ ବୈଷୟିକ ଅବହେଳା ବୋଲି କହିଛନ୍ତି । ଆଶା କରାଯାଉଛି ଯେ ପ୍ରଶାସନ ଏହି ମାମଲାରେ ତୁରନ୍ତ ପଦକ୍ଷେପ ନେବ ଏବଂ ଗ୍ରାହକଙ୍କ ସମସ୍ୟାର ସମାଧାନ କରିବ ।

## ପାକିସ୍ତାନକୁ ଭାରତର ଜବାବ

# ଭୟଙ୍କର ପରିଣତି ଭୋଗିବ



**ନୂଆଦିଲ୍ଲୀ,୧୪।୮:** ପାକିସ୍ତାନ ପକ୍ଷରୁ ବାରମ୍ବାର ଭାରତ ବିରୋଧରେ ଯୁଦ୍ଧ ଧମକ ଦିଆଯାଉଥିବାରୁ ତାହାର କଡ଼ା ଜବାବ ଦେଇଛି ଭାରତ । ପାକିସ୍ତାନ ପକ୍ଷରୁ ଯେକୌଣସି ଦୁଃସାହସର ପରିଣତି ଅତ୍ୟନ୍ତ ଭୟାବହ ହେବ ବୋଲି ଭାରତ କହିଛି ।

ଭାରତର ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ପାକିସ୍ତାନୀ ନେତାମାନଙ୍କର ଅବାନ୍ତର ତଥା ଯୁଦ୍ଧ ଓ ଘୃଣା ସୃଷ୍ଟିକାରୀ ବୟାନ ଆମ ନଜରକୁ ଆସିଛି। ନିଜ ଦେଶର ଜନତାଙ୍କ ଧ୍ୟାନ ହଟାଇବାକୁ ଏହା ପାକିସ୍ତାନର ପୁରୁଣା ଓ ପ୍ରସିଦ୍ଧ ଉପାୟ ଅଟେ । କିନ୍ତୁ ପାକିସ୍ତାନ ପକ୍ଷରୁ ଯେକୌଣସି ଦୁଃସାହସର ପରିଣତି ଅତ୍ୟନ୍ତ ଭୟାବହ ହେବ ବୋଲି ସେ କହିଛନ୍ତି। କିଛି ଦିନ ତଳେ ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନୀର କହିଥିଲେ ଯେ ଭାରତ ଯଦି ସିନ୍ଧୁନଦୀ ଉପରେ ବନ୍ଧ ନିର୍ମାଣ କରେ ତେବେ ପାକିସ୍ତାନ ସେଗୁଡ଼ିକୁ କ୍ଷେପଣାସ୍ତ୍ର ମାରି ଧ୍ୱଂସ କରିଦେବ । ସେ ମଧ୍ୟ ଭାରତକୁ ପରମାଣୁ ଯୁଦ୍ଧ ଧମକ ଦେଇଥିଲେ। ତାଙ୍କ ପରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ମଧ୍ୟ ଭାରତକୁ ଯୁଦ୍ଧ ଧମକ ଦେଇଥିଲେ ।

# ସମୁଦ୍ରରେ ଡଙ୍ଗା ଓଲଟି ୩୫ ମୃତ

**ରୋମ,୧୪।୮:** ଇଟାଲୀର ଲାମ୍ପେଡୁସା ଉପକୂଳରେ ଆଜି ଏକ ମର୍ମନ୍ତୁଦ ଅଘଟଣ ଘଟିଛି । ଏଥିରେ ୩୫ ଜଣ ଶରଣାର୍ଥୀ ବୁଡ଼ି ଯାଇଛନ୍ତି । ଏହି ସମ୍ପର୍କରେ ସୂଚନା ଦେଇଛନ୍ତି ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ ଫିଲିପୋ ଗ୍ରାଣ୍ଡି । ସେ କହିଛନ୍ତି ଯେ, ଏପର୍ଯ୍ୟନ୍ତ ୨୦ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଯେତେବେଳେ ସମାନ ସଂଖ୍ୟକ ଲୋକ ନିଖୋଜ ଅଛନ୍ତି । ଚଳିତ ବର୍ଷ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ଭୂମଧ୍ୟସାଗରରେ ୬୭୫ ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି । ଏପରି ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଆଇନଗତ ପଥଗୁଡ଼ିକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ଅଧିକାରୀ କହିଛନ୍ତି ।

ଆନ୍ତର୍ଜାତୀୟ ପ୍ରବାସ ସଂଗଠନର ଭୂମଧ୍ୟସାଗର ସମନ୍ୱୟ କାର୍ଯ୍ୟାଳୟର ମୁଖପାତ୍ର ଫ୍ଲାଭିଓ ଡିଗିଆକୋମା ଦୁର୍ଘଟଣା ବିଷୟରେ କହିଛନ୍ତି ୨ ଟି ଡଙ୍ଗାରେ ପ୍ରାୟ ୯୫ ଲୋକ ଲିବିଆ ଛାଡିଥିଲେ। ଡଙ୍ଗାରେ ପାଣି ଭର୍ତ୍ତି ହେବା ପରେ ସମସ୍ତଙ୍କୁ ଦ୍ୱିତୀୟ ଡଙ୍ଗାକୁ ଯିବାକୁ ପଡିଥିଲା । ଫଳରେ ଡଙ୍ଗାରେ ଅଧିକ ଲୋକ ହୋଇଯିବା ହେତୁ ଓଭର ଲୋଡିଂ ପାଇଁ ଡଙ୍ଗାଟି ଓଲଟି ଯାଇଥିଲା । ଏହି ଦୁର୍ଘଟଣାରେ ୬୦ ଜଣଙ୍କୁ ଉଦ୍ଧାର କରାଯାଇଛି । ୩୫ଜଣ ଲୋକ ନିଖୋଜ ହୋଇଥିବା କିମ୍ବା ମୃତ୍ୟୁ ଆଶଙ୍କା କରାଯାଉଛି ।

# ୩୬ ବାୟୁସେନା ଅଧିକାରୀଙ୍କୁ ମିଳିବ ବୀରତା ପୁରସ୍କାର

**ନୂଆଦିଲ୍ଲୀ,୧୪।୮:** ସ୍ୱାଧୀନତା ଦିବସ ଅବସରରେ ଭାରତୀୟ ବାୟୁସେନାର ମୋଟ ୩୬ ଜଣ ବାୟୁସେନା ସୈନିକଙ୍କୁ ସାହସ ଏବଂ ଅଦମ୍ୟ ସାହସିକତା ପ୍ରଦର୍ଶନ କରିଥିବାରୁ ବୀରତା ପୁରସ୍କାର ପ୍ରଦାନ କରାଯିବ। ‘ଅପରେନ୍ ସିନ୍ଦୂର’ରେ ସେମାନଙ୍କ ବୀରତ୍ୱ ପାଇଁ ସେମାନନଙ୍କୁ ସମ୍ମାନିତ କରାଯିବ। ଏହି କ୍ରମରେ ୱିଙ୍ଗ୍ କମାଣ୍ଡର୍ ଅଭିମନ୍ୟୁ ସିଂହଙ୍କୁ ସୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯିବ। ଏହାସହିତ ୯ ଜଣ ଯବାନଙ୍କୁ ବୀରଚକ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଗ୍ରୁପ୍ କ୍ୟାପଟେନ୍ ରଞ୍ଜିତ ସିଂହ ସିଦ୍ଧୁ, ମନୀଷ ଆରୋରା, ଅନିମେଶ ପାଟନୀ, କୁନାଲ କାଲରା, ୱିଙ୍ଗ କମାଣ୍ଡର ଜୟ ଚନ୍ଦ୍ର, ସ୍କ୍ୱାଡ୍ରନ୍ ଲିଡର ସାର୍ଥକ କୁମାର, ସିଦ୍ଧାନ୍ତ ସିଂହ, ରିଜୱାନ ମଲିକ ଏବଂ ଫ୍ଲାଇଟ୍ ଲେଫ୍ଟନାଣ୍ଟ ଅର୍ଣବୀର ସିଂହ ଠାକୁର ଅଛନ୍ତି। ଅପରେସନ ସିନ୍ଦୂରରେ ନିଜର ଉଲ୍ଲେଖନୀୟ ନେତୃତ୍ୱ ପାଇଁ ଉତ୍ତରାଞ୍ଚଳ ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ପ୍ରତୀକ ଶର୍ମା ଏବଂ ସାମରିକ ଅପରେସନର ମହାନିର୍ଦ୍ଦେଶକ (ଡିଜିଏମଏ) ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକ ପ୍ରଦାନ କରାଯିବ।

# ଯୋଗୀଙ୍କୁ ପ୍ରଶଂସା କରି ଦଳରୁ ବିଦାହେଲେ ସପା ନେତ୍ରୀ ପୂଜା





**ଲକ୍ଷ୍ନୌ,୧୪।୮:** ବିରୋଧୀ ହୋଇ ବି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରଶଂସା କରିଥିଲେ ସମାଜବାଦୀ ପାର୍ଟି ବିଧାୟିକା ପୂଜା ପାଲ୍। ଏବେ ତାଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ପଡ଼ିଛି। ତାଙ୍କ ସ୍ୱାମୀ ରାଜୁ ପାଲଙ୍କୁ ୨୦୦୫ ମସିହାରେ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦ ଗୁଳି କରି ହତ୍ୟା କରିଥିଲେ। ନ୍ୟାୟ ପାଇଁ ସେ ଅନେକ ସଂଘର୍ଷ କରିବା ପରେ ଶେଷରେ ୨୦୨୩ରେ ଅତିକ୍‌ର ଅନ୍ତ ସହିତ ତାଙ୍କ ସଂଘର୍ଷର ସମାପ୍ତି ଘଟିଥିଲା। ଏଥିପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ଅନ୍ୟ କେହି ନଶୁଣିବା ସମୟରେ ମୁଖ୍ୟମନ୍ତ୍ରୀ ତାଙ୍କ କଥା ଶୁଣିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ସହ ଅପରାଧୀମାନଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ସହିତ ରାଜ୍ୟକୁ ଅପରାଧ ମୁକ୍ତ କରୁଥିବାରୁ ସେ ତାଙ୍କର ପ୍ରଶଂସା କରିଥିଲେ।

ତାଙ୍କର ଏଭଳି କାମରେ ଅସନ୍ତୋଷ ପ୍ରକାଶ କରି ଏବେ ପୂଜାଙ୍କୁ ଦଳରୁ ବିଦା କରିଛି ସମାଜବାଦୀ ପାର୍ଟି । ଏକ ଚିଠିରେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ପୂଜା ପାଲଙ୍କ ଉପରେ ଦଳ ବିରୋଧୀ କାର୍ଯ୍ୟକଳାପର ଆରୋପ ଲଗାଇ ତାଙ୍କୁ ଦଳରୁ ବିଦା କରାଯାଇଥିବା ବିଷୟରେ ଜଣାଇଛନ୍ତି। ଚିଠିରେ ଲେଖାଯାଇଛି ଯେ, “ଆପଣଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ଦଳ ବିରୋଧୀ ଏବଂ ଶୃଙ୍ଖଳାର ଗମ୍ଭୀର ଉଲ୍ଲଂଘନ। ତେଣୁ, ଆପଣଙ୍କୁ ତୁରନ୍ତ ସମାଜବାଦୀ ପାର୍ଟିରୁ ବହିଷ୍କାର କରାଯାଉଛି। ଏହା ସହିତ, ଆପଣଙ୍କୁ ଦଳର ଅନ୍ୟ ପଦବୀରୁ ହଟାଇ ଦିଆଯିବ ଏବଂ ଆପଣ ଦଳର କୌଣସି କାର୍ଯ୍ୟକ୍ରମ/ବୈଠକରେ ଗ୍ରହଣ କରିପାରିବେ ନାହିଁ କିମ୍ବା ଆପଣଙ୍କୁ ନିମନ୍ତ୍ରଣ କରାଯିବ ନାହିଁ।”

# ଗିରଫ ହେଲେ ଅଭିନେତା ଦର୍ଶନ



**ବେଙ୍ଗାଲୁରୁ, ୧୪।୮:** ରେଣୁକାସ୍ୱାମୀ ହତ୍ୟା ମାମଲାରେ ସୁପରଷ୍ଟାର ଦର୍ଶନ ଥୁଗୁଦୀପା ଗିରଫ ହୋଇଛନ୍ତି। ସୁପ୍ରିମକୋର୍ଟ ଅଭିନେତା ଦର୍ଶନଙ୍କ ଜାମିନ ରଦ୍ଦ କରିବା ପରେ ଗିରଫ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟ ଜାମିନ ରଦ୍ଦ କରିବା ପରେ କହିଥିଲେ, ହାଇକୋର୍ଟଙ୍କ ଆଦେଶ ଗମ୍ଭୀର ଆଇନଗତ ଦୁର୍ବଳତାକୁ ଦର୍ଶାଉଛି । ଦର୍ଶନଙ୍କୁ ଜାମିନ ଦେବାର କୌଣସି ବୈଧ କାରଣ ନାହିଁ । ତଥାପି ତାଙ୍କୁ ଜାମିନ ଦେଇ କର୍ଣ୍ଣାଟକ ହାଇକୋର୍ଟ ମନଇଚ୍ଛା କାମ କରିଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଦର୍ଶନଙ୍କୁ ଜାମିନ ଦେବା ପାଗଳାମୀ ସହ ସମାନ ବୋଲି କହିବା ସହ ତୁରନ୍ତ ତାଙ୍କୁ ହେପାଜତକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ ।

ରେଣୁକାସ୍ୱାମୀ ହତ୍ୟା ମାମଲାରେ ୨୦୨୪ ଜୁନ ୧୧ରେ ଗିରଫ ହୋଇଥିଲେ କନ୍ନଡ ସୁପରଷ୍ଟାର ଦର୍ଶନ । ସାତ ମାସ ଜେଲରେ ରହିବା ପରେ ୧୩ ଡିସେମ୍ବରରେ ତାଙ୍କୁ ଜାମିନ ଦେଇଥିଲେ କର୍ଣ୍ଣାଟକ ହାଇକୋର୍ଟ । ତେବେ ଏହି ମାମଲାର ଶୁଣାଣି କରି କର୍ଣ୍ଣାଟକ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ନିରାଧାର କହିଛନ୍ତି ସୁପ୍ରିମକୋର୍ଟ ।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୯ରେ ବେଙ୍ଗାଲୁରୁର କାମାକ୍ଷୀପାଲ୍ୟା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟ ନିକଟରୁ ଅଭିନେତା ଦର୍ଶନଙ୍କ ଜଣେ ପ୍ରଶଂସକ ରେଣୁକାସ୍ୱାମୀଙ୍କ ମୃତଦେହ ମିଳିଥିଲା ।

# ବୁଲା କୁକୁରଙ୍କୁ ହଟାଇବା ମାମଲାର ରାୟ ସଂରକ୍ଷିତ



**ନୂଆଦିଲ୍ଲୀ,୧୪।୮:** ଦିଲ୍ଲୀ ବୁଲା କୁକୁର ମାମଲାରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ସୁପ୍ରିମକୋର୍ଟ। ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଲେ ୩ ଜଣିଆ ଖଣ୍ଡପୀଠ । ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହଟ୍ଟା ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣି କରିଛନ୍ତି । ଏବେ କୌଣସି ଆଦେଶ ଦେବୁନି ବୋଲି କୋର୍ଟ କହିଛନ୍ତି । ଏଥିସହ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଉପରେ ବର୍ଷିଛନ୍ତି ଖଣ୍ଡପୀଠ । କୁକୁର କାମୁଡ଼ା ରୋକିବାରେ ବିଫଳତା ଯୋଗୁଁ ବର୍ଷିଛନ୍ତି ।

ଖଣ୍ଡପୀଠ କହିଛନ୍ତି, ପାର୍ଲ୍ୟାମେଣ୍ଟ ଆଇନ ପ୍ରଣୟନ କରୁଛି । କିନ୍ତୁ ସ୍ଥାନୀୟ କର୍ତ୍ତୃପକ୍ଷ ତାର କାର୍ଯ୍ୟକାରୀ କରୁ ନାହାନ୍ତି । ସୋମବାର ଦିଲ୍ଲୀ -ଏନସିଆରର ସମସ୍ତ ବୁଲା କୁକୁରଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ ।

ଶୁଣାଣି ସମୟରେ ଦିଲ୍ଲୀ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ, କୁକୁରଙ୍କ ଆକ୍ରମଣରେ ପିଲାଙ୍କ ମୃତ୍ୟୁ ହେଉଛି । ବନ୍ଧ୍ୟାକରଣ କରାଗଲେ ବି କୁକୁର କାମୁଡ଼ା ଘଟଣା କମୁନାହିଁ । ଦେଶବ୍ୟାପୀ ଏଭଳି ଅନେକ ଘଟଣା ସାମ୍ନାକୁ ଆସୁଛି । କେହି ପଶୁଙ୍କୁ ଘୃଣା କରନ୍ତି ନାହିଁ, କିନ୍ତୁ ସୁରକ୍ଷା ଜରୁରୀ ବୋଲି କହିଛନ୍ତି । ୨୦୨୫ ଜୁଲାଇ ୨୮ ତାରିଖରେ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ନିଜ ଆଡୁ ଏହି ମାମଲା ଗ୍ରହଣ କରି ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ନିର୍ଦ୍ଦେଶକୁ ନେଇ ପଶୁପ୍ରେମୀ ଓ ସଂଗଠନ ଜୋରଦାର ପ୍ରତିବାଦ କରିଥିଲେ । ରାୟକୁ ଚାରିଆଡୁ ବିରୋଧ ପରେ ପୁନଃ ବିଚାର ପାଇଁ ମାମଲାକୁ ଗ୍ରହଣ କରିଥିଲେ ପ୍ରଧାନ ବିଚାରପତି ।

# ସୂର୍ଯ୍ୟ ହାଁସଦାଙ୍କ ଏନକାଉଣ୍ଟରର ସିବିଆଇ ତଦନ୍ତ ଦାବି

**ନୂଆଦିଲ୍ଲୀ,୧୪।୮:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବିଜେପି ନେତା ଚମ୍ପାଇ ସୋରେନ ଗୋଡ୍ଡାରେ ଏକ ଏନକାଉଣ୍ଟରରେ ସୂର୍ଯ୍ୟ ହାଁସଦାଙ୍କ ମୃତ୍ୟୁ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇ ସିବିଆଇ ତଦନ୍ତ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା କେବଳ ଏକ ମୃତ୍ୟୁ ନୁହେଁ, ବରଂ ଆଦିବାସୀ ସ୍ୱରକୁ ଦମନ କରିବାର ପ୍ରୟାସର ଏକ ସୂଚନା। ଚମ୍ପାଇ ଅଭିଯୋଗ କରିଛନ୍ତି ଯେ, ଖଣି ମାଫିଆ ଏବଂ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ବିରୁଦ୍ଧରେ କହୁଥିବା ଲୋକଙ୍କୁ ସରକାରୀ କଳ ମାଧ୍ୟମରେ ଚୁପ୍ କରାଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଅନେକ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ସୂର୍ଯ୍ୟ ହାଁସଦାର ପତ୍ନୀ ଆଶଙ୍କା କରିଥିଲେ ଯେ ତାଙ୍କ ସ୍ୱାମୀଙ୍କୁ ଗିରଫ କରିବା ପରେ ହତ୍ୟା କରାଯିବ, ଯାହା ସତ୍ୟ ପ୍ରମାଣିତ ହୋଇଛି ।

# ବିଶ୍ୱର ପ୍ରଥମ ପରମାଣୁ ଚାଳିତ କ୍ଷେପଣାସ୍ତ୍ରର ପରୀକ୍ଷଣ କରିବ ରୁଷ୍

**ନ୍ୟୁୟର୍କ,୧୪।୮:** ଆଲାସ୍କାରେ ଟ୍ରମ୍ପଙ୍କୁ ଭେଟିବା ପୂର୍ବରୁ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏକ ବଡ଼ ଧମାକା କରିବାକୁ ଯାଉଛନ୍ତି। ସେ ରୁଷର ବାରେଣ୍ଟସ୍ ସାଗର ନିକଟରେ ଥିବା ଏକ ଗୁପ୍ତ ପରୀକ୍ଷଣ ସ୍ଥାନରେ ବିଶ୍ୱର ପ୍ରଥମ ପରମାଣୁ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କୁହାଯାଉଛି ଯେ ଏହା ବିଶ୍ୱର ସବୁଠାରୁ ଭୟଙ୍କର, ଅତ୍ୟନ୍ତ ଦୂରଗାମୀ କ୍ଷେପଣାସ୍ତ୍ର ଯାହା ଟାର୍ଗେଟ ଆଖପାଖର ଗୋଟିଏ କିମ୍ବା ଦୁଇ କିଲୋମିଟର ଅଞ୍ଚଳକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବ।

ଆସନ୍ତା ୧୫ ତାରିଖରେ ହେବାକୁ ଥିବା ରୁଷ-ଆମେରିକା ବୈଠକ ପୂର୍ବରୁ ନିଜର ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ ନୂତନ ପରମାଣୁ-ଚାଳିତ କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିସାରିଥିବ ମସ୍କୋ। ଆମେରିକା ଓ ୟୁକ୍ରେନ ଉପରେ ଚାପ ପ୍ରୟୋଗ କରିବାକୁ ରୁଷ ଏପରି କରିପାରେ ବୋଲି କେତେକ ପାଶ୍ଚାତ୍ୟ ସାମରିକ ବିଶେଷଜ୍ଞ କହିଛନ୍ତି । ଆମେରିକାର ବାଣିଜ୍ୟିକ ଉପଗ୍ରହ ଫାର୍ମ ପ୍ଲାନେଟ୍ ଲ୍ୟାବ୍ସ ସାଟେଲାଇଟ୍ ଏହି ଗୁପ୍ତ ସ୍ଥାନର ଫଟୋ ପଠାଇଛି, ଯେଉଁଠାରେ ଏହି ପରମାଣୁ କ୍ଷେପଣାସ୍ତ୍ର ପରୀକ୍ଷଣ ହେବାକୁ ଯାଉଛି। ଏହି ସ୍ଥାନ ଚାରିପାଖରେ କାର୍ଯ୍ୟକଳାପ ହଠାତ୍ ବହୁତ ବୃଦ୍ଧି ପାଇଛି। ବାରେଣ୍ଟସ୍ ସାଗର “ରୁଷ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ଏକ ପ୍ରମୁଖ ସ୍ଥାନ”। ଏହା ସେହି ସ୍ଥାନ ଯେଉଁଠାରେ ସୋଭିଏତ୍ ସରକାର ସୋଭିଏତ୍ ୟୁନିଅନ୍ ସମୟରେ ପରମାଣୁ ପରୀକ୍ଷଣ କରୁଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମ...

ଆଧାରିତ ଅନୁଷ୍ଠାନ ସୃଷ୍ଟି କରିଥିଲୁ ଯାହା ଗଣତାନ୍ତ୍ରିକ କାର୍ଯ୍ୟକୁ ସୁଦୃଢ଼ କରିଥିଲା। ଭାରତ ଏବେ ବିକାଶ ଆଡ଼କୁ ଦ୍ରୁତ ଗତିରେ ମୁହାଁଇଛି। ଜିଡିପିଠାରୁ ମହାକାଶ, ପ୍ରତିରକ୍ଷା, ବୈଦେଶିକ ଯୋଗାଯୋଗରେ ଆମେ ଅଗ୍ରଗତି ହାସଲ କରିଛୁ। ଆମର ପ୍ରମୁଖ ବ୍ୟବସାୟୀ, ଲଘୁ ଓ ମଧ୍ୟମ ଉଦ୍ୟୋଗୀ ଓ ବ୍ୟବସାୟୀମାନେ ସର୍ବଦା ସବୁକିଛି ସମ୍ଭବ କରି ଦେଖାଇବାର ମନୋଭାବ ପ୍ରଦର୍ଶନ କରିଛନ୍ତି। ସରକାରଙ୍କ ନୂଆ ଯୋଜନା ବିକାଶ କ୍ଷେତ୍ରକୁ ଦ୍ୱିଗୁଣିତ କରିଛି। ଆମେ

ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ନେଇ ଅନବରତ ସୁଶାସନ ସହ ଆଗକୁ ବଢ଼ୁଛୁ। ତଥାପି ବିଶ୍ୱ ପରିବେଶକୁ ଦେଖି ଆମକୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି କହିଛନ୍ତି।

### ଯମ...

ସବ-ଡିଭିଜନରେ। ପଡ୍ଡରର ଚିଶୋଟି ଗାଁର ମଚୈଲ ମାତା ମନ୍ଦିର ନିକଟରେ ବାଦଲଫଟା ବର୍ଷା ପାଇଁ ବନ୍ୟା ଆସିବାରୁ ପାଇଁ ସେଠାରେ ଏକତ୍ରିତ ହୋଇଥିବା ଅନେକ ଶ୍ରଦ୍ଧାଳୁ ଭାସିଯାଇଛନ୍ତି। କିସ୍ତୱାଡ ସହିତ, କଶ୍ମୀରର ରଜୌରୀ ଏବଂ ମେଣ୍ଢରରେ ମଧ୍ୟ ବାଦଲଫଟା ବର୍ଷା ହୋଇଥିବା ଜଣାଯାଇଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ଚିଶୋଟିରେ ଘଟିଥିବା ଏହି ଘଟଣାରେ ବହୁତ ଜୀବନହାନି ହୋଇଥିବା ନେଇ ଆଶଙ୍କା କରାଯାଉଛି।

କିସ୍ତୱାଡରେ ବର୍ତ୍ତମାନର ପାଗର ସ୍ଥିତି ଏବଂ ଚିଶୋଟିରେ ବାଦଲଫଟା ବର୍ଷା ଯୋଗୁଁ ହୋଇଥିବା ବନ୍ୟାକୁ ଦୃଷ୍ଟିରେ ରଖି, କିସ୍ତୱାଡ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ନିୟନ୍ତ୍ରଣ କକ୍ଷ ଏବଂ ସହାୟତା ଡେସ୍କକୁ ସକ୍ରିୟ କରିଛନ୍ତି। ସମସ୍ତ ଉପଖଣ୍ଡକୁ ହାଇ ଆଲର୍ଟରେ ରଖାଯାଇଛି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ପୁଲିସ ଦଳ ନିୟୋଜିତ କରାଯାଇଛି, ଯେଉଁମାନେ ଏହି ପରିସ୍ଥିତି ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ସୂଚନାନୁସାରେ, ଧାର୍ମିକ ତୀର୍ଥଯାତ୍ରା ପାଇଁ ଲୋକମାନେ ଘଟଣା ଘଟିଥିବା ସ୍ଥାନରେ ଏକାଠି ହୋଇଥିଲେ। ସେଠାରେ ପୂଜାର୍ଚ୍ଚନା ପାଇଁ ତମ୍ବୁ ଲଗାଯାଇଥିଲା ଏବଂ ଭକ୍ତମାନଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ପହଞ୍ଚି ପୂଜା ପାଇଁ ପ୍ରସ୍ତୁତି କରୁଥିବା ବେଳେ ହଠାତ୍ ମାଡ଼ିଆସିଥିଲା ପ୍ରଳୟଙ୍କାରୀ ବନ୍ୟା। ହଠାତ୍ ଉପରମୁଣ୍ଡରେ ବାଦଲଫଟା ବର୍ଷା ହେବାରୁ ପାଣି ପ୍ରଖର ବେଗରେ ତଳକୁ ଆସିଥିଲା। ଲୋକଙ୍କ ପାଖରେ ଏହାର କୌଣସି ସୂଚନା ନଥିବାରୁ ସେମାନେ ସଚେତନ ହୋଇପାରିନଥିଲେ, ଯାହାଫଳରେ ଏକାଧିକ ଲୋକ ପାଣିସ୍ରୋତରେ ଭାସିଯାଇଥିବା ଜଣାଯାଇଛି।

### ସର୍ପାଘାତରେ...

ଆଜି ସାଙ୍ଗି ଭାର ଯୋଗେ ଗ୍ରାମରୁ ପାହାଡ଼ିଆ ରାସ୍ତାରେ ପ୍ରାୟ ୩ କିମି ପାହାଡ ତଳ ବାତରା ସାହିକୁ ସେମାନଙ୍କ ମୃତଦେହକୁ ଆଣି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ଏମ୍‌କେସିଜିକୁ ଅଣାଯାଇଥିଲା। ଲିମି ତାଳବାଡ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିଲେ। ଦୁଇ ମୃତକ ସମ୍ପର୍କରେ ମାଇଁ-ଭାଣିଜୀ ବୋଲି ଜଣାପଡ଼ିଛି। ତେବେ ଗାଁଟି ଆନ୍ଧ୍ରପ୍ରଦେଶ ସୀମାନ୍ତ ପାହାଡ଼ ଉପରେ ରହିଥିବା ବେଳେ ସେଠାକୁ ଯିବା ସକାଶେ ଭଲ ରାସ୍ତାଟିଏ ନଥିବାରୁ ଦମୟନ୍ତୀ ଓ ଲିମିଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇପାରିନଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସେହିପରି କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅନ୍ତର୍ଗତ ରାଧିକାଦେଇପୁର ଗାଁରେ ଜେମାମଣୀ ଓ ତାଙ୍କ ୧୦ ବର୍ଷୀୟ ପୁଅ ରାତିରେ ଖାଇସାରି ଘରେ ଶୋଇଥିଲେ। ତେବେ ରାତି ପ୍ରାୟ ୧ଟା ସମୟରେ ସେମାନଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଦେବାରୁ ଉଭୟଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେମାନଙ୍କୁ ତୁରନ୍ତ ପରିବାର ଲୋକେ ନିକଟସ୍ଥ କେଶଦୁରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ଉଭୟଙ୍କୁ ଆନନ୍ଦପୁର ଡାକ୍ତରଖାନା ନେବା ସକାଶେ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ପରିବାର ଲୋକେ ସେମାନଙ୍କୁ ଆନନ୍ଦପୁର ନେବା ବାଟରେ ହିଁ ପୁଅଟିର ମୃତ୍ୟୁ ହୋଇଯାଇଥିଲା।

ପରେ ଚିକିତ୍ସାଧୀନ ଅବସ୍ଥାରେ ଆନନ୍ଦପୁର ଡାକ୍ତରଖାନାରେ ମା’ ଜେମାମଣି ମଧ୍ୟ ମୃତ୍ୟୁବରଣ କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ଆନନ୍ଦପୁର ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଉଭୟ ଅଘଟଣ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଆଗକୁ...

ତ୍ୟାଗ ଓ ବଳିଦାନ ଦେଇଥିଲେ। ସେ ସମୟର ରାଜନୀତି ଓ କୂଟନୀତି କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଏହାର ଦୃଶ୍ୟ, ପୀଡ଼ା ଓ କ୍ଷତ ଏବେ ବି ଅନେକ ଲୋକଙ୍କୁ ମର୍ମାହତ କରୁଛି। ତା’ର ପରିଣାମ ଆଜି ମଧ୍ୟ ଆମେ ଭୋଗୁଛୁ। ମୁଁ ମଧ୍ୟ ଦେଶର ଅନେକ ସୀମାବର୍ତ୍ତୀ ଅଞ୍ଚଳ ଗସ୍ତ କରିବା ସମୟରେ ସେହି ଆବେଗର ସ୍ପନ୍ଦନକୁ ଶୁଣିଛି ଓ ଅନୁଭବ କରିବାକୁ ଚେଷ୍ଟା କରିଛି ବୋଲି ଶ୍ରୀ ପ୍ରଧାନ କହିବା ସହ ଦେଶ ବିଭାଜନ ସମୟରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ସେ କହିଛନ୍ତି ଯେ ଆମେ ଯେତେବେଳେ ସ୍ୱାଧୀନତା ଦିବସ ପାଳନ ସମୟରେ ଏହାକୁ ଏକ ଉତ୍ସବ ଭାବେ ନୁହେଁ, ବରଂ ସେହି ସମୟରେ ତ୍ୟାଗ ଓ ବଳିଦାନ ଦେଇଥିବା ତଥା କ୍ଷତି ସହିଥିବା ପୂର୍ବଜମାନଙ୍କୁ ମନେ ପକାଇବା ପାଇଁ ଉଦ୍ଦିଷ୍ଟ। ଆମର ଏହି ବିଭାଜନ ବିଭୀଷିକା ସ୍ମୃତିର ଇତିହାସକୁ ଯୁବପିଢ଼ି ପାଖରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୨୧ରେ ଅଗଷ୍ଟ ୧୪କୁ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଭାରତର ପ୍ରତିଟି ନାଗରିକ ଏହି ବିଭାଜନ କଥାକୁ ଆଦୌ ଭୁଲିବା ଉଚିତ୍ ନୁହେଁ। ଏନେଇ ଶିକ୍ଷା ଆହରଣ କରିବା ସହ ଭାରତ ଉପରେ ତା’ର ପ୍ରଭାବ କ’ଣ ପଡିଥିଲା, ସେହି ବିଷୟକୁ ପାଥେୟ କରି ଇତିହାସକୁ ବୁଝି ଆଗକୁ ବଢ଼ିଲେ ହିଁ ଆମ ଦେଶର ସ୍ୱତନ୍ତ୍ରତା ସ୍ଥାୟୀ ହୋଇ ରହିବ। ବିକଶିତ ଭାରତର ମାର୍ଗ ମଧ୍ୟ ପ୍ରଶସ୍ତ କରିପାରିବା ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ବିଭାଜନର ବିଭିଷିକା ଦିବସର ସ୍ମୃତି ଚାରଣ କରିବା ବେଳେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ। ଏଥିସହ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ, ୧ ନମ୍ବର ମାର୍କେଟ୍, ନରୁଲା କ୍ଲଥ ଷ୍ଟୋର୍, ହଂସ ପରିବାରର ସୁନା ଦୋକାନର ଇତିହାସ ଜାଣିବା ପାଇଁ ଶ୍ରୀ ପ୍ରଧାନ ଯୁବ ସମାଜକୁ ନିବେଦନ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି କହିଛନ୍ତି ଯେ ଭାରତୀୟ ଇତିହାସର ସବୁଠାରୁ ବିଭୀଷିକାମୟ ଅଧ୍ୟାୟ ମଧ୍ୟରୁ ବିଭାଜନ ଅନ୍ୟତମ।

ଏହି ବିଭାଜନକୁ ଆମେ ଗମ୍ଭୀରତାର ସହ ସ୍ମରଣ କରୁଛୁ, ଯାହା ଆମର କଷ୍ଟଲବ୍ଧ ସ୍ୱାଧୀନତା ସହ ଆସିଥିଲା। ଅକଳ୍ପନୀୟ ଯନ୍ତ୍ରଣା ସହିତ ଲକ୍ଷ ଲକ୍ଷ ଲୋକ ନିଜର ଘର, ଜମି ଏବଂ ଶତାବ୍ଦୀ ଶତାବ୍ଦୀର ସହଭାଗୀ ଜୀବନକୁ ପଛରେ ପକାଇ ନୂତନ ସୀମା ପାର ହୋଇ ଭାରତ ଚାଲିଆସିଥିଲେ। ଓଡ଼ିଶା ଯଦିଓ ଭୌଗୋଳିକ ଭାବେ ଏହି ବିଭାଜନର କେନ୍ଦ୍ରସ୍ଥଳରୁ ଦୂରରେ ଥିଲା, ତଥାପି ଦେଶର ଦୁଃଖରେ ସହଭାଗୀ ହୋଇଥିଲା। ଆମର ଲୋକମାନେ ବିସ୍ଥାପିତଙ୍କ ପାଇଁ ସେମାନଙ୍କର ହୃଦୟ ଖୋଲି ଦେଇଥିଲେ ବୋଲି ରାଜ୍ୟପାଳ କହିଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ ଆଜିର ଦିନରେ ଆମେ ସ୍ମରଣ କରୁଛୁ ଦେଶର ଇତିହାସର ସେହି ଦୁଃଖଦ ପର୍ବକୁ, ଯାହା ୧୯୪୭ ମସିହାରେ ସ୍ୱାଧୀନତା ସହିତ ଆସିଥିଲା – “ଭାରତ ବିଭାଜନ”।

ସେହିଦିନ ଆମେ ସ୍ୱାଧୀନ ହେଲୁ, କିନ୍ତୁ ଲକ୍ଷ ଲକ୍ଷ ପରିବାରର ହୃଦୟରେ ଆସିଲା ବିସ୍ଥାପନର କଷ୍ଟ, ବିଚ୍ଛିନ୍ନତାର ବେଦନା ଓ ଆପଣାକୁ ହରାଇବାର ଅସହ୍ୟ ଯନ୍ତ୍ରଣା। ବର୍ତ୍ତମାନର ସୋସିଆଲ ମିଡିଆର ଯୁଗରେ ସତ୍ୟ, ସାମ୍ପ୍ରଦାୟିକ ସମ୍ମାନ ଓ ଏକତାର ପ୍ରଚାର କରିବା ଆମ ଯୁବପିଢ଼ିର କର୍ତ୍ତବ୍ୟ ହେବା ଉଚିତ ବୋଲି ଶ୍ରୀ ମାଝୀ କହିଥିଲେ।

ଏହାଛଡ଼ା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭାଜନର ବିଭୀଷିକାକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବିଭିଷିକା ବୋଲି ଅବତାରଣା କରିବା ସହ ଏହାକୁ ବଡ଼ ମାନବୀୟ ସ୍ଥାନାନ୍ତର ଭାବେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭାଜନ ସମୟରେ ବିସ୍ଥାପିତ ପରିବାରର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଉପସ୍ଥିତ ଥିଲେ।

### ୧୦ କିମି...

ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନେ ସ୍ଥାନେ ମହିଳାମାନେ ପୁଷ୍ପ ଓ ଦୀପ ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଓ ବନ୍ଦାପନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଜାତୀୟ ପତାକା ତ୍ରିରଙ୍ଗା ଆମ ସଂକଳ୍ପ, ସଂଘର୍ଷ, ବଳିଦାନ ଓ ତ୍ୟାଗର ପ୍ରେରଣାଦାୟୀ ମୂକସାକ୍ଷୀ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଦେଶବ୍ୟାପୀ ପୁରପଲ୍ଲୀରେ ମଧ୍ୟ ଏହି ଶୋଭାଯାତ୍ରା ଆୟୋଜିତ ହେଉଛି। ଏହି ଶୋଭାଯାତ୍ରା ହେଉଛି ଆମ ଜାତୀୟ ପତାକାକୁ ସମ୍ମାନ ଓ ସୁରକ୍ଷା ଦେବା। ଏହା ରାଷ୍ଟ୍ରଭକ୍ତି ପାଇଁ ଏକ ସଚେତନତା ଅଭିଯାନ। ଏହି ଶୋଭାଯାତ୍ରା ଦେଶର ରାଷ୍ଟ୍ରୀୟ ଏକତା ବୃଦ୍ଧି କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶୋଭାଯାତ୍ରାରେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ସ୍ଥାନୀୟ ଲୋକ ପ୍ରତିନିଧି ମଧ୍ୟ ଯୋଗଦେଇଥିଲେ।

ଆଇସିସି ଦିନିକିଆ ମାନ୍ୟତା

# ଶୀର୍ଷ ୧୦ରେ ୪ଭାରତୀୟ



**ନୂଆଦିଲ୍ଲୀ, ୧୪।୮:** ଆଇସିସି ଦିନିକିଆ ମାନ୍ୟତାରେ ୪ଜଣ ଭାରତୀୟ କ୍ରିକେଟର୍ ସାମିଲ ହୋଇଛନ୍ତି। ଅବସର ଚର୍ଚ୍ଚା ଭିତରେ ଅଧିନାୟକ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନକୁ ଉଠିବା ଉଲ୍ଲେଖନୀୟ ରହିଛି। ୨୦୨୫ ଆଇପିଏଲ୍ ଋତୁ ଶେଷ ହେବା ପରଠାରୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କ୍ରିକେଟ୍ ଖେଳି ନଥିଲେ ମଧ ୩୮ବର୍ଷୀୟ ରୋହିତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନର ପୂର୍ବତନ ଅଧିନାୟକ ବାବର ଆଜମଙ୍କ ଖରାପ ଫର୍ମରୁ ଫାଇଦା ପାଇଛନ୍ତି। ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଏକଦିବସୀୟ ଶୃଙ୍ଖଳାରେ ଲଗାତାର ଖରାପ ପ୍ରଦର୍ଶନ କରିବା ପରେ ବାବର ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି।

**ଅବସର ଚର୍ଚ୍ଚା ଭିତରେ ରୋହିତ ଦ୍ୱିତୀୟକୁ ଉଠିଲେ**

**ଗିଲ୍ ୧, କୋହଲି ୪, ଆୟର ୮**

ରୋହିତ ଏବେ ତାଙ୍କ ଉତ୍ତରାଧିକାରୀ ବୋଲାଉଥିବା ୨୮ବର୍ଷୀୟ ଶୁବମନ ଗିଲ୍ଙ୍କ ଠିକ୍ ପଛକୁ ରହିଛନ୍ତି। ୭୮୪ ପଏଣ୍ଟ୍ ପାଇ ଗିଲ୍ ଶୀର୍ଷ ସ୍ଥାନ ଦଖଲ କରିଥିଲା ବେଳେ ରୋହିତ ୭୫୬ ପଏଣ୍ଟରେ ରହିଛନ୍ତି। ବାବରଙ୍କ ବ୍ୟାଟିଂ ପଏଣ୍ଟ୍ ୭୫୧କୁ କମି ଯାଇଛି। ଅନ୍ୟ ଭାରତୀୟଙ୍କ ମଧ୍ୟରେ କିଂବଦନ୍ତି ବିରାଟ କୋହଲି (୭୩୬) ଚତୁର୍ଥ ସ୍ଥାନରେ ରହିଥିଲା ବେଳେ ଯୁବ ବ୍ୟାଟର୍ ଶ୍ରେୟସ୍ ଆୟର (୭୦୪) ଅଷ୍ଟମ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡର ଡାରେଲ ମିଚେଲ (୭୨୦) ପଞ୍ଚମ, ଶ୍ରୀଲଙ୍କାର ଚରିଥ ଅସଲଙ୍କା (୭୧୯) ଷଷ୍ଠ, ଆୟର୍ଲାଣ୍ଡର ହ୍ୟାରି ଟେକ୍ଟର (୭୦୮) ସପ୍ତମ, ଆଫଗାନିସ୍ତାନର ଇବ୍ରାହିମ୍ ଜର୍ଦ୍ଦାନ (୬୭୬) ନବମ ଏବଂ ଶ୍ରୀଲଙ୍କାର କୁଶଲ ମେଣ୍ଡିସ୍ (୬୬୯) ଦଶମ ସ୍ଥାନ ଅଧିକାର କରିଛନ୍ତି।



# ଭେଟେରାନ୍ ହକି ଖେଳାଳି ଭେସ୍ ପେସ୍ଙ୍କ ପରଲୋକ

**ନୂଆଦିଲ୍ଲୀ, ୧୪।୮:** ଭାରତୀୟ ହକି ଖେଳାଳି ତଥା ଅଲମ୍ପିକ୍ ପଦକ ବିଜେତା ଟେନିସ୍ ଖେଳାଳି ଲିଏଣ୍ଡର ପେସ୍ଙ୍କ ପିତା ଭେସ୍ ପେସ୍ଙ୍କ ପରଲୋକ। ୮୦ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ବୟସାଧିକ କାରଣରୁ ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ମଙ୍ଗଳବାର ସକାଳେ ତାଙ୍କୁ କୋଲକାତାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଭେସ୍ଙ୍କ ମୃତ୍ୟୁ ଖବର ପରେ ଭାରତୀୟ ହକି ଜଗତରେ ଶୋକର ଛାୟା ଖେଳି ଯାଇଛି। ବିଦେଶରୁ ତାଙ୍କର ଝିଅମାନେ ଫେରିବା ପରେ ସୋମବାର କିମ୍ବା ମଙ୍ଗଳବାର ତାଙ୍କର ଶେଷକୃତ୍ୟ ହେବ। ହକି ଇଣ୍ଡିଆ ପକ୍ଷରୁ ଏନେଇ ଏକ୍ସରେ ପୋଷ୍ଟ କରାଯାଇଛି। ଏହି ପୋଷ୍ଟରେ ଲେଖାଯାଇଛି ଯେ, 'ଜଣେ ପ୍ରକୃତ କ୍ରୀଡ଼ା ଆଇକନ୍, ଡକ୍ଟର ଭେସ୍ ପେସ୍ଙ୍କର ଆଜି ସକାଳେ ଦେହାନ୍ତ ହୋଇଛି। ଉଭୟ ମଇଦାନ ଭିତରେ ଏବଂ ବାହାରେ ତାଙ୍କର ସଫଳତା ପିଢ଼ିକୁ ପ୍ରେରଣା ଦେଇଥିଲା। ୧୯୭୨ ମ୍ୟୁନିଖ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜୟୀ ଦଳର ସଦସ୍ୟ ଭାବରେ, ସେ ଭାରତକୁ ଗର୍ବିତ କରିଥିଲେ। ତାଙ୍କର କୃତିତ୍ୱ ଅମର ରହିବ।' ଭାରତୀୟ ହକି ଦଳ ୧୯୭୨ ମ୍ୟୁନିଖ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲା। ଭେସ୍ ଏହି ବିଶ୍ୱସ୍ତରୀୟ ଖେଳରେ ଭାରତ ପାଇଁ ଜଣେ ମିଡଫିଲ୍ଡର ଭାବରେ ଖେଳିଥିଲେ। ହକି ବ୍ୟତୀତ ସେ ଡିଭିଜନାଲ୍ କ୍ରିକେଟ୍, ଫୁଟବଲ୍ ଏବଂ ରଜବି ଖେଳି ବହୁମୁଖୀ ପ୍ରତିଭାର ପରିଚୟ ଦେଇଥିଲେ। ୧୯୯୬ ରୁ ୨୦୦୨ ଯାଏଁ ଭାରତୀୟ ରଗ୍‌ବି ଫୁଟବଲ୍ ସଙ୍ଘର ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟଭାର ତୁଲାଇଥିଲେ। ସେ ପୂର୍ବତନ ଭାରତୀୟ ବାସ୍କେଟବଲ୍ ଖେଳାଳି ଜେନିଫରଙ୍କୁ ବିବାହ କରିଥିଲେ। ଭେସ୍ ପେସ୍ ହକି କ୍ୟାରିଅର ପରେ ଜଣେ ଖେଳ ଚିକିତ୍ସକ ଥିଲେ। ସେ ଏସିସି ଓ ବିସିସିଆଇ ସହ ଡୋପିଂ ନିରୋଧୀ ଶିକ୍ଷା କାର୍ଯ୍ୟକ୍ରମରେ ମଧ କାମ କରିଥିଲେ। ୨୦୦୪ରେ ଏଥେନ୍ସ ଅଲମ୍ପିକରେ ସେ ଭାରତୀୟ ଖେଳାଳିଙ୍କ ଡକ୍ଟର ଭାବେ ନିଯୋଜିତ ଥିଲେ। ସେ କୋଲକାତା କ୍ରିକେଟ ଓ ଫୁଟବଲ୍ କ୍ଲବର ଅଧ୍ୟକ୍ଷ ରୂପରେ କାମ କରିଥିଲେ।

ଭେସ୍ଙ୍କ ବ୍ୟତୀତ ତାଙ୍କ ପୁଅ ଲିଏଣ୍ଡର ପେସ୍ ମଧ ଜଣେ ଅଲମ୍ପିକ୍ ପଦକ ବିଜେତା। ଟେନିସ୍ ଖେଳାଳି ଲିଏଣ୍ଡର ଆଟଲାଣ୍ଟରେ ୧୯୯୬ରେ ଅଲମ୍ପିକ୍ ଖେଳରେ କାଂସ୍ୟ ପଦକ ଜିତିଥିଲେ। ସେ ଫର୍ଣ୍ଣାଡୋ ମେଲିଗାନୀଙ୍କୁ ପରାସ୍ତ କରି ପୁରୁଷ ଏକକ ବର୍ଗରେ କାଂସ୍ୟ ପଦକ ଜିତିଥିଲେ। ସେ ପହିଲମାନ କେଡି ଯାଧବଙ୍କ ପରେ ବ୍ୟକ୍ତିଗତ ଅଲମ୍ପିକ ପଦକ ଜିତିଥିବା ଦ୍ୱିତୀୟ ଭାରତୀୟ ହୋଇପାରିଥିଲେ।

**ବୁଚି ବାବୁ ଟ୍ରଫି: ୨୦ଜଣିଆ ରାଜ୍ୟ ଦଳ ଘୋଷିତ**

# ଅଧିନାୟକ ଚୟନକୁ ନେଇ ଦ୍ୱନ୍ଦ୍ୱ

କଟକ, ୧୪।୮ (ସଂଚାର ବ୍ୟୁରୋ): ଅଗଷ୍ଟ ୧୮ରୁ ତାମିଲନାଡୁରେ ନିଖିଳ ଭାରତୀୟ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ୍ ପ୍ରତିଯୋଗିତା ଖେଳାଯିବ। ଏଥିନିମନ୍ତେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ୨୦ ଜଣିଆ ଦଳ ଘୋଷଣା କରାଯାଇଛି। ତେବେ ଏହି ଦଳରେ ଅଧିନାୟକ କାହାକୁ କରାଯିବ ତାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଫଳରେ ଅଧିନାୟକ ନାଁ ଘୋଷଣା ହୋଇନି। ଅଭିଜ୍ଞ ଶୁଭ୍ରାଂଶୁ ଶେଖର ସେନାପତି ଓ ଗୋବିନ୍ଦ ପୋଦ୍ଦାରଙ୍କ ସମେତ ସନ୍ଦୀପ ପଟ୍ଟନାୟକ ଓ ସ୍ୱସ୍ତିକ ସାମଲଙ୍କ ନାଁ ଅଧିନାୟକ ନିମନ୍ତେ ଆଲୋଚନା ପରିସରକୁ ଆସିଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣ ହେତୁ ଅଧିନାୟକ ନାଁ ଚୂଡ଼ାନ୍ତ ହୋଇ ପାରି ନଥିବା କୁହାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଗ୍ରୁପ-ବି'ରେ ଭାରତୀୟ ରେଲବାଇ, ଜମ୍ମୁ କାଶ୍ମୀର ଓ ବରୋଦା ସହ ରହିଛି। ମ୍ୟାଚ୍‌ଗୁଡ଼ିକ ତ୍ରିଦିବସୀୟ ଫର୍ମାଟ୍‌ରେ ଖେଳାଯିବ। ୧୮ ତାରିଖରୁ ବରୋଦା ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ।

**ଓଡ଼ିଶା ଦଳ:** କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ ବରାଳ, ସୁମିତ ଶର୍ମା, ଅନୀଲ ପରିଡ଼ା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର (ୱିକେଟ୍‌ରକ୍ଷକ), ବାଦଲ ବିଶ୍ୱାଳ, ଓମ ଟି ମୁଣ୍ଡେ, ତରଣୀ ସ', ଶୁଭ୍ରାଂଶୁ ଶେଖର ସେନାପତି, ପ୍ରଶାନ୍ତ ରଣା, ବିନୟ କୁମାର ପାଇକରାୟ (ୱିକେଟ୍‌ରକ୍ଷକ), ଆଶୀର୍ବାଦ ସ୍ୱାଇଁ (ୱିକେଟ୍‌ରକ୍ଷକ), ଆଶୁତୋଷ ଛୁରିଆ, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ପୀୟୂଷ ପାଣିଗ୍ରାହୀ।

# ମହିଳା ବିଶ୍ୱକପ୍ ଆୟୋଜନ ଅଧିକାର ହରାଇବ ବେଙ୍ଗାଲୁରୁ

ବେଙ୍ଗାଲୁରୁ, ୧୪।୮: ଚଳିତ ବର୍ଷ ଭାରତରେ ଆୟୋଜିତ ହେବ ମହିଳା ଦିନିକିଆ ବିଶ୍ୱକପ୍। ଏହି ପ୍ରତିଯୋଗିତା ଲାଗି ବିସିସିଆଇ ସହରଗୁଡ଼ିକର ନାମ ଘୋଷଣା କରି ସାରିଛି। ଏହି ତାଲିକାରେ ବେଙ୍ଗାଲୁରୁ ସହର ରହିଛି। ହେଲେ ବିସିସିଆଇ ପକ୍ଷରୁ ଦିଆଯାଇଥିବା ୧୦ ତାରିଖ ମହଲତ ମଧ୍ୟରେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ) ଆୟୋଜନ ଲାଗି ନିଜ ସ୍ୱୀକୃତି ଦେଇପାରିନି। ଫଳରେ ଏହି ସହର ବିଶ୍ୱକପ୍ ଆୟୋଜନ ଅଧିକାର ହରାଇବାର ସମଭାବନା ରହିଛି। ସେପ୍ଟେମ୍ବର ୩୦ ତାରିଖରେ ବେଙ୍ଗାଲୁରୁରେ ଭାରତ-ଶ୍ରୀଲଙ୍କା ଉଦ୍‌ଘାଟନୀ ମ୍ୟାଚ୍ ସହ ଅକ୍ଟୋବର ୩ରେ ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା, ୨୬ରେ ଭାରତ-ବାଂଲାଦେଶ ଲିଗ୍ ମ୍ୟାଚ୍ ଖେଳାଯିବାର ସୂଚୀ ପ୍ରସ୍ତୁତ ହୋଇଥିଲା। ଏଥିସହ ଅକ୍ଟୋବର ୩୦ରେ ଦ୍ୱିତୀୟ ସେମିଫାଇନାଲ୍ ସହ ଯଦି ପାକିସ୍ତାନ ଫାଇନାଲ୍‌କୁ ନଯାଏ ତେବେ ନଭେମ୍ବର ୨ରେ ଏଠାରେ ଫାଇନାଲ୍ ଖେଳାଯିବାର ସ୍ଥିର ହୋଇଥିଲା। କେଏସ୍‌ସିଏରୁ ସ୍ୱୀକୃତି ନ ମିଳିବାରୁ ଏହି ଭେନ୍ୟୁ ବଦଳିବ। ବେଙ୍ଗାଲୁରୁ ବଦଳରେ କେରଳ କ୍ରିକେଟ୍ ସଂଘ (କେସିଏ) ବିଶ୍ୱକପ୍ ଆୟୋଜନ ଲାଗି ଆଗ୍ରହ ଦେଖାଇଛି। ଫଳରେ ତିରୁଅନନ୍ତପୁରମରେ ବିଶ୍ୱକପ୍ ଆୟୋଜନ ସମ୍ଭାବନା ଦେଖାଯାଇଛି। ବିସିସିଆ ଆଗାମୀ ସପ୍ତାହ ଭିତରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ।

# ବୁଲ୍‌ଗେରିଆ ଯୋଡ଼ିଙ୍କୁ ଭେଟିବେ ପଣ୍ଡା ଭଉଣୀ

ନୂଆଦିଲ୍ଲୀ, ୧୪।୮: ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତ ୨୦୧୧ ମସିହାରୁ ପ୍ରତି ସଂସ୍କରଣରେ ଅତିକମ୍‌ରେ ଗୋଟିଏ ପଦକ ଜିତି ଆସୁଛି। ତେବେ ଚଳିତ ମାସ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ୟାରିସ୍‌ରେ ହେବାକୁ ଥିବା ସଂସ୍କରଣରେ ଭାରତର ଚାଲିଥିବା ଏହି ୧୫ ବର୍ଷର ଧାରାରେ ବ୍ରେକ୍ ଲାଗିବାର ସମ୍ଭାବନା ଦେଖାଯାଇଛି। ବୁଧବାର ବିଶ୍ୱ ବ୍ୟାଡ୍‌ମିଣ୍ଟନ୍‌ର ଡ୍ର' ପ୍ରକାଶ ପାଇଛି। ଏଥିରେ ଭାରତୀୟ ଖେଳାଳି କଷ୍ଟକର ଡ୍ର'ରେ ସ୍ଥାନ ପାଇଛନ୍ତି। ଭାରତ ଏକ ନମ୍ବର ଏକକ ପୁରୁଷ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କ ପ୍ରଥମ ରାଉଣ୍ଡ ମୁକାବିଲା ହେବ ବିଶ୍ୱର ଏକ ନମ୍ବର ଚୀନ୍‌ର ସି ୟୁକିଙ୍କ ସହ। ୟୁକିଙ୍କ ବିପକ୍ଷରେ ଲକ୍ଷ୍ୟଙ୍କ ବିଜୟ ପରାଜୟ ବ୍ୟବଧାନ ରହିଛି ୧-୩। ତେଣୁ ଗତ ସଂସ୍କରଣରେ କାଂସ୍ୟ ଜିତିଥିବା ଲକ୍ଷ୍ୟଙ୍କୁ ଏହି ବାଧା ପାର୍ କରିବା କଷ୍ଟକର ହୋଇପଡ଼ିବ। ଏଚ୍‌ଏସ୍ ପ୍ରଣୟ ମଧ ନିଜଠୁ ଉଚ୍ଚ ମାନ୍ୟତାପ୍ରାପ୍ତ ଫିନ୍‌ଲାଣ୍ଡର ଜୋଆକିମ୍ ଓଲ୍‌ଡୋର୍ଫଙ୍କୁ ଭେଟିବେ। ଭାରତର ଭେଟେରାନ ମହିଳା ଖେଳାଳି ୨୦୧୯ ବିଜେତା ପିଭି ସିନ୍ଧୁ ବୁଲଗେରିଆର କାଲୋୟାନ ନାଲବାଣ୍ଟୋଭାଙ୍କୁ ପ୍ରଥମ ରାଉଣ୍ଡରେ ଭେଟିବା ପରେ ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଚୀନ୍‌ର ୱାଙ୍ଗ ଝି ୟିଙ୍କୁ ଭେଟିବାର ସମ୍ଭାବନା ରହିଛି। ବିଶ୍ୱର ପୂର୍ବତନ ୧ ନଂ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ପ୍ରଥମ ରାଉଣ୍ଡ ବାଇ ପାଇଥିଲା ବେଳେ ଦ୍ୱିତୀୟ ରାଉଣ୍ଡରେ ଚୀନ୍‌ର ଲିଆଙ୍ଗ ୱେଇ କାଙ୍ଗ ଓ ୱାଙ୍ଗ ଚାଙ୍ଗ ବିପକ୍ଷ ପରୀକ୍ଷାର ସମ୍ମୁଖୀନ ହେବ। କ୍ୱାର୍ଟରଫାଇନାଲ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆରୋନ ଚିଆ ଓ ସୋ ଓଇ ୟିଙ୍କୁ ଭେଟିବାର ସମ୍ଭାବନାର ରହିବ। ପ୍ରଥମ ଥର ଲାଗି ଏହି ପ୍ରତିଯୋଗିତାରେ ଓଡ଼ିଶାର ପଣ୍ଡା ଭଉଣୀ ଋତାପର୍ଣ୍ଣ ଓ ଶ୍ୱେତାପର୍ଣ୍ଣା ନିଜର କମାଲ ଦେଖାଇବେ। ବିଶ୍ୱର ୩୮ ନଂ ଏହି ଭାରତୀୟ ମହିଳା ଯୋଡ଼ି ପ୍ରଥମ ରାଉଣ୍ଡରେ ବୁଲଗେରିଆର ଗାବ୍ରିଏଲା ଷ୍ଟୋଏଭା ଓ ଷ୍ଟେଫାନୀ ଷ୍ଟୋଏଭାଙ୍କୁ ଭେଟି ଅଭିଯାନ ଆରମ୍ଭ କରିବେ।



**ବିଶ୍ୱ ବ୍ୟାଡ୍‌ମିଣ୍ଟନ୍**

**ଜୟନ୍ତ ମହାପାତ୍ର ସ୍ମାରକୀ ସ୍କୁଲ୍ ଫୁଟ୍‌ବଲ୍**

# ସାଇ ଇଣ୍ଟରନ୍ୟାସ୍‌ନାଲ୍ ଓ କିସ୍ ବିଜୟୀ

**ଭୁବନେଶ୍ୱର, ୧୪।୮ (ସଂଚାର ବ୍ୟୁରୋ):** ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ଭୁବନେଶ୍ୱର ଫୁଟ୍‌ବଲ୍ ଏକାଡେମି ଗ୍ରାଉଣ୍ଡ୍‌ରେ ଚାଲିଥିବା ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଭୁବନେଶ୍ୱର ଅନ୍ତଃବିଦ୍ୟାଳୟ ଫୁଟ୍‌ବଲ୍ ପ୍ରତିଯୋଗିତାର ଷଷ୍ଠ ଦିନରେ ସାଇ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ୍ ଓ କିସ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ସାଇ ଦଳ ୮-୦ ଗୋଲ୍‌ରେ ବିକାଶ ସ୍କୁଲ୍, ଖଣ୍ଡଗିରିକୁ ପରାସ୍ତ କରିଥିଲା। ଅଗସ୍ତ୍ୟ ପଟ୍ଟନାୟକ ୪ଟି ଏବଂ ତଥ୍ୟ ସେନାପତି, ମଣ୍ଟୁ ତ୍ରିପାଠୀ, ଶ୍ରୀୟାଂଶ୍ୟ ରାଉତ, ଶୋଭନ ରାଜଧାଇ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଅଗସ୍ତ୍ୟଙ୍କୁ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ କିସ୍ ୧୨-୦ ଗୋଲ୍‌ରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌କୁ ପରାସ୍ତ କରିଥିଲା। ବିଜୟୀ ଦଳର ସୋନାରାମ ସୋରେନ, ମହେଶ୍ୱର ମୁର୍ମୁ, କାଡ଼େ ହାସ୍‌ଦା, ଉପେନ୍ଦ୍ର ଅମରନାଟ୍ୟ ଦୁଇଟି ଲେଖାଏଁ ଏବଂ କାନୁ ମାର୍ଡି, ସମୀର ପାଇପୁଟ, ବଚନ ପୁର୍ଟି, ଈଶାନ ଡିଗି ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ମହେଶ୍ୱରଙ୍କୁ ଅବସରପ୍ରାପ୍ତ ସହଯୋଗୀ କ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଭାବେ ସୁଜିତ କୁମାର ପାତ୍ର, ଆଲୋକ ଦେହୁରୀ, ଦିଗବିଜୟ ଦାସ, ସୁବାଷ କୁମାର ମିଶ୍ର, ସୁଶାନ୍ତ କୁମାର ମିଶ୍ର, ଶିବପ୍ରସାଦ ସାମନ୍ତରାୟ ମ୍ୟାଚ୍ ଦ୍ୱୟକୁ ପରିଚାଳନା କରିଥିଲେ। ଗୁରୁବାର ଦୁଇଟି ମ୍ୟାଚ୍‌ରେ ସାଇ ରେସିଡେଣ୍ଟାଲ୍-ଡିଏଭି ଚନ୍ଦ୍ରଶେଖରପୁର ଏବଂ ବିକାଶ ରେସିଡେଣ୍ଟାଲ -ୟୁନିଟ୍-୧ ସରକାରୀ ହାଇସ୍କୁଲ୍ ମଧ୍ୟରେ ମୁକାବିଲା ହେବ।




















## ଅଲୌକିକ ଘଟଣା | ମାଟିତଳୁ ଠାକୁରାଣୀ ପ୍ରତିମୂର୍ତ୍ତି ଉଦ୍ଧାର

**ହିଞ୍ଜିଳିକାଟୁ,୧୪।୮(ସଂଚାର ବ୍ୟୁରୋ):** ଜଣେ ବ୍ୟକ୍ତି ଛେଳି ଚରାଉଥିବା ବେଳେ ଏକ ସ୍ଥାନରୁ ସୁଗନ୍ଧ ବାରିଥିଲେ ପରେ ସେଇ ସ୍ଥାନରୁ ମାଟି ଖୋଳିବା ଆରମ୍ଭ କରିଥିଲେ। ମାଟି ଖୋଳିଲା ପରେ ମାଟିତଳୁ ବାହାରିଥିଲା ଠାକୁରାଣୀ ପ୍ରତିମୂର୍ତ୍ତି। ପରିଷ୍କାର କରି ଦେଖିବା ପରେ ତାହା ମାଁ ମଙ୍ଗଳାଙ୍କ ପ୍ରତିମୂର୍ତ୍ତି ବୋଲି ଜଣାପଡ଼ିଥିଲା। ଏମିତି ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ମେଣ୍ଢାଖାଇ ପାହାଡ଼ ପାଦଦେଶରେ।

ପ୍ରକାଶ ଯେ, ବୁଧବାର ଦିନ ପୌରାଞ୍ଚଳ ସ୍ଥିତ ଗୋଷ୍ଠି ଶିକ୍ଷାଧିକାରୀ କାର୍ଯ୍ୟାଳୟ ନିକଟସ୍ଥ ରାଜା ତୋଟା ସାହି ତଥା ଲକ୍ଷ୍ମୀ ନୃସିଂହ କଳା ମନ୍ଦିର ପଛପଟ ମେଣ୍ଢାଖାଇ ପାହାଡ଼ରେ ଉକ୍ତ ସାହିର ଜନୈକ ବ୍ୟକ୍ତି ଛେଳି ଚରାଉଥିଲେ। ସେଇ ସମୟରେ ଏକ ସ୍ଥାନରୁ ସୁଗନ୍ଧ ବାରିଥିବା ବେଳେ ବ୍ୟକ୍ତି ଜଣକ ସେଇ ସ୍ଥାନରୁ ମାଟିକୁ ଖୋଳିବା ଆରମ୍ଭ କରିଥିଲେ। ମାଟି ଖୋଳିବା ସମୟରେ ହାତକୁ ପଥର ମୂର୍ତ୍ତି ଲାଗିଥିବା ବେଳେ ସେଇ ସ୍ଥାନରୁ ଭଲଭାବେ ମାଟି ପରିଷ୍କାର କରି ଦେଖିବା ପରେ ତାହା ମାଁ ମଙ୍ଗଳାଙ୍କ ପ୍ରତିମୂର୍ତ୍ତି ବୋଲି ଜଣାପଡ଼ିଥିଲା। ସଙ୍ଗେ ସଙ୍ଗେ ସେଇ ବ୍ୟକ୍ତି ଜଣକ ସ୍ଥାନୀୟ ବାସିନ୍ଦାଙ୍କୁ ଜଣାଇଥିବା ବେଳେ ଆଖି ପିଛୁଳାକେ ଅଞ୍ଚଳରେ ଖବର ବ୍ୟାପିଗଲା। ନିକଟସ୍ଥ ବାସିନ୍ଦା ମାନେ ସେଇ ସ୍ଥାନରେ ବାନା ପୋତିଥିବା ବେଳେ ଦର୍ଶନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।



## ପିଇବା ପାଣି ପାଇଁ ରାସ୍ତାରୋକ

### ସ୍ୱାଧୀନତାର ୭୯ ବର୍ଷ ପରେବି ପାନୀୟଜଳ ପାଇଁ ସଙ୍ଘର୍ଷ

**ଆଳି,୧୪।୮(ସଂଚାର ବ୍ୟୁରୋ):** ପିଇବା ପାଣି ପାଇଁ ପ୍ରତ୍ୟେକ ଦିନ ଦହଗଞ୍ଜ ହେଉଛନ୍ତି ଲୋକେ ଯାହା ଫଳରେ ଆଜି ପ୍ରତିବାଦ କରିବା ସହ ରାସ୍ତାରୋକ ମଧ କରିଛନ୍ତି।ଆଳି ବ୍ଲକ ଗୋପାଳପୁର ଓ କଅଁରପୁର ଗ୍ରାମବାସୀ କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ସେତୁ ନିକଟରେ ରାସ୍ତାରୋକ କରିଥିଲେ। ସକାଳ ହେଲେ ୭୯ ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ଆଜିବି ମୌଳିକ ସୁବିଧାରୁ ବଂଚିତ ଲୋକ ମାନେ।ଯାହା ଫଳରେ ସରକାରଙ୍କୁ ଜାଗର୍ତ କରିବାକୁ ରାଜ ରାସ୍ତା ରୋକିବାକୁ ପଡୁଛି।ସୂଚନାନୁଯାୟୀ, ଗୋପାଳପୁର ଓ କଅଁରପୁର ଗ୍ରାମବାସୀ ଦୀର୍ଘଦିନ ହେବ ସ୍ୱଚ୍ଛ ପିଇବା ପାଣି ଟୋପେ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଗାଁକୁ ବସୁଧା ଯୋଜନାରେ ମଧ ପାଣି ମିଳୁନି। ଯାହାଫଳରେ ଗାଁରେ ଥିବା ନଳକୂଅରୁ ବାହାରୁଥିବା ଦୂଷିତ ପାଣି ହିଁ ଏକମାତ୍ର ଭରସା ପାଲଟିଛି।କିଛି ଦିନ ତଳେ ଦୂଷିତ ପାଣି ପିଇ ଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଜଣ ଛାତ୍ରଛାତ୍ରୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଏ ଦିଗରେ ଆଳି ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ତେଣୁ ବାଧହୋଇ ଗୁରୁବାର ସକାଳେ ଦୁଇଟି ଗାଁର ଗ୍ରାମବାସୀ କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ସେତୁ ନିକଟରେ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଓ ଆଇଆଇସି ଧୀରଜ ଲେଙ୍କା ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।ଅନ୍ୟ ପଟେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର କହିଛନ୍ତି ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କ ଅବଗତ କରାଯାଇଛି ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ।




## ପଟ୍ଟାମୁଣ୍ଡାଇ କଲେଜରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ,୧୪।୮(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ କଲେଜରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ କଲେଜ ଅଧକ୍ଷ କ୍ୟାପଟେନ ମନୋଜ ପରିଡାଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶତାଧିକ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବିଭିନ୍ନ ଦେଶାତ୍ମବୋଧ ସଂଗୀତ ଗାନ ଓ ସ୍ଲୋଗାନ ସହିତ ପଟ୍ଟାମୁଣ୍ଡାଇ କଲେଜରୁ ବାହାରି ପଟ୍ଟାମୁଣ୍ଡାଇ ସମେତ ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ଼ ରମେଶ କୁମାର ସାହୁ, ଡ଼ ସୁନୀଲ ପ୍ରଧାନ ଅମୀୟ ଦାସ, ପ୍ରମୋଦ ସ୍ୱାଇଁ, ବୈକୁଣ୍ଠ ରାଉଳ, ଏନ ଏସ ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଡ଼ ନିବେଦିତା ପ୍ରଧାନ, ଏନ ସି ସି ଅଫିସର ଅଧ୍ୟାପକ ଜିତେନ୍ଦ୍ର ମଲ୍ଲିକ, ଲେପ୍ଟନାଣ୍ଟ ଆର ଏଲ ମଧୁସ୍ମିତା ପରିଡା, ସରୋଜକାନ୍ତ ନାୟକ ରଞ୍ଜନ ବେହୁରା ଅରବିନ୍ଦ ପାଣ୍ଡବ, ଶ୍ରୀମନ୍ତ ଜେନା, ଆଲୋକ ସାହୁ, ଭରତ ସାହୁ, ପୃଥ୍ୱୀରାଜ ବିଶ୍ୱାଳ, ମନୋଜ ଦାସ, ଅଧ୍ୟାପିକା ସରୋଜିନୀ ମିଶ୍ର, ନିବେଦିତା ନାୟକ, ରାଜଲକ୍ଷ୍ମୀ ପାତ୍ର, ରଶ୍ମିତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ପ୍ରଧାନ ଓ ଅଣଶିକ୍ଷକ କର୍ମଚାରୀ ପ୍ରମୋଦ ପରିଡା, ବିଶ୍ୱଜିତ ଭଦ୍ର, ଅବିନାଶ ପରିଡା, ବାବୁରାମ ବାରିକ, ଗୋକୁଳ ଦାସ, ଅଭିମନ୍ୟୁ ମହାନ୍ତି, ଚନ୍ଦ୍ରମଣି ଜେନା, ଶିବବ୍ରତମହାନ୍ତି, ଜ୍ଞାନ ରଞ୍ଜନ ନାୟକ, ଶ୍ରୀଧର ବିଶ୍ୱାଳ, ରମାକାନ୍ତ ମଲ୍ଲିକ, ସତ୍ୟବ୍ରତ ବିଶ୍ୱାଳ ଓ ରାଜା ଗୋଛାୟତ ପ୍ରମୁଖ ଅଂଶ ଗ୍ରହଣ କରି ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ ।

## ବିଜେପି ପକ୍ଷରୁ ହର ଘର ତିରଙ୍ଗା କାର୍ଯ୍ୟକ୍ରମ



**ବ୍ରହ୍ମପୁର, ୧୪।୮ (ସଂଚାର ବ୍ୟୁରୋ):** ବିଜେପି ଆସ୍କାରୋଡ ମଣ୍ଡଳ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତାର ବାର୍ତ୍ତା ନେଇ ଏକ ବାଇକ ଶୋଭାଯାତ୍ରା ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ଆସ୍କାରୋଡ ମଣ୍ଡଳ ସଭାପତି ଜଗନ୍ନାଥ ଜେନାଙ୍କ ନେତୃତ୍ୱରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ଯୋଗ ଦେଇ ବାଇକ ଶୋଭାଯାତ୍ରା ମାଧ୍ୟମରେ ମଣ୍ଡଳ ପରିଭ୍ରମଣ କରିଥିଲେ। ଆୟୋଜିତ ତିରଙ୍ଗା ଶୋଭାଯାତ୍ରାରେ ଅଞ୍ଚଳର ଜନସାଧାରଣ ମାନଙ୍କ ସହ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ଉତ୍ସାହିତ କରିବା ସହ ଭାରତର ଗର୍ବ ଓ ଗୌରବ ବଜାୟ ରଖିବା ପାଇଁ ସଂକଳ୍ପ ନେଇଥିଲେ। ଆଜିର କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଭାଗ୍ୟଲକ୍ଷ୍ମୀ ପାଳ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ଯୁବ ବିଜେପି ନେତା ଅନୁପ ପଣ୍ଡା, ପ୍ରଦୀପ ନାୟକ, କର୍ପୋରେଟର ସବିତା ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଗାଁସାଥୀଙ୍କ ସମସ୍ୟା ନେଇ ବିଡିଓଙ୍କୁ ଭେଟିଲେ ଗାଁସାଥୀ କର୍ମକର୍ତ୍ତା



**ବାଲିଅନ୍ତା,୧୪।୮(ସଂଚାର ବ୍ୟୁରୋ):** ଗୁରୁବାର ମଧ୍ୟାହ୍ନ ସମୟରେ ବାଲିଅନ୍ତା ବ୍ଲକରେ ବିଭିନ୍ନ ପଞ୍ଚାୟତର ରାଜସ୍ୱ ଗାଁର ଗାଁ ସାଥି ୨୦୦୮ ମସିହାରୁ ନୀରବ ଛିନ୍ନ ଭାବରେ ଗ୍ରାମାଞ୍ଚଳର ଜବ କାର୍ଡ ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ କରାଇ ଆସୁଛନ୍ତି। ପୂର୍ବ ସରକାର ସେମାନଙ୍କୁ ସରକାରୀ ଚାକିରୀର ସମସ୍ତ ସର୍ତବଳୀ, ବୟସ ସୀମା ଓ ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା ଆଧାରରେ ମନୋନୟନ କରାଯାଇଥିଲା। କିନ୍ତୁ ଏଯାବତ୍ ସେମାନଙ୍କ ଲାଗି କୌଣସି ସରକାରୀ ସୁବିଧା ସୁଯୋଗ କରାଯାଇନାହିଁ। ଚଳିତ ମାସ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାର ଗାଁ ସାଥିମାନଙ୍କ ଡାଟା ବେସ ଲାଗି ପଞ୍ଚାୟତିରାଜ ବିଭାଗ ତରଫରୁ ବ୍ଲକକୁ ତାଲିକା ମଗାଯାଇଥିଲା। ସେହି ତାଲିକାକୁ ବ୍ଲକ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଦେବା ଓ ଗାଁ ସାଥିମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ପୁନଃ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରସଙ୍ଗରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ରଶ୍ମିତା ନାଥଙ୍କ ସହିତ ଜୟଦେବ ଗାଁ ସାଥି ସଂଘର ସମ୍ପାଦକ ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ସାକ୍ଷାତ କରି ଫୁଲ ତୋଡା ଓ ଦାବିପତ୍ର ପ୍ରଦାନକରି ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ଧଡ୍ଡୁ ସେଠୀ, ଅଜୟ କୁମାର ଭୋଇ, ଶତ୍ରୁଘନ ସାହୁ, ଦେବେନ୍ଦ୍ରନାଥ ସାହୁ, ସାଗର ପଲେଇ ଓ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମାରୁତିକୁଞ୍ଜରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



**ମାର୍ଶାଘାଇ, ୧୪।୮(ସଂଚାର ବ୍ୟୁରୋ):** ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଗୁରୁଗ୍ରାମ ର ମାରୁତିକୁଞ୍ଜ ଠାରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଗୁରୁଗ୍ରାମ ବାସିନ୍ଦା ପ୍ରବାସୀ ଓଡ଼ିଆ ତଥା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇର ଯୁବ ଇଂ ସୌମ୍ୟ ରଞ୍ଜନ ରଥଙ୍କ ତତ୍ୱାବଧାନରେ ପ୍ରାୟ ୪୦୦ ପ୍ରବାସୀ ଓଡ଼ିଆ ପରିବାର ଏକତ୍ରିତ ହୋଇ ମାତ୍ର ବର୍ଷକ ମଧରେ ଏହି ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ କରି ପ୍ରତିଷ୍ଠା ଉତ୍ସବ ପାଳନ କରିଥିଲେ। ଚାରି ଦିନ ବ୍ୟାପି ହୋମଯଜ୍ଞ, ନାମ ସଂକୀର୍ତ୍ତନ, ଓଡିଶୀ ନୃତ୍ୟ, ଭଜନ ସମାରୋହ କରାଯାଇଥିଲା। ଉତ୍ସବ ସ୍ଥଳରେ ରସଗୋଲା, ରସାବଳୀ, ବିରିବରା, ଦହିବରା ଆଳୁଦମ, ଖିଜା, ଲଡୁ ଆଦି ସୁସ୍ୱାଦୁ ବ୍ୟଞ୍ଜନର ଷ୍ଟଲ ଗୁଡିକ ଖୋଲାଯାଇଥିଲା। ନୟାଗଡ଼ର ସୋମନାଥ ଦାସ, ସନାତନ ସାହୁ, କେନ୍ଦ୍ରାପଡ଼ା ମାର୍ଶାଘାଇ ର ଚିତ୍ରଶିଳ୍ପୀ ବିଚିତ୍ରାନନ୍ଦ ବେହେରାଙ୍କ ଟିମ ମନ୍ଦିରରେ ଚିତ୍ରକାର୍ଯ୍ୟ କରିଥିଲେ। ପ୍ରସିଦ୍ଧ ପୂଜକ ମାନସ ଷଡ଼ଙ୍ଗୀ ଙ୍କ ଟିମଙ୍କ ଶ୍ଳୋକ ଉଚ୍ଚାରଣ ଏବଂ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳୁହୁଳି ରେ ପୂଜକ୍ଷସ୍ଥଳ ପ୍ରକମ୍ପିତ ହୋଇଥିଲା। ଇଂ ସୌମ୍ୟରଞ୍ଜନ ରଥ ଏବଂ ପତ୍ନୀ ମମତା ରଥ କର୍ତ୍ତାଦମ୍ପତି ଭାବରେ ଯଜ୍ଞ ପୂଜାବିଧିରେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାରୁତିକୁଞ୍ଜର ସାହାଜି ରାଉତ, ଅରବିନ୍ଦ ମହାପାତ୍ର, ଅଚ୍ୟୁତାନନ୍ଦ ଦାଶ, ବିବେକ କୁମାର ଙ୍କ ସମେତ ଜଗନ୍ନାଥ ମନ୍ଦିର କମିଟି ଏବଂ ନୀଳାଚଳ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ମାନେ ସକ୍ରିୟ ସହଯୋଗ କରିଥିଲେ ।

## ପ୍ରାଚୀର ଚିତ୍ରକଳା ସୁରକ୍ଷିତ ରଖିବାକୁ କମିଶନରଙ୍କ ନିବେଦନ




**ବ୍ରହ୍ମପୁର,୧୪।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମ ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋରଦାର ଚାଲିଛି। ସହରର ବିଭିନ୍ନ ସରକାରୀ ଏବଂ ନିଗମ ପାଚେରୀରେ ସୁନ୍ଦର ଓ ଆକର୍ଷଣୀୟ ଚିତ୍ରକଳା ତିଆରି କରାଯାଉଛି। ଯେଉଁଥିରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଓ ସାମାଜିକ ବାର୍ତ୍ତା ପ୍ରତିଫଳିତ ହେଉଛି। ବ୍ରହ୍ମପୁରକୁ ଅଧିକ ସୁନ୍ଦର, ସ୍ୱଚ୍ଛ ଓ ଆକର୍ଷଣୀୟ କରିବା ଏହାର ଲକ୍ଷ୍ୟ। ବ୍ରହ୍ମପୁର ସହରର କୌଣସି ସରକାରୀ କିମ୍ବା ନିଗମ ପ୍ରାଚୀରରେ ଜନସାଧାରଣ, ବ୍ୟବସାୟୀ, ସଂସ୍ଥା ଓ ସଂଗଠନମାନେ ପୋଷ୍ଟର, ବିଜ୍ଞାପନ ବା ବିଲ୍ ନ ଲଗାଇବାକୁ ମହାନଗର ନିଗର କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ନିବେଦନ କରିଛନ୍ତି। ଏପରି କାର୍ଯ୍ୟ କେବଳ ଚିତ୍ରକଳାର ସୌନ୍ଦର୍ଯ୍ୟ ନଷ୍ଟ କରେ ନାହିଁ ବରଂ ନିଗମର ସ୍ୱଚ୍ଛତା ନିୟମାବଳୀକୁ ମଧ ଉଲ୍ଲଙ୍ଘନ କରେ ବୋଲି ସେ କହିଛନ୍ତି। ଏହାସହ ଏହି ପ୍ରାଚୀର ଚିତ୍ରକଳା, ଆମ ସହରକୁ ସୁନ୍ଦର କରିବା ଓ ନାଗରିକ ଗୌରବ ବୃଦ୍ଧି କରିବାର ଏକ ପ୍ରୟାସ। ସମସ୍ତଙ୍କୁ ଅନୁରୋଧ, ଏହାକୁ ସମ୍ମାନ ଦେବା ସହ ସହଯୋଗ କରନ୍ତୁ। ଏହା ଦ୍ୱାରା ଏକାସାଥିରେ ଆମେ ବ୍ରହ୍ମପୁରକୁ ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟର ଏକ ଆଦର୍ଶ ସହର କରିପାରିବା ବୋଲି କହିଛନ୍ତି ବିଏମସି ଆୟୁକ୍ତ। ସେହିପରି ପୋଷ୍ଟର କିମ୍ବା ବିଲ ଲଗାଇ ପ୍ରାଚୀର କଳାକୁ ନଷ୍ଟ ନ କରିବାକୁ ନିଗମ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଖିଲାପକାରୀଙ୍କ ବିରୋଧରେ ସର୍ବସାଧାରଣ ସମ୍ପତ୍ତିକୁ କ୍ଷତିଗ୍ରସ୍ତ କରିବା ସମ୍ପର୍କିତ ନିଗମ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛି ମହାନଗର ନିଗମ। ନିଗମର ହେଲ୍ପଲାଇନ ବା ଅଭିଯୋଗ ପୋର୍ଟାଲ ମାଧମରେ ଜନସାଧାରଣ ଖିଲାପକାରୀଙ୍କ ବିରୋଧରେ ଅଭିଯୋଗ କରିପାରିବେ ବୋଲି କମିଶନର ସୂଚନା ଦେଇଛନ୍ତି।

## ନଳକୂପ ଖନନ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

**ମହାକାଳପଡ଼ା,୧୪।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାରଡାଙ୍ଗ ବାଟି ପଡା ଗ୍ରାମରେ ଏକ ନଳକୂପ ଖନନ ପାଇଁ ଅନୁମୋଦନ ହୋଇଥିଲା । ଖନନ ହେବାକୁ ଥିବା ସ୍ଥାନ ପରିଦର୍ଶନରେ ଯାଇଥିବା ଅଧିକାରୀ ମାନଙ୍କୁ କିଛି କୁଚକ୍ରୀ ବ୍ୟକ୍ତି ଗାଳିଗୁଲଜ କରି ତଡିଦେବା ଯୋଗୁଁ ନଳକୂପ ଖନନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏନେଇ ପଡ଼ାର ସୁଶିଲ୍ ସ୍ୱାଇଁ, ମନୋରଞ୍ଜନ ନାଉରୀ, କୁନି ଲତା ରାଉତ, ପ୍ରଭାସିନୀ ଜେନା ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ କରିବା ସହିତ ପ୍ରମୋଦ ମହାନ୍ତି ଙ୍କ ଘର ପାଖରେ ଅନୁମୋଦନ ହୋଇଥିବା ନଳକୂପଟିକୁ ଖନନ ପାଇଁ ଜଣାଇଥିଲେ। ଅଭିଯୋଗ ପାଇବା ପରେ ତୁରନ୍ତ ନଳକୂପ ଖନନ ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଛନ୍ତି।

## ବିଜେପି ପକ୍ଷରୁ 'ତ୍ରିରଙ୍ଗା ପଦଯାତ୍ରା' ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ



**ଗୋପ,୧୪।୮ (ସଂଚାର ବ୍ୟୁରୋ):** ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ ନିମାପଡା ହରିପୁର ଠାରୁ ଗୋପ ପର୍ଯ୍ୟନ୍ତ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆୟୋଜିତ ହେଉଥିବା ତ୍ରିରଙ୍ଗାଯାତ୍ରା ସହିତ ହର ଘର ତ୍ରିରଙ୍ଗା ଅଭିଯାନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ତ୍ରିରଙ୍ଗା ଯାତ୍ରାର ଗୁରୁତ୍ୱ ଅଧିକ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ଇଚ୍ଛାଶକ୍ତି ଏବଂ ନିର୍ଣ୍ଣାୟକ ନେତୃତ୍ୱ, ସେନାର ବୀରତ୍ୱ ଏବଂ ଦେଶବାସୀଙ୍କ ଏକତାର ସଂକଳ୍ପ ସହିତ, 'ଅପରେସନ ସିନ୍ଦୁର' ସମ୍ପୂର୍ଣ୍ଣ ସଫଳ ହୋଇଛି। ଏକ ନୂତନ ସମୃଦ୍ଧ, ଶକ୍ତିଶାଳୀ ଏବଂ ସ୍ୱାବଲମ୍ବୀ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ପାଇଁ ଦେଶବାସୀ ଆଜି ଗର୍ବିତ। ମୋଦିଙ୍କ ଆହ୍ୱାନରେ 'ହର ଘର ତିରଙ୍ଗା' ଅଭିଯାନ ଆଜି ଦେଶରେ ସର୍ବବ୍ୟାପୀ ହୋଇପାରିଛି।

## ମହାବିଦ୍ୟାଳୟ ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା




**କେନ୍ଦ୍ରାପଡ଼ା,୧୪।୮(ସଂଚାର ବ୍ୟୁରୋ):** ସ୍ୱାଧୀନତା ଦିବସର ଅବ୍ୟବହତି ପୂର୍ବରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ନେତୃତ୍ୱରେ ଏବଂ ସଂଯୋଜକ ପ୍ରାଧାପକ ରମାନାଥ ମହାନ୍ତି, ଏନଏସଏସ ଅଧିକାରୀ ଅଧାପକ ପ୍ରମୋଦ କୁମାର ବେହେରା, ଯୁବରେଡକ୍ରସର ଅଧିକାରୀ ଅଧାପକ ବିକାଶ କୁମାର ନାୟକ, ଏନସିସି କ୍ୟାପଟେନ ସୀମା ମହାନ୍ତି ଓ ସତ୍ୟରଞ୍ଜନ ମିଶ୍ରଙ୍କ ତତ୍ୱାବଧାନରେ ମହାବିଦ୍ୟାଳୟର ଏକହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ ନାରା ଦେଇ ମହାବିଦ୍ୟାଳୟ ପରିସରରୁ ବାହାରି ଉଦୟନଗର ଛକ ଦେଇ ତିନିମୁହାଣି ଓ ପରେ ଜ୍ଞାନପୀଠ ଛକ ଦେଇ ପୁନର୍ବାର କଲେଜ ପରିସରରେ ପହିଥିଲେ। ଏହି ଅବସରରେ କଲେଜ ଅଧକ୍ଷ ପ୍ରଫେସର ଜେନା ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଏହି ଯାତ୍ରା ଆମ ଭିତରେ ରାଷ୍ଟ୍ରଭକ୍ତିକୁ ଜାଗ୍ରତ କରାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ତପସ୍ୟା, ସଂଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣି ଥରେ ମନେ ପକାଇଦେଇଥାଏ। ଏହି ତ୍ରିରଙ୍ଗା ଯାତ୍ରାର ମୁଖ୍ୟ ଲକ୍ଷ୍ୟ ହେଉଛି ସମାଜରେ ଲୋକମାନେ କିପରି ଦେଶପ୍ରେମ ଓ ଦେଶଭକ୍ତିରେ ନିଜକୁ ଉଦବୁଧ କରିବେ ତଥା ସମସ୍ତଙ୍କ ମନରେ ରାଷ୍ଟ୍ରପ୍ରେମର ଭାବନା ଜାଗ୍ରତ ହୋଇପାରିବ। ଜାତୀୟ ପତାକା ପ୍ରତ୍ୟେକ ଭାରତୀୟଙ୍କ ଗର୍ବ, ଗୌରବ ଓ ସ୍ୱାଭିମାନର ପ୍ରତୀକ। ଦେଶ ସ୍ୱାଧୀନତା ନିମନ୍ତେ ଏହି ଜାତୀୟ ପତାକା ତଳେ ଅନେକ ଦେଶଭକ୍ତ ନିଜ ଜୀବନକୁ ବଳି ଦେବାକୁ ପଛାଇ ନଥିଲେ।

### ଓଲଡି ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଅନିୟମିତତା

## ଶିକ୍ଷୟିତ୍ରୀଙ୍କ ମନମାନି ବିରୋଧରେ ବିଇଓଙ୍କ ନିକଟରେ ଅଭିଯୋଗ




**ଡେରାବିଶ, ୧୪।୮(ସଂଚାର ବ୍ୟୁରୋ):** କୋମଳମତି ଛାତ୍ରୀଛାତ୍ରଙ୍କ ଶିକ୍ଷା ପ୍ରତି ଆଗ୍ରହ ବଢାଇବା ଉଦ୍ଦେଶ୍ୟରେ ଏବଂ ସେମାନଙ୍କ ଶାରିରୀକ ଓ ମାନସିକ ଅଭିବୃଦ୍ଧି ପାଇଁ ପ୍ରାଥମିକ ବିଦ୍ୟାଳୟରେ ସହ ଖେଳ କୌତୁକ ଓ ଅନ୍ୟାନ୍ୟ ବ୍ୟବସ୍ଥା ସରକାରୀସ୍ତରରେ କରାଯାଇଛି। ଏହି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ମାତ୍ର ଡେରାବିଶ ଶିକ୍ଷା ମଣ୍ଡଳ ଅଧୀନରେ ଚାଟରାଚୋକଡ଼ା ପଞ୍ଚାୟତରେ ଓଲଢ଼ି ପ୍ରାଥମିକ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟ ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଠିକ ସମୟରେ ନ ଆସିବା ସହ ମଧନ ଭୋଜନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା କରୁଥିବା ମଙ୍ଗଳବାର ଓଲଢ଼ି ଗ୍ରାମବାସୀ, ଛାତ୍ରୀଛାତ୍ର ଓ ଅବିଭାବନମାନେ ସଂପୃକ୍ତ ଶିକ୍ଷୟତ୍ରୀ ଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟର ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପାଣ୍ଠିରୁ ଆସୁଥିବା ଅର୍ଥକୁ ଠିକ କାମରେ ନ ଲଗାଇବା ଏବଂ ପିଲାଙ୍କ ଉପସ୍ଥାନ ଅଧିକ ପକାଇ ମଧାନ ଭୋଜନରେ ପ୍ରଦାନ କରାଯାଉଥିବା ଅର୍ଥରାଶିକୁ ହଡ଼ପ କରିବା, ପରିଚାଳନା କମିଟି ଅଧକ୍ଷ ଓ ଅଭିଭାବକମାନଙ୍କୁ ବିଭିନ୍ନ ସମୟରେ ଖରାପ ବ୍ୟବହାର କରୁଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଉକ୍ତ ଶିକ୍ଷୟତ୍ରୀ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ପ୍ରତି ମାସରେ ହେବା କୁଥିବା ପରିଚାଳନା ସମିତି ବୈଠକ ନ କରି ନିଜ ସମ୍ପର୍କୀୟଙ୍କ ଦସ୍ତଖତ କରି ବୈଠକ କରୁଥିବା ରିପୋର୍ଟ ଦେଉଥିବାକୁ ନେଇ ପରିଚାଳନା କମିଟି ସଭାପତି ରଘୁନାଥ ବେହେରା ଓ ଅଭିଭାବକମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବିଇଓଙ୍କୁ ପଚାରିବାରୁ ଗୁରୁବାର ଏହି ଘଟଣାର ତଦନ୍ତ ପାଇଁ ଏକ ଟିମ୍ ପଠାଇବେ। ତଦନ୍ତ ରିପୋର୍ଟ ପାଇବା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି ବିଇଓ କହିଛନ୍ତି।

## ଓଲାଭର ମହାବିଦ୍ୟାଳୟରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ




**ରାଜକନିକା, ୧୪।୮(ସଂଚାର ବ୍ୟୁରୋ):** ଓଲାଭର ମହାବିଦ୍ୟାଳୟର ଯୁବ ରେଡ କ୍ରସ ଓ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଓଡିଶା ସରକାରଙ୍କ ପ୍ରଯୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ର ଅଧକ୍ଷ ହଳଧର ବେହେରା ହର ଘର ତ୍ରିରଙ୍ଗା ରାଲି କୁ ଉଦଘାଟନ କରିଥିଲେ। ଏହି ତ୍ରିରଙ୍ଗା ରାଲି କୁ ଯୁବ ରେଡ କ୍ରସ, ଜାତୀୟ ସେବା ସଂସ୍ଥା ର ୨୦୦ରୁ ଅଧିକ ସ୍ୱେଚ୍ଛାସେବି ଓ ମହାବିଦ୍ୟାଳୟ ର ୫୦୦ରୁ ଅଧିକ ଛାତ୍ର ଛାତ୍ରୀ ଏହି ତ୍ରିରଙ୍ଗା ରାଲି ରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ରୁ ବାହାରିଥିବା ତ୍ରିରଙ୍ଗା ରାଲି ଓଲାଭର ମାର୍କେଟ ପରିକ୍ରମା କରି ଓଲାଭର ମହାବିଦ୍ୟାଳୟ ର ନୂତନ କ୍ୟାମ୍ପସ ପର୍ଯ୍ୟନ୍ତ ଯାଇଥିଲା। ଏହି ତ୍ରିରଙ୍ଗା ରାଲି ରେ ଯୁବ ରେଡ କ୍ରସ ର ସଂଯୋଜକ ପ୍ରତାପ କୁମାର ବିଶ୍ୱାଳ, ଜାତୀୟ ସେବା ସଂସ୍ଥାର ଅଧିକାରୀ ମହେନ୍ଦ୍ର ନାଥ ମଲିକ, ଜୁନିଅର ଏନସସର ସଂଯୋଜକ ମଧୁସୂଧନ ମାଝୀ, ଅନ୍ୟ ମାନଙ୍କ ମଧରେ ଅଧାପକ ଅନନ୍ତ ସାହୁ, ମାନସ ରଞ୍ଜନ ରାଉତ, ଡ଼ଃ ସୁଧୀର କୁମାର ବାରିକ, ଇପ୍ସିତା ସାହୁ, ଅର୍ପିତା ପ୍ରିୟଦର୍ଶିନୀ ଲେଙ୍କା, ସସ୍ମିତା ବିଶ୍ୱାଳ, ଡ଼ଃ ଅକ୍ଷୟ କୁମାର ମିଶ୍ର, ମନୀନ୍ଦ୍ର ସାହୁ, ମୁରଲୀ ଧର କର, ଧରିତ୍ରୀ ରାଉତ, ମନୀନ୍ଦ୍ରା ସାହୁ, ମଧୁସ୍ମିତା ଶୁକ୍ଳା, ଇତ୍ୟାଦି ରାଲି କୁ ପରିଚାଳନା କରିଥିଲେ, ଏହା ପରେ ପିଲା ମାନଙ୍କ ମଧରେ ନୃତ୍ୟ ଓ ଦେଶ ପ୍ରେମୀ ସଂଗୀତ ପ୍ରତିଯୋଗିତା ହୋଇଥିଲା, କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମହାବିଦ୍ୟାଳୟରେ ଉଦ୍ୟମିତା ଓ ଷ୍ଟାର୍ଟଅପ୍ ଇଣ୍ଡିଆ ଶୀର୍ଷକ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୧୪।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପିଜି ଓ ଯୁକ୍ତ ୩ ଛାତ୍ରଛାତ୍ରୀମାନଙ୍କୁ ନେଇ ଉଦ୍ୟମତା ଓ ଷ୍ଟାଟ୍‌ଅପ୍ ଇଣ୍ଡିଆ ଶୀର୍ଷକ ମୌଖିକ ଓ ପୋଷ୍ଟର ଉପସ୍ଥାପନା ପ୍ରତିଯୋଗୀତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ପୌରହିତ୍ୟ କରି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତର ସ୍ୱପ୍ନ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରାଧାପକ ତପନ କୁମାର ପତି ଓ ଭାରତୀୟ ଷ୍ଟେଟବ୍ୟାଙ୍କ ଜୀବନବୀମାର ବରିଷ୍ଠ ପରିଚାଳକ ମନୋଜ କୁମାର ଷଡଙ୍ଗୀ ଏବଂ ଆଭ୍ୟନ୍ତରୀଣ ବିଚାରକ ଭାବେ ରସାୟନ ବିଭାଗ ଅଧାପକ ଡ. ଗିରିଜା ପ୍ରସାଦ ମିଶ୍ର ଓ ମନସ୍ତତ୍ୱ ବିଭାଗ ଅଧାପକ ଡ. ଦେବକାନ୍ତ ଷଡଙ୍ଗୀ ଯୋଗଦେଇଥିଲେ। ମୌଖିକ ପ୍ରତିଯୋଗିତାରେ ଛାତ୍ର ଅମିତରଞ୍ଜନ ସାହୁ ପ୍ରଥମ, ଲକ୍ଷ୍ମୀଧର ସାହୁ ଦ୍ୱିତୀୟ ଓ ରେହା ଲାୟାସ ତୃତୀୟ ହୋଇଥିବା ବେଳେ ପୋଷ୍ଟର ଉପସ୍ଥାପନା ପ୍ରତିଯୋଗୀତାରେ ଛାତ୍ର ସୌମ୍ୟରଞ୍ଜନ ନାୟକ ଓ ଅମିତରଞ୍ଜନ ସାହୁ ଯୁଗ୍ମ ପ୍ରଥମ, ଛାତ୍ରୀ ସ୍ୱାଗତିକା ତରାଇ ଦ୍ୱିତୀୟ ଓ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରାଧାପକ ଶ୍ରୀ ପତି ସଭ୍ୟତାର ଆରମ୍ଭରୁ ଏଯାବତ ଆମ ଉଦ୍ୟମଶୀଳତା, ନୂଆଚିନ୍ତା, ଆବିଷ୍କାର ଓ ଉଦ୍ଭାବନ ଏକବିଂଶ ଶତାବ୍ଦୀର ଉନ୍ନତି ଶିଖରରେ ପହେଇ ପାରିଛି ବୋଲି କହିଥିଲେ। କିନ୍ତୁ ଏ ବିକାଶ ସମ୍ବନ୍ୱିତ ଓ ସମସ୍ତଙ୍କୁ ଧାରଣକରି ଅଗ୍ରଗତି କରିବାକୁ ପଡ଼ିବ। ବିଶେଷକରି ଆମ ପରିବେଶ, ପର୍ଯ୍ୟାବରଣର ସୁରକ୍ଷା ପ୍ରାଥମିକତା ପାଇବା ଉଚିତ ବୋଲି ପ୍ରାଧାପକ ଶ୍ରୀ ପତି ମତବ୍ୟକ୍ତ କରିଥିଲେ। ବରିଷ୍ଠ ପରିଚାଳକ ଶ୍ରୀ ଷଡଙ୍ଗୀ ଆମ ଯୁବଶକ୍ତି ଆମ ସମ୍ବଳ ଓ ଶକ୍ତି ବୋଲି କହିବା ସହ ଆମେ ଚାକିରୀ ପଛରେ ନଧାଇଁ ଚାକିରୀ ସୃଷ୍ଟି କରିବା ପାଇଁ ଧ୍ୟାନ ଦେବା ଦରକାର ବୋଲି କହିଥିଲେ।



ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରୁଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

### ଜୟଦେବ ଭବନରେ 'ବିଭାଜନ ବିଭୀଷିକା ସ୍ମୃତିଦିନ'ରେ ମୁଖ୍ୟମନ୍ତ୍ରୀ

# ହାର୍ ମାନିନି ଭାରତୀୟ ଜାତୀୟତା

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଜୟଦେବ ଭବନଠାରେ ଭାରତୀୟ ଇତିହାସ ସଂକଳନ ସମିତି ପକ୍ଷରୁ ଆୟୋଜିତ ବିଭାଜନ ବିଭୀଷିକା ସ୍ମୃତିଦିନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ବିଭାଜନ ଆମକୁ ଯେତିକି କଷ୍ଟ ଦେଇଛି, ତା'ଠାରୁ ଅଧିକ ଜୀବନ ସଂଗ୍ରାମ ପାଇଁ ଶିକ୍ଷା ଦେଇଛି। ସାମ୍ପ୍ରଦାୟିକ ବିଦ୍ୱେଷର ବିଭୀଷିକା ଦେଶକୁ ଥରାଇଦେଇଥିଲା ସତ, କିନ୍ତୁ ଏହା ଆଗରେ ଭାରତୀୟ ଜାତୀୟତା ହାର୍ ମାନିନଥିଲା। ଭାରତର ବିଭାଜନ କେବଳ ଏକ ଭୌଗୋଳିକ ଘଟଣା ନୁହେଁ, ଏହା ଏକ ମାନବିକ ବିପର୍ଯ୍ୟୟ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଦେଶ ଓ ରାଜ୍ୟର ନୂଆପିଢ଼ିକୁ ଇତିହାସକୁ ମନେ ରଖି ସେଥିରୁ ଶିକ୍ଷା ଗ୍ରହଣ ପୂର୍ବକ ଭବିଷ୍ୟତ ରାସ୍ତାରେ ସଠିକ ଭାବେ ପରିଚାଳିତ ହେବାକୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଇତିହାସ ହେଉଛି ଏକ ଆଇନା, ଯାହା ଆମେ ଦେଖିବା ଓ ଶିଖିବା ଦ୍ୱାରା ଭବିଷ୍ୟତ ତ୍ରୁଟି ରୋକିପାରିବା। ବିଭାଜନ ଦିନର ଏକ ଦୁଃଖମୟ ସତ୍ୟ। ଏଣୁ ଇତିହାସକୁ ଭୁଲିବା ନାହିଁ, ସେଠାରୁ ଶିଖିବା ଦରକାର। ନୂଆ ଭାରତ ନୂଆପିଢ଼ି ଇତିହାସର ସତ୍ୟକୁ ବୁଝି ଦେଶର ସାର୍ବଭୌମତ୍ୱ, ସଂସ୍କୃତି ଓ ଏକତା ରକ୍ଷାପାଇଁ ସଦା ପ୍ରସ୍ତୁତ ରହିବା ଆବଶ୍ୟକ। ଭାରତର ପୌରାଣିକ ଏବଂ ଐତିହାସିକ ଆଧାରରେ ତିଆରି ହୋଇଥିବା ସଂସ୍କୃତି ହିଁ ଦେଶର ରାଷ୍ଟ୍ରୀୟ ଚିନ୍ତନ ଓ ଅସ୍ତିତ୍ୱର ଭିତ୍ତି, ସେଥିପାଇଁ ଏହାକୁ ରକ୍ଷା କରିବା ଲାଗି ନୂଆପିଢ଼ି ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସମିତିର ବିଶିଷ୍ଟ ପ୍ରଚାରକ ସରୋଜ କୁମାର ମିତ୍ର, ବୈଦିକ ବିଶ୍ୱବିଦ୍ୟାଳୟ, ତାମିଲନାଡୁର କୁଳପତି, ପ୍ରଫେସର ଡକ୍ଟର ହରିହର କାନୁନ୍‌ଗୋ, ଅଖିଳ ଭାରତୀୟ ଇତିହାସ ସଂକଳନ ଯୋଜନାର ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ କମଳେଶ ଦାଶ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବର ପ୍ରାନ୍ତ କାର୍ଯ୍ୟବାହ ଡକ୍ଟର ଅନାଲ କୁମାର ମିଶ୍ର, ଭାରତୀୟ ଇତିହାସ ସଂକଳନ ସମିତି, ଓଡ଼ିଶା ପୂର୍ବର ଅଧ୍ୟକ୍ଷ ପ୍ରାଧ୍ୟାପକ ବିକ୍ରମ କେଶରୀ ମହାପାତ୍ର ଯୋଗଦେଇଥିଲେ।




# ଓଡ଼ିଶାରୁ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ

### ● ୯ଜଣଙ୍କୁ ସାହସିକତା ପଦକ

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପୁଲିସ, ଅଗ୍ନିଶମ, ଗୃହରକ୍ଷୀ, ସିଭିଲ ଡିଫେନ୍ସ ଏବଂ କରେକ୍ସନାଲ୍ ସେବାର ମୋଟ ୧୦୯୦ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକରେ ସମ୍ମାନିତ କରାଯିବ। ଓଡ଼ିଶାର ୨ ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ। ବିଶିଷ୍ଟ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏଏସ୍‌ପି ରବୀନ୍ଦ୍ର ପଣ୍ଡା, କମାଣ୍ଡାଣ୍ଟ ନରେଶ ପଟେଲଙ୍କୁ ରାଷ୍ଟ୍ରପତି ପଦକ ମିଳିବ। ଓଡ଼ିଶାରୁ ୯ ଜଣଙ୍କୁ ମିଳିବ ସାହସିକତା ପଦକ। ଏସ୍‌ଆଇ ଅମରେଶ ନରେନ୍ଦ୍ର, କନଷ୍ଟେବଲ ଜିତେନ୍ଦ୍ର ନାୟକଙ୍କୁ ମିଳିବ ସାହସିକତା ପଦକ। ଓଏପିଏଫ୍ ଅର୍ଜ୍ଜୁନ ମଲ୍ଲିକ, ଯୁଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ ବାଗ, କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ ସାହୁ, ପ୍ରଦୀପ ଶ୍ରେଷ୍ଠ, ଅଭିମନ୍ୟୁ ମାଝୀଙ୍କୁ ପଦକ ମିଳିବ। ମୋଟ ୨୩୩ ଜଣ କର୍ମଚାରୀଙ୍କୁ ସେମାନଙ୍କର ସାହସିକ କାର୍ଯ୍ୟ ପାଇଁ ଏହି ମର୍ଯ୍ୟାଦାଜନକ ପଦକ ମିଳିବ। ଏମାନଙ୍କ ମଧ୍ୟରୁ ୨୨୬ ଜଣ ପୋଲିସ ସେବାରୁ ୬ ଜଣ ଅଗ୍ନିଶମ ସେବାରୁ ଏବଂ ଜଣେ ଗୃହରକ୍ଷୀ, ସିଭିଲ ଡିଫେନ୍ସରୁ ରହିଛନ୍ତି।

### ● ଯୁବକଙ୍କ ଆତ୍ମହତ୍ୟା

# ପ୍ରେମିକା ନିର୍ଯାତନା ଅସହ୍ୟ ହେବାରୁ ନେଲେ ଚରମ ନିଷ୍ପତ୍ତି!

**ରାୟଗଡ଼ା,୧୪।୮(ସଂଚାର ବ୍ୟୁରୋ):** ପ୍ରେମରେ ପ୍ରତାରଣା ପାଇବାରୁ ଶେଷରେ ଜଣେ ୨୨ ବର୍ଷୀୟ ଯୁବକ ନିଜ ପ୍ରାଣ ନେଇଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ସହରର ଡିଏଫ୍‌ଓ କଲୋନୀରେ। ମୃତ ଯୁବକ ଜଣଙ୍କ ହେଲେ ରାକେଶ ପରିଡ଼ା। ପରିବାର ଲୋକେ ରାତିରେ ଶୋଇଥିବା ସମୟରେ ରାକେଶ ତାଙ୍କ କୋଠରିର ଫ୍ୟାନ୍‌ରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ତେବେ ରାକେଶଙ୍କୁ ଭଲ ପାଉଥିବା ଝିଅ ତାଙ୍କୁ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିବା ମା' ସରସ୍ୱତୀ ପରିଡ଼ା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୀର୍ଘଦିନ ହେବ ଉକ୍ତ ଯୁବତୀଙ୍କୁ ରାକେଶ ଭଲ ପାଇଆସୁଥିଲେ। ଏଥିସହ ଉଭୟଙ୍କ ପରିବାରର ସହମତି କ୍ରମେ ସେମାନଙ୍କ ବିବାହ ମଧ୍ୟ ସ୍ଥିର ହୋଇଥିଲା। କିନ୍ତୁ କୌଣସି କାରଣରୁ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏହାପରେ ରାକେଶଙ୍କୁ ପ୍ରେମିକା ବାରମ୍ବାର ମାନସିକ ନିର୍ଯାତନା ଦେବାରୁ ଶେଷରେ ସେ ଆତ୍ମହତ୍ୟା କରିଥିବା ମା' ସରସ୍ୱତୀ ଅଭିଯୋଗ କରିଛନ୍ତି। ତେବେ ଏନେଇ ପୁଲିସ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ରାୟଗଡ଼ା ଟାଉନ ଥାନାଧିକାରୀ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗ ଭଉଣୀମାନଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାଳାପ

### ସମସ୍ତ ପର୍ଯ୍ୟଟନସ୍ଥଳୀ ଦିବ୍ୟାଙ୍ଗ ଅନୁକୂଳ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗ ଭଉଣୀମାନଙ୍କ ସଫଳତା କାହାଣୀ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଦିବ୍ୟାଙ୍ଗ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ଦାୟିତ୍ୱ ରାଜ୍ୟ ସରକାରଙ୍କର ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତ ପ୍ରକାଶ କରିଛନ୍ତି। ଆଜି ମିଶନ ଶକ୍ତି ଭବନଠାରେ ଏକ ଭାବପୂର୍ଣ୍ଣ ପରିବେଶରେ ଦିବ୍ୟାଙ୍ଗ ଭଉଣୀମାନଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଦିବ୍ୟାଙ୍ଗ ମହିଳାମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଖୋଲା ଆଲୋଚନା କରିଥିଲେ। ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ଯେପରି ଦିବ୍ୟାଙ୍ଗମାନେ ବୁଲି ଦେଖିପାରିବେ, ସେଥିସକାଶେ ସବୁ ସ୍ଥଳୀକୁ ଦିବ୍ୟାଙ୍ଗ ଅନୁକୂଳ କରିବା ନିମନ୍ତେ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଦିବ୍ୟାଙ୍ଗ ଭଉଣୀଙ୍କୁ ସୁଭଦ୍ରା ଯୋଜନାରେ ଯୋଡ଼ିବାକୁ ପ୍ରତିଶ୍ରୁତି ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆମେ ସମସ୍ତେ ଏକଜୁଟ ହୋଇ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ କରିବା ବୋଲି ଶ୍ରୀମତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ଦିବ୍ୟାଙ୍ଗ ମହିଳାମାନଙ୍କ ଦକ୍ଷତାକୁ ମଞ୍ଚ ପ୍ରଦାନ କରିବା ପାଇଁ ରାଜ୍ୟସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରତି ଦିବ୍ୟାଙ୍ଗ ନିଜ ନିଜର ଅନୁଭୂତି ବାଣ୍ଟିବା ସହ ଅଙ୍ଗେ ନିଭାଇଥିବା ସମସ୍ୟା।ଗୁଡିକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଶ୍ରୁତି ମହାପାତ୍ର ଯୋଗଦେଇ ଓଡ଼ିଶାରେ ଦିବ୍ୟାଙ୍ଗ ମହିଳାମାନଙ୍କ ସ୍ଥିତି ଓ ପରିସ୍ଥିତି ବିଷୟରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ମଧ ଉପସ୍ଥିତ ଥିଲେ।



# ଛାତ୍ରଙ୍କୁ ମାଡ଼ ମାରି ନିଲମ୍ବିତ ହେଲେ ପ୍ରଧାନଶିକ୍ଷୟିତ୍ରୀ

**ଟିଟିଲାଗଡ଼,୧୪।୮(ସଂଚାର ବ୍ୟୁରୋ):** ଜନୈକ ଛାତ୍ରଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ। ଟିଟିଲାଗଡ଼ ଉପଖଣ୍ଡ ଅଧୀନସ୍ଥ ସଇଁତଳା ବ୍ଲକ ଟିକ୍ରାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ହେମାଞ୍ଜଳି ହୋତା ଗତ ୩୧ ତାରିଖରେ ସ୍କୁଲର ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। ଏନେଇ ପରେ ଉକ୍ତ ଛାତ୍ର ଓ ତାଙ୍କ ଅଭିଭାବକ ପ୍ରଥମେ ସଇଁତଳା ପୁଲିସ ଓ ପରେ ବଲାଙ୍ଗୀର ଏସପି ଓ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହି ଅଭିଯୋଗର ତଦନ୍ତ ପରେ ଆଜି ଜିଲ୍ଲା ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଶ୍ରୀମତୀ ହୋତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

# କେନ୍ଦ୍ର ସହଯୋଗରେ ହେବ ମେଟ୍ରୋ ପ୍ରକଳ୍ପ

**ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ):** ପୁଣି ଥରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ଆଜି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି

● ସୂଚନା ଦେଲେ ନଗର ଉନ୍ନୟନ ମନ୍ତ୍ରୀ

● ଅନୁଧ୍ୟାନ ପରେ ବୈଷୟିକ କମିଟି ରିପୋର୍ଟ ଦେବ

ପ୍ରକଳ୍ପ ନେଇ କିଛି ନୂଆ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ମେଟ୍ରୋ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ପ୍ରକଳ୍ପ ହେବ। ନୂଆ ଢାଞ୍ଚାରେ ମେଟ୍ରୋ ପାଇଁ ଗଠନ ହେବ ଏକ ବୈଷୟିକ କମିଟି। ଏହି କମିଟି ବିଭିନ୍ନ ସହରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ ଓ ନୂଆ ଟ୍ରାକ ନେଇ ରିପୋର୍ଟ ଦେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍-କମିଟିର ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ନିଆଯିବା ପରେ ଆଜି ଉପରୋକ୍ତ ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ର। ବୈଠକରେ କମ୍ପ୍ରେହେନସିଭ ମୋବିଲିଟି ପ୍ଲାନ ତିଆରି ହୋଇଛି। କେଉଁ ଲାଇନରେ ଯିବ, କେଉଁ ଜାଗାରେ ପାର୍କିଂ ଅଞ୍ଚଳ ହେବ, ସେନେଇ ବୈଷୟିକ କମିଟି ରିପୋର୍ଟ ଦେବ। ସେହିପରି ଏହି ମେଟ୍ରୋ ପ୍ରକଳ୍ପ ସଂକ୍ରାନ୍ତରେ ସାଧାରଣ ଲୋକଙ୍କ ମତାମତ ନିଆଯିବ। ପୁରୁଣା ପ୍ରକଳ୍ପ ବନ୍ଦ ରହିଛି। ସେହି ରାସ୍ତାରେ କିପରି ଟ୍ରାଫିକ ଜାମ ରହୁଛି। ଏପରିକି ଟେଷ୍ଟିଂ ସମୟରେ ଅବସ୍ଥା କ'ଣ ହେଲା ସମସ୍ତେ ଦେଖିଛନ୍ତି। ସେତେବେଳେ କିପରି ହଇରାଣ ହେବାକୁ ପଡ଼ିଲା ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଏଥିସହ ମେଟ୍ରୋ ପ୍ରକଳ୍ପ କାମ ଚାଲିଥିଲେ ପୂରା ରାସ୍ତାରେ ଚଳାଚଳ ଠପ ହୋଇଯାଇଥାନ୍ତା ବୋଲି ମନ୍ତ୍ରୀ ଆଶଙ୍କା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ମାସରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବାବଦ ଚୁକ୍ତିକୁ ବାତିଲ୍ କରାଯାଇଛି। କାର୍ଯ୍ୟ ବିଳମ୍ବ ହେଉଥିବାରୁ ଉକ୍ତ ଠିକା ସଂସ୍ଥାର ଚୁକ୍ତି ବାତିଲ ହୋଇଛି। ଠିକା ସଂସ୍ଥା ସିଗାଲ ଇଣ୍ଡିଆ ଓ ରଞ୍ଜିତ ବିଲ୍ଡକନ୍ ଉକ୍ତ କାମର ଦାୟିତ୍ୱ ନେଇଥିଲେ। ଉକ୍ତ ଦୁଇ ସଂସ୍ଥା ସହ ରହିଥିବା ଚୁକ୍ତିକୁ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ୍ ପକ୍ଷରୁ ବାତିଲ୍ କରାଯାଇଥିଲା। ଏଥିସହ ପ୍ରାୟ ୮ ମାସ ହେବ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଛି।



# ୧୬ରେ ପ୍ରକାଶ ପାଇବ ମାଟ୍ରିକ ସପ୍ଲିମେଣ୍ଟାରୀ ଫଳ

**କଟକ,୧୪।୮(ସଂଚାର ବ୍ୟୁରୋ):** ଆସନ୍ତା ୧୬ ତାରିଖରେ ପ୍ରକାଶ ପାଇବ ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଓପନ ସ୍କୁଲ ଦ୍ୱିତୀୟର ପରୀକ୍ଷା ଫଳ। ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ଗତ ଜୁନ ୩୦ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଓପନ ସ୍କୁଲ ପରୀକ୍ଷା ଜୁଲାଇ ୧୦ରେ ଶେଷ ହୋଇଥିଲା। ସେହିପରି ଜୁଲାଇ ୧୪ରୁ ଖାତାଦେଖା କାମ ଆରମ୍ଭ ହୋଇ ୨୦ ତାରିଖ ସୁଦ୍ଧା ଶେଷ ହେବା ସହ ଦୁଇ ସପ୍ତାହ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ ସଂକ୍ରାନ୍ତ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଚଳିତ ଥର ରାଜ୍ୟ ମୁକ୍ତ ବିଦ୍ୟାଳୟ ବା ଓପନ ସ୍କୁଲ ପରୀକ୍ଷା ୧୦୩ଟି କେନ୍ଦ୍ରରେ ହୋଇଥିବା ବେଳେ ଏଥିରେ ୧୦ ହଜାର ୮୦୯ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ହାଇସ୍କୁଲ ସପ୍ଲିମେଣ୍ଟାରୀ ପରୀକ୍ଷା ୯୮ଟି କେନ୍ଦ୍ରରେ ହୋଇଥିବା ବେଳେ ଏଥିରେ ୩୨୩୨ ଜଣ ପରୀକ୍ଷା ଦେଇଛନ୍ତି। ଏହାଛଡ଼ା ସପ୍ଲିମେଣ୍ଟାରୀ ପରୀକ୍ଷାରେ ୭ ପରୀକ୍ଷାର୍ଥୀ କପି କରି ଧରାପଡିଥିଲେ।

# ଜିଆର୍‌ପି ପଞ୍ଝାରେ ୬ ଟ୍ରେନ୍ ଲୁଟେରା

### ବ୍ୟବସାୟୀଙ୍କଠାରୁ ଲୁଟିଥିଲେ ସୁନାଭର୍ତ୍ତି ବ୍ୟାଗ୍

**ରାୟଗଡ଼ା,୧୪।୮(ସଂଚାର ବ୍ୟୁରୋ):** ଚଳନ୍ତା ଟ୍ରେନରୁ ସୁନା ଝାମ୍ପିନେଇଥିବା ୬ ଜଣ ଅଭିଯୁକ୍ତଙ୍କୁ ଆଜି ରାୟଗଡ଼ା ଜିଆର୍‌ପି ପୁଲିସ୍ ଗିରଫ କରିଛି। ଏଥିସହ ଉକ୍ତ ଅଭିଯୁକ୍ତମାନଙ୍କଠାରୁ ପୁଲିସ୍ ଟଙ୍କା, ସୁନା, କାର ଓ ମୋବାଇଲ ଆଦି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡା ସହର ଅଞ୍ଚଳର ଉଲାକା ଶ୍ରୀନୁ, ମୁରଲୀ ପେଲେକା, ବେଣୁ ଗୋପାଳ ସ୍ୱାମୀ, ଏ. ଇସ୍ୱର, ଗୋବିନ୍ଦ ବାଗ ଓ ବିଧର ବାଗ୍। ଏ ସଂକ୍ରାନ୍ତରେ ଜିଆରପି ପକ୍ଷରୁ କୁହାଯାଇଛି ଯେ ଅଭିଯୁକ୍ତମାନଙ୍କଠାରୁ ପୁଲିସ ନଗଦ ୨ ଲକ୍ଷ ୨୫ ହଜାର ଟଙ୍କା ସହ ୫୮ ଗ୍ରାମ ଓଜନର ସୁନା, ଦୁଇଟି କାର ଓ ୬ଟି ମୋବାଇଲ ଜବତ କରିଛି। ଗତ ୩ ତାରିଖରେ ଆନ୍ଧ୍ରପ୍ରଦେଶ ଗାଜୁୱାକା ଅଞ୍ଚଳର ସୁନା କାରୀଗର ରୁପଦିନ୍ ମୁଲ୍ଲା ରାୟଗଡ଼ାରେ କାର୍ଯ୍ୟ ସାରି ଗୁଣ୍ଟୁର ଅଭିମୁଖେ ଟ୍ରେନରେ ଯାଉଥିବା ସମୟରେ ଜେମାଦେଇପେଣ୍ଠ ଷ୍ଟେସନ୍ ନିକଟରେ ଉକ୍ତ ୬ ଅଭିଯୁକ୍ତ ଏସି ବଗିରେ ପ୍ରବେଶ କରି ତାଙ୍କଠାରୁ ସୁନା ବ୍ୟାଗ ଲୁଟିନେଇଥିଲେ। ସେତେବେଳେ ଉକ୍ତ ବ୍ୟାଗ୍‌ରେ ପ୍ରାୟ ଦେଢ଼ଶହ ଗ୍ରାମ ଓଜନର ସୁନା ଥିଲା। ଏନେଇ ବ୍ୟବସାୟୀ ଜଣଙ୍କ ରାୟଗଡ଼ା ଜିଆରପି ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଜିଆରପି ପୁଲିସ ଓ ଆରପିଏଫ୍‌ର ଗୁଇନ୍ଦା ବିଭାଗ ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ। ତେବେ ଦୀର୍ଘ ୧୦ ଦିନ ପରେ ଆଜି ପୁଲିସ୍ ସମସ୍ତ ଅଭିଯୁକ୍ତଙ୍କୁ ରାୟଗଡା ସହରର ବିଭିନ୍ନ ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଛି। ତେବେ ଗତକାଲି ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ବେଳେ ଘଟଣା ସହ ଜଡ଼ିତ ଥିବା ଅନ୍ୟମାନଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବ ବୋଲି ରାୟଗଡା ଜିଆରପି ଡିଏସପି ପ୍ରଭାତ କୁମାର ଶତପଥୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



# ନରସିଂହପୁରରେ ମେଣ୍ଢା ମଡ଼କ, ଦିନକରେ ମଲେ ୫

**କଟକ,୧୪।୮(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନରସିଂହପୁର ବ୍ଲକ ଅଲରା ପଞ୍ଚାୟତ ଜେନାସାହିରେ ମେଣ୍ଢା ମଡ଼କ ଦେଖାଦେଇଛି। ଅଜଣା ରୋଗରେ ଗତ ୧୫ ଦିନ ଭିତରେ ୧୪ଟି ମେଣ୍ଢା ମୃତ୍ୟୁବରଣ କରିସାରିଲେଣି। ଏପରିକି ଗତକାଲି ଦିନକ ଭିତରେ ୫ଟି ମେଣ୍ଢା ମରିଯାଇଥିବା ଜଣେ ଚାଷୀ ଅଭିଯୋଗ କରିଛନ୍ତି। ଏହି ରୋଗରେ ହଠାତ ମେଣ୍ଢାମାନଙ୍କ ନାକରୁ ପାଣି ବାହାରିବା ସହ ଦେହ ଫଳିଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ମେଣ୍ଢା ମୃତ୍ୟୁର କାରଣ ଖୋଜାଯିବା ସହ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରାଣୀ ବିଭାଗ ପକ୍ଷରୁ ଆକ୍ରାନ୍ତ ମେଣ୍ଢାମାନଙ୍କ ମଳ ନମୂନା ସଂଗ୍ରହ କରାଯିବା ସହ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। କୃମିଜନିତ ରୋଗରେ ମେଣ୍ଢାମାନେ ଆକ୍ରାନ୍ତ ଥିବା ପ୍ରାଣୀ ଚିକିତ୍ସକ କହିଛନ୍ତି। ତେବେ ସମ୍ପୃକ୍ତ ଚାଷୀ ଜଣଙ୍କ ହରାଇଥିବା ୧୪ଟି ମେଣ୍ଢାଙ୍କ ମୂଲ୍ୟ ପାଖାପାଖି ୯୦ ହଜାର ଟଙ୍କା ହେବ। ରୋଗର କାରଣ ସ୍ପଷ୍ଟ ଜଣାପଡୁନଥିବା ବେଳେ ଉକ୍ତ ଚାଷୀ ଏତେସଂଖ୍ୟକ ମେଣ୍ଢା ହରାଇଥିବାରୁ ତାଙ୍କର ଆର୍ଥିକ ସ୍ଥିତି ପୂରାପୂରି ଦୋହଲିଯାଇଛି। ତାଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବା ସକାଶେ ଦାବି ହେଉଛି।

### କାମ ଦେଉନି ମନ୍ତ୍ରୀଙ୍କ ନାଲି ଆଖି

# ଚତୁର୍ଥ ଦିନରେ ବି ଅମଲା ସଂଘର ଆନ୍ଦୋଳନ ଜାରି

**କଟକ,୧୪।୮(ସଂଚାର ବ୍ୟୁରୋ):** ଆଜି ଚତୁର୍ଥ ଦିନରେ ପହଞ୍ଚିଛି ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ। ରାଜ୍ୟର ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ କର୍ମଚାରୀ ୩୦ଟିଯାକ ଜିଲ୍ଲାରେ ୧୦ ଦଫା ଦାବି ନେଇ ଗତ ୧୧ ତାରିଖଠାରୁ ସାମୂହିକ ଛୁଟିରେ ଅଛନ୍ତି। ଫଳସ୍ୱରୂପ ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଆଖିରେ ରଖି ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗ ଦେବା ସକାଶେ ସମସ୍ତ ଅମଲାଙ୍କୁ ଗତକାଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେବା ସହ ଏଥିରେ ଖିଲାପ କଲେ ସେମାନଙ୍କ ଦରମା ବନ୍ଦ ହେବ ବୋଲି ମଧ୍ୟ ତାଗିଦ୍ କରିଥିଲେ। କିନ୍ତୁ ମନ୍ତ୍ରୀଙ୍କ ଏହି ତାଗିଦ୍‌କୁ ଅମଲାମାନେ ଭ୍ରୂକ୍ଷେପ କରିନଥିବା ସ୍ପଷ୍ଟ ହୋଇଛି। ସମସ୍ତ ରାଜସ୍ୱ ଅମଲାଙ୍କ ଛୁଟି ବାତିଲ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଦିଆଯାଇଥିବା ବେଳେ ତଦନୁଯାୟୀ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ କେତେକ ଜିଲ୍ଲାପାଳ ମଧ୍ୟ ରାଜସ୍ୱ ଅମଲାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ କଳାବ୍ୟାଜ ପିନ୍ଧି ସଙ୍ଘର ସଦସ୍ୟମାନେ ଆନ୍ଦୋଳନ ଜାରି ରଖିଥିବା ବେଳେ ସରକାର ଦାବି ପୂରଣ ନ କରିବାରୁ ୧୧ରୁ ସାମୂହିକ ଛୁଟିରେ ଯାଇଛନ୍ତି। ଏଥିସହ ୧୦ ଦଫା ଦାବି ପୂରଣ ନ ହେଲେ, କେହି ବି କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସଙ୍ଘ ଆଜି ସ୍ପଷ୍ଟ କରିଦେଇଛି।

# ସ୍ୱାମୀଙ୍କୁ ଗାଁ ଦାଣ୍ଡରେ ବାନ୍ଧି ନିସ୍ତୁକ ପିଟିଲେ ସ୍ତ୍ରୀ

**ମୋହନା,୧୪।୮((ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଅଡବା ଥାନାଞ୍ଚଳର ଏସ ଗରଡ଼ମା ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ନିଜ ସ୍ୱାମୀଙ୍କୁ ଗାଁ ମଝିରେ ବାନ୍ଧି ରଖି ନିସ୍ତୁକ ପିଟିଛନ୍ତି ସ୍ତ୍ରୀ ସୁଭଦ୍ରା ମାଳବିଷୋୟୀ, ତାଙ୍କ ଭାଇ ଏବଂ ସହଯୋଗୀ। ଗତକାଲି ଅପରାହ୍ନ ୩ରୁ ଗାଁ ମଝିରେ ଥିବା ଖୁଣ୍ଟରେ ସ୍ୱାମୀଙ୍କୁ ସେମାନେ ବାନ୍ଧି ରଖିଥିଲେ। ଏନେଇ ଖବର ପାଇ ଦୀର୍ଘ ୧୦ ଘଣ୍ଟା ପରେ ଅଡବା ଥାନାଧିକାରୀ ଓ ତାଙ୍କ ଟିମ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।ସୁଭଦ୍ରା ତିନି ବର୍ଷ ତଳେ ବ୍ରାହ୍ମଣୀଗାଁ ଥାନା ବୁଡ଼ିଶିଳ ଗାଁର ଜଳନ୍ତ ବଲିଆରସିଂଙ୍କୁ ବିବାହ କରିଥିଲେ। କିନ୍ତୁ ପାରିବାରିକ କଳହ ପାଇଁ ସୁଭଦ୍ରା ପାଖାପାଖି ବର୍ଷେ ହେଲା ତାଙ୍କ ବାପଘରେ ରହିଆସୁଥିଲେ। ଏହି ଘଟଣାରେ ଉଭୟ ପରିବାର ପକ୍ଷରୁ ଥାନାରେ ମାମଲା ରୁଜୁ ହେବା ସହ ମାମଲା କୋର୍ଟରେ ବିଚାରଧୀନ ରହିଛି। ତେବେ ଗତକାଲି ଜଳନ୍ତ ତାଙ୍କ ଗାଁ ବୁଡ଼ିଶିଳରୁ ରାସନ ଚାଉଳ ନେବାକୁ ଗରଡ଼ମାକୁ ଆସିଥିବାବେଳେ ହଠାତ୍ ସୁଭଦ୍ରାଙ୍କ ବାପଘରର ଲୋକେ ତାଙ୍କୁ ମାଡ଼ ମାରିବା ସହ ରାତିତମାମ ଗାଁ ଦାଣ୍ଡରେ ବାନ୍ଧି ରଖିଥିଲେ।



# ବ୍ୟାପକ ଦେଶୀ ମଦ ଓ ମହୁଲ ପୋଚ ଜବତ, ୫ ଗିରଫ

**ରାଇରଙ୍ଗପୁର,୧୪।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ଏକାଧିକ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ୪୬୬ ଲିଟର ଦେଶୀ ରନ୍ଧା ମଦ, ସାଢ଼େ ୧୦ ଲିଟର ନିଃଶୁଳ୍କ ବିଦେଶୀ ମଦ ଓ ୯୩୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଆସାମୀମାନେ ହେଲେ ତିରିଂ ଥାନା ଅନ୍ତର୍ଗତ ହେସେଲଡିହି ଗ୍ରାମର ଲକ୍ଷ୍ମଣ ମୁର୍ମୁ, ପୋଡ଼ାଚାକିଡ଼ି ଗ୍ରାମର ଶ୍ୟାମ ସୁନ୍ଦର ଟୁଡୁ, କୁଲୁଘୁଟୁ ଗ୍ରାମର ଦାମୁ ଆଲଦା, ପାଣ୍ଡୁପାଣି ଗ୍ରାମର ବୁଧୁ ହାଁସଦା ଓ ଗୋବିନ୍ଦ ମୁର୍ମୁ। ମିଳିଥିବା ସୂଚନାନୁସାରେ, ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କହଁରଙ୍କ ନିର୍ଦ୍ଦେଶ କ୍ରମେ ଓ ରାଇରଙ୍ଗପୁର ଅବକାରୀ ଉପଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଅବକାରୀ ରେଞ୍ଜ ପକ୍ଷରୁ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ାଉ କରିଥିଲା। ତିରିଂ ଥାନା ଅନ୍ତର୍ଗତ ବାଡ଼େପୋଟକା, ବାଗେଡ଼ିହି, ନନ୍ଦାବସା, ହେସେଲଡ଼ିହି, ପଡାଚାକିଡ଼ି, ପାଣ୍ଡୁପାଣି, କୁଲୁଘୁଟୁ ଆଦି ଅଞ୍ଚଳରେ ଚଢ଼ାଉ କରାଯାଇ ଉପରୋକ୍ତ ସାମଗ୍ରୀ ଜବତ କରାଯାଇଛି।



# ୩୦ରୁ ଅଧିକ ଡ୍ରପ୍‌ଆଉଟ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଫେରିଲେ

**ଧର୍ମଶାଳା, ୧୪।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଡ୍ରପ ଆଉଟ ପିଲାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କିଛି ବିଦ୍ୟାଳୟରେ ଶିକ୍ଷା ବର୍ଷ ମଝିରେ ପିଲାମାନଙ୍କ ଆଡମିସନ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବାର ଅଭିଯୋଗ ହୋଇଛି। ତେଣୁ ଏହି ଡ୍ରପ ଆଉଟ ପିଲାମାନଙ୍କ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ପାଇଁ ଶିଶୁ ସୁରକ୍ଷା କର୍ମୀ ମଣ୍ଟୁ ଦାସ ଅଣ୍ଟା ଭିଡିଛନ୍ତି। ଯାଜପୁର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଗୋଟିଏ ପଞ୍ଚାୟତର ୩୦ ଜଣ ଡ୍ରପ ଆଉଟ ପିଲାମାନଙ୍କ ଏକ ତାଲିକା ପ୍ରଦାନ କରିବା ସହ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ସାମିଲ କରି ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅନୁରୋଧ କରିଥିଲେ। ଅତିରିକ୍ତ ପିଲାପାଳଙ୍କ ପତ୍ର ସଂଖ୍ୟା ୪୯୦୨।୨୦୨୫ରେ ଜିଲା ଶିକ୍ଷାଧିକାରୀଙ୍କୁ ପିଲାମାନଙ୍କ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ସୋମବାର ଯାଜପୁର ବ୍ଲକ ନୀଳକଣ୍ଠପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ କାକୁଡିକୁଦ ଗ୍ରାମରେ କିଛି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରେ ଥିବାରୁ ଗତ ସୋମବାର ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ, ମଣ୍ଡଳ ସହ ଶିକ୍ଷା ଅଧିକାରୀ ନିର୍ମଳ ଜେନା ଓ ବରଦା ଭୂଷଣ ମହାପାତ୍ର, ସିଆରସିସି ସୌଦାମିନି ପତି ଓ ମା ଜାଡେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବେହେରା ମିଳିତ ଭାବେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ଡ୍ରପ ଆଉଟ ଦିବ୍ୟାଙ୍ଗ ଶିଶୁଙ୍କ ଘରେ ପହଞ୍ଚି ନାମ ଲେଖାଇବା କାର୍ଯ୍ୟକ୍ରମ କରିଥିଲେ। ଅପର ପକ୍ଷରେ ଜିଲା ଶିକ୍ଷାଧିକାରୀ ଦାନଗଦୀ ବ୍ଲକର ୩୦ ଜଣ ଡ୍ରପ ଆଉଟ ପିଲାମାନଙ୍କୁ ବିଦ୍ୟାଳୟ ଫେରାଇ ଆଣିବା ପାଇଁ ଶାଳିଜଙ୍ଗା ପଞ୍ଚାୟତ ଶାଳିଜଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନଡିଆଭଙ୍ଗା ପଞ୍ଚାୟତର ନୀଳାଞ୍ଚଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ପିଲାମାନଙ୍କ ନାମ ଲେଖାଇବା ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ଗୋଟିଏ ଦିନରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ନାମ ଲେଖାଯାଇଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଲଞ୍ଚ ହେଲା ୨୦୨୫ ୟାମାହା ଫ୍ୟାସିନୋ ୧୨୫ ହାଇବ୍ରିଡ୍

**ନୂଆଦିଲ୍ଲୀ, ୧୪।୮:** ୟାମାହା ମୋଟର ଇଣ୍ଡିଆ ଗୁରୁବାର ୨୦୨୫ ଫ୍ୟାସିନୋ ୧୨୫ ହାଇବ୍ରିଡ୍ ଏଫ୍ଆଇ ସ୍କୁଟର ଲଞ୍ଚ କରିଛି । ୨୦୨୫ ଫ୍ୟାସିନୋ ୧୨୫ ଏଫଆଇ ହାଇବ୍ରିଡ୍ ସ୍କୁଟର ରହିଛି ଆହୁରି ଅଧିକ ଫିଚର୍ସ ଏବଂ କଲର ଅପ୍ସନ। କମ୍ପାନିର ସୂଚନା ଅନୁସାରେ ୨୦୨୫

## ଦାମ୍ ୮୦ ହଜାର ୭୫୦ରୁ ଆରମ୍ଭ

ଫ୍ୟାସିନୋ ୧୨୫ ଏବେ ଏକ 'ଉନ୍ନତ ପାୱାର ଆସିଷ୍ଟ ' ଫଙ୍କସନ୍ ସହିତ ଆସୁଛି, ଯାହା ରାଇଡିଂକୁ ଆହୁରି ଉତ୍ତମ କରିଥାଏ। ଏହି ସିଷ୍ଟମ ଅଧିକ ସମୟ ପାଇଁ ଅଧିକ ଟର୍କ ପ୍ରଦାନ କରିଥାଏ। ଏଥିପାଇଁ ଏକ ଉଚ୍ଚ-କ୍ଷମତାର ବ୍ୟାଟେରୀ ବ୍ୟବହାର କରିଥାଏ। ଏହି ସିଷ୍ଟମ ଦ୍ୱାରା ସ୍କୁଟର ଅଧିକ ଲୋଡ ସହ ମଧ ଅତି ସହଜରେ ଉଠାଣିଆ ରାସ୍ତା ଚଢ଼ିପାରିବ। ସେହିପରି ବାଇକରେ ସାଇଲେଣ୍ଟ ଷ୍ଟାର୍ଟ ସହ ସ୍ମାର୍ଟ ମୋଟର ଜେନେରେଟର ପୂର୍ବଭଳି ରହିଛି। ୨୦୨୫ ୟାମାହା ଫାସିନୋ ୧୨୫ରେ



ବ୍ଲୁଟୁଥ୍ କନେକ୍ଟେଡ ଟିଏଫଟି କନସୋଲ ରହିଛି । ଏଥିରେ ୱାଇ-କନେକ୍ଟ ମୋବାଇଲ୍ ଆପ୍ ମାଧମରେ ଟର୍ନ୍-ବାଇ-ଟର୍ନ୍ ନାଭିଗେସନ୍, ଗୁଗୁଲ୍ ମ୍ୟାପସ୍ ଆଦି ଫିଚର୍ସ ରହିଛି। ୨୦୨୫ ୟାମାହା ଫାସିନୋ ୧୨୫ରେ ଏକ ନୂଆ କଲର ଅପ୍ସନ ମଧ ଦିଆଯାଇଛି। ଟପ୍ ଭାରିଆଣ୍ଟ ଡିରେ ମ୍ୟାଟ୍ ଗ୍ରେ କଲର ଅପ୍ସନରେ ମିଳିବ। ସେହିଭଳି ଡିସ୍କ ବ୍ରେକ୍ ଭାରିଆଣ୍ଟ ମେଟାଲିକ୍ ଲାଇଟ ଗ୍ରୀନ ରଙ୍ଗରେ ଆସିଥାଏ। ଏଣ୍ଟ୍ରି-ଲେଭଲ୍ ଡ୍ରମ୍ ବ୍ରେକ୍ ଭାରିଆଣ୍ଟ ଏବେ ମେଟାଲିକ୍ ହ୍ୱାଇଟ କଲରରେ ଆସିଥାଏ।

ଇଞ୍ଜିନ କଥା କହିଲେ ୨୦୨୫ ୟାମାହା ଫାସିନୋ ୧୨୫ରେ ୧୨୫ ସିସି ଏୟାର-କୁଲ୍ଡ, ଫୁଏଲ ଇଞ୍ଜେକ୍ଟେଡ ବ୍ଲୁ କୋର ହାଇବ୍ରିଡ୍ ଇଞ୍ଜିନ୍ ଦ୍ୱାରା ପରିଚାଳିତ। ଏହି ଇଞ୍ଜିନ୍ ବର୍ତ୍ତମାନର ଇ୨୦ ଇନ୍ଧନ ସପୋର୍ଟ ସହ ରହିଛି। ସେହିଭଳି ସିଭିଟି ଅଟୋମେଟିକ୍ ଟ୍ରାନ୍ସମିସନ୍ ସହିତ ସମାନ ୮ ବିଏଚପି ଏବଂ ୧୦.୩ ଏନଏମ ପିକ୍ ଟର୍କ ଜେନେରେଟ୍ କରିଥାଏ। ସ୍କୁଟରରେ ଫ୍ରଣ୍ଟ ଟେଲିସ୍କୋପିକ୍ ଫର୍କ ଏବଂ ପଛରେ ମନୋଶକ୍ ସସପେନସନ୍ ସେଟଅପ୍ ଅଛି । ସ୍କୁଟରରେ ୧୨- ଇଞ୍ଚ ଆଲଏ ହ୍ୱିଲ ରହିଛି। ଭାରିଆଣ୍ଟ ଅନୁସାରେ ଫ୍ରଣ୍ଟ ଡିସ୍କ ଏବଂ ଡ୍ରମ୍ ବ୍ରେକର ବିକଳ୍ପ ମଧ ଅଛି । ୨୦୨୫ ୟାମାହା ଫ୍ୟାସିନୋ ୧୨୫ ଏଫଆଇ ହାଇବ୍ରିଡ୍‌ର ବେସ୍ ଭାରିଆଣ୍ଟର ଦାମ୍ ୮୦ ହଜାର ୭୫୦ରୁ ଆରମ୍ଭ ହେଉଛି , ଯେତେବେଳେ ନୂଆ ଟିଏଫଟି ଇନଷ୍ଟ୍ରୁମେଣ୍ଟ କନସୋଲ୍ ଏବଂ ବ୍ଲୁଟୁଥ୍ ଫିଚର ଥିବା ଟପ୍ ମଡେଲର ମୂଲ୍ୟ ୧.୦୩ ଲକ୍ଷ ଟଙ୍କା ରହିଛି।



## ଆଜିର ସୁନା ଦର

ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୦୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୩୫୦ ଓ ୯୨ ହଜାର ୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୬,୦୦୦ ଟଙ୍କା ହୋଇଛି।

# ରିଲାଏନ୍ସ ଇନଫ୍ରାକୁ ମିଳିଲା ୫୨୬ କୋଟିର ପୁରସ୍କାର

**ମୁମ୍ବାଇ,୧୪।୮:** ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇନଫ୍ରା (ଆରଇନଫ୍ରା) ପାଇଁ ଏକ ଖୁସି ଖବର ଅଛି। କମ୍ପାନୀ ବୁଧବାର ସୂଚନା ଦେଇଛି ଯେ ଏହା ଆରାବଲି ପ୍ରାଇଭେଟ ଲିମିଟେଡ ବିରୁଦ୍ଧରେ ୫୨୬କୋଟି ଟଙ୍କାର ମଧ୍ୟସ୍ଥତା ପୁରସ୍କାର ପାଇଛି। କମ୍ପାନୀ ଏକ୍ସଚେଞ୍ଜ ଫାଇଲିଂରେ ସୂଚନା ଦେଇଛି ଯେ ୨୦୧୮ରେ ଆରାବଲି ପାୱାର ଭୁଲ ଭାବରେ ଚୁକ୍ତିନାମା ଶେଷ କରିବା ପରେ ରିଲାଏନ୍ସ ଇନଫ୍ରା ମଧ୍ୟସ୍ଥତା ଟ୍ରିବ୍ୟୁନାଲର ସାହାଯ୍ୟ ଲୋଡ଼ିଥିଲା।



ପ୍ରକୃତରେ, ୨୦୧୮ ରେ, ଆରାବଲି ପାୱାର କମ୍ପାନୀକୁ ଚୁକ୍ତିନାମା ଶେଷ କରିବା ପାଇଁ ଏକ ନୋଟିସ ଜାରି କରିଥିଲା, ରିଲାଏନ୍ସ ଇନଫ୍ରା ଉପରେ ଚୁକ୍ତିନାମା ଉଲ୍ଲଂଘନ ଅଭିଯୋଗ ଆଣି ମଧ୍ୟସ୍ଥତା ଟ୍ରିବ୍ୟୁନାଲର ଆଶ୍ରୟ ନେଇଥିଲା। ସୁପ୍ରିମ କୋର୍ଟର ତିନି ସଦସ୍ୟ ବିଶିଷ୍ଟ ମଧ୍ୟସ୍ଥତା ଟ୍ରିବ୍ୟୁନାଲ ମାମଲାର ଶୁଣାଣି କରି ଏହାର ବହୁମତ ରାୟ ଦେଇଥିଲେ, ଚୁକ୍ତିନାମା ଶେଷକୁ ଭୁଲ ବୋଲି ଦର୍ଶାଇଥିଲେ। ଏହା ସହିତ, କମ୍ପାନୀକୁ ୪୧୯ କୋଟି ଟଙ୍କାର ମୂଳ ରାଶି, ୫ କୋଟି ଟଙ୍କାର ମୂଲ୍ୟ, ୧୪୯ କୋଟି ଟଙ୍କାର ସୁଧ ଏବଂ ପ୍ରକୃତ ଦେୟ ତାରିଖ ପର୍ଯ୍ୟନ୍ତ ମୂଳ ରାଶି ଉପରେ ଭବିଷ୍ୟତ ସୁଧ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଆରାବଲି ପାୱାର ଗତ ବର୍ଷ ଡିସେମ୍ବରରେ ରିଲାଏନ୍ସ ଇନଫ୍ରା ବିରୁଦ୍ଧରେ ୬୦୦କୋଟି ଟଙ୍କାର ମଧ୍ୟସ୍ଥତା ପୁରସ୍କାର ମଧ ଜିତିଥିଲା। ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ୧ ଜୁଲାଇରେ ରିଲାଏନ୍ସ ଇନଫ୍ରାଠାରୁ ଜବାବ ମାଗିଥିଲେ। ଆରାବଲି ପାୱାର ରିଲାଏନ୍ସ ଇନଫ୍ରା ଉପରେ ଚୁକ୍ତିନାମା ଉଲ୍ଲଂଘନର ଅଭିଯୋଗ ଆଣିଥିଲା ଏବଂ ଏ ସମ୍ପର୍କରେ ନୋଟିସ ଜାରି କରିଥିଲା। ତା'ପରେ ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୁପ୍ରିମକୋର୍ଟ ଏକ ତିନି ସଦସ୍ୟ ବିଶିଷ୍ଟ ମଧ୍ୟସ୍ଥତା କମିଟି ନିଯୁକ୍ତ କରିଥିଲେ।

ବର୍ତ୍ତମାନ କମିଟି ଅନେକ ରାୟ ଦେଇଛି ଏବଂ ଆରାବଲି ପାୱାରକୁ ୪୧୯ କୋଟି ଟଙ୍କାର ମୂଳ ରାଶି, ୫ କୋଟି ଟଙ୍କାର ମୂଲ୍ୟ ଏବଂ ୪୧୯ କୋଟି ଟଙ୍କାର ସୁଧ ଦେବାକୁ ନିର୍ଦ୍ଦେଶ ଦେଇଛି। ଏହା ସହିତ ପେମେଣ୍ଟ ସମୟ ପର୍ଯ୍ୟନ୍ତ ସୁଧ ଦେବାକୁ ମଧ କହିଛି। ଏହା ସହିତ, ଦୁଇ କମ୍ପାନୀ ମଧରେ ଦୀର୍ଘ ସମୟ ଧରି ଚାଲିଥିବା ଆଇନଗତ ବିବାଦର ଅନ୍ତ ଘଟିଛି ଏବଂ ଏହି କଷ୍ଟକର ସମୟରେ ରିଲାଏନ୍ସ ଇନଫ୍ରାର ସ୍ଥିତି ବହୁତ ମଜବୁତ ହୋଇଛି। ଅନିଲ ଅମ୍ବାନୀ ଗତ କିଛି ଦିନ ଧରି ୧୭୦୦୦ କୋଟି ଟଙ୍କାର ଋଣ ଠକେଇ ମାମଲାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇଡି ତାଙ୍କ କମ୍ପାନୀ ସହ ଜଡିତ ଅନେକ ସ୍ଥାନରେ ଚଢ଼ାଉ କରିଥିଲା। ତାଙ୍କୁ ପଚରାଉଚରା ପାଇଁ ମଧ ଡକାଯାଇଥିଲା। ଏହା ପରେ, ସେବି ୟେସ ବ୍ୟାଙ୍କରେ ଅନିଲ ଅମ୍ବାନୀଙ୍କ ନିବେଶ ସହିତ ଜଡିତ ଅଭିଯୋଗର ସମାଧାନ ପ୍ରସ୍ତାବକୁ ମଧ ପ୍ରତ୍ୟାଖ୍ୟାନ କରିଥିଲା। ଏସବୁ ମଧରେ, ଏହି ମଧ୍ୟସ୍ଥତା ପୁରସ୍କାର ଜିତିବା କମ୍ପାନୀ ପାଇଁ ଆଶ୍ୱସ୍ତିର ବିଷୟ।

# 'ଅଜନ୍ତା ସୁଜ୍' ଆଣିଲା ସ୍ମାର୍ଟ ଜୋତା

**ଭୁବନେଶ୍ୱର, ୧୪।୮(ସଂଚାର ବ୍ୟୁରୋ):** ଅଜନ୍ତା ସୁଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆଜି ଭୁବନେଶ୍ୱରରେ ଏକ ଡିଲର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନି ପକ୍ଷରୁ ୩୫୦ଟି ନୂଆ ଜୋତାର ବଜାର ପ୍ରବେଶ ଘୋଷଣା କରିଛି। ଏଥିସହିତ କମ୍ପାନି ନେଭିଗେଟର୍ ନାମରେ ଏକ ସ୍ମାର୍ଟ ଜୋତାର ଉନ୍ମୋଚନ କରିଛି। ଏହି ଜୋତାକୁ ମୋବାଇଲ ଫୋନ ସହିତ ସଂଯୋଗ କରାଯାଇ ପାରୁଛି। ଜଣେ ବ୍ୟକ୍ତି କେତେ ପାଦ ଚାଲୁଛନ୍ତି ତାହା ଏଥିରେ ଜାଣିପାରିବେ। ସେହିଭଳି ଉକ୍ତ ଜୋତା ଜରିଆରେ ଫୋନ୍ କଲ୍ କରଯାଇ ପାରିବ, ଲୋକେସନ ଜାଣିହେବ । ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହି ଜୋତା ପାଦର ମସାଜ୍ କରିପାରିବ। ଏହାର ଦାମ୍ ୯୯୯୯ ଟଙ୍କା ରହିଛି ବୋଲି କମ୍ପାନିର ଉପାଧକ୍ଷ (ବିକ୍ରୟ ଓ ବିପଣନ) ଧର୍ମ ବୀର ଜେନ୍ କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, କମ୍ପାନି ୨୦୨୬ ଜାନୁଆରିରେ ୭୦ତମ ବାର୍ଷିକୀ ପାଳନ କରିବା ସହିତ ସଂପ୍ରସାରଣ ପାଇଁ ଆଇପିଓ ପ୍ରସ୍ତୁତି କରିବ। ଚଳିତବର୍ଷ କମ୍ପାନି ଓଡ଼ିଶାରେ ୧୦୦ କୋଟି ଟଙ୍କାର ବ୍ୟବସାୟ ଆଶା ରଖିଛି। ଡିଲର ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ କମ୍ପାନିର ଜେନେରାଲ ମ୍ୟାନେଜର (ବିକ୍ରୟ) ପାର୍ଥ ଦାସଗୁପ୍ତ, ଜୋନାଲ୍ ସେଲ୍ସ ମ୍ୟାନେଜର ନିକୁଞ୍ଜ ମହାରାଜ, ରିଜିଓନାଲ ସେଲ୍ସ ମ୍ୟାନେଜର ଅମରେଶ ତ୍ରିପାଠୀ, ମାର୍କେଟିଂ ମ୍ୟାନେଜର ସିଦ୍ଧାର୍ଥ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ପବ୍ଲିକ ସେକ୍ଟର ବ୍ୟାଙ୍କଗୁଡ଼ିକରେ ଖାଲି ପଡ଼ିଛି ୩୨ ହଜାରରୁ ଅଧିକ ପଦବୀ

**ନୂଆଦିଲ୍ଲୀ, ୧୪।୮:** ଭାରତରେ ପବ୍ଲିକ ସେକ୍ଟର ବ୍ୟାଙ୍କଗୁଡ଼ିକ (ପିଏସବି) ପ୍ରାୟ ୭.୯୧ ଲକ୍ଷ କର୍ମଚାରୀଙ୍କ କର୍ମଚାରୀ ଥିବା ସତ୍ତ୍ୱେ ୩୨,୦୦୦ରୁ ଅଧିକ ପଦବୀ ଖାଲି ଅଛି। ସରକାରୀ ତଥ୍ୟ ଅନୁଯାୟୀ, ୩୦ ଜୁନ୍ ୨୦୨୫ ସୁଦ୍ଧା ମଞ୍ଜୁରୀପ୍ରାପ୍ତ ପଦବୀର ୯୬ ପ୍ରତିଶତ ପୂରଣ ହୋଇଛି, କିନ୍ତୁ ଅଫିସର, କ୍ଲର୍କ ଏବଂ ସବ-ଷ୍ଟାଫ୍ କ୍ୟାଟେଗୋରୀରେ ପଦବୀ ଖାଲି ପଡ଼ିଛି। ଏ କ୍ଷେତ୍ରରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଶୀର୍ଷରେ ରହିଛି। ଏସ୍‌ବିଆଇରେ ୯,୦୮୮ ପଦବୀ ଖାଲି ପଡ଼ିଛି। ଏହାପରେ ବ୍ୟାଙ୍କ ଅଫ୍ ବରୋଦା ୬,୩୯୬ ପଦବୀ ଖାଲି ପଡ଼ିଥିବା ବେଳେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ୪,୮୯୮ ପଦବୀ ଖାଲି ଅଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ୮.୬୪ ପ୍ରତିଶତ ପଦବୀ ଖାଲି ପଡ଼ିଥଇବା




## ଚୁକ୍ତିଭିତ୍ତିକ ନିଯୁକ୍ତି ଆଡ଼କୁ ମୁହାଁଉଛନ୍ତି ବ୍ୟାଙ୍କ

ରେକର୍ଡ କରାଯାଇଚି। ମଞ୍ଜୁରୀପ୍ରାପ୍ତ ୩୬,୫୪୪ ପଦବୀ ମଧରୁ ୩,୧୫୬ ପଦବୀ ଖାଲି ସହିତ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କରେ ସବୁଠାରୁ କମ୍ ପଦବୀ ଖାଲି ରହିଛି। ଭାରତରେ ମୋଟ ପିଏସବୁ ଗୁଡ଼ିକରେ ୧୭,୫୦୦ ଅଫିସର ପଦବୀ, ୧୨,୮୬୧ କ୍ଲର୍କ ପଦବୀ ଏବଂ ୨,୨୦୬ ସବ-ଷ୍ଟାଫ୍ ପଦବୀ ଖାଲି ପଡ଼ିଛି। ତେବେ ଠିକା କର୍ମଚାରୀ ନିଯୁକ୍ତି ଆକାରରେ ବ୍ୟାଙ୍କ କିଛି ମାତ୍ରାରେ ଏହିସବୁ କର୍ମଚାରୀ ପୂରଣ କରୁଥିବା ଜଣାପଡ଼ୁଛି। ଏଥିରେ ଏହା ମଧ ଅନୁମେୟ ଯେ ବ୍ୟାଙ୍କଗୁଡିକର ନିଯୁକ୍ତି ଢାଞ୍ଚା ବଦଳିବାରେ ଲାଗିଛି।

ରିପୋର୍ଟିଂ ତାରିଖ ସୁଦ୍ଧା, ୧୨ଟି ପ୍ରମୁଖ ପିଏସ୍‌ବି ମିଳିତ ଭାବରେ ୧,୦୧,୦୪୯ ଜଣ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। କେବଳ ଏସବିଆଇ ୬୫% ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଛି। ଏହି ବ୍ୟାଙ୍କରେ ୬୪,୯୯୫ ଜଣ ଆଉଟସୋର୍ସିଂ କର୍ମଚାରୀ ଅଛନ୍ତି। କାନାରା ବ୍ୟାଙ୍କ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଇଣ୍ଡିଆନ୍ ବ୍ୟାଙ୍କ ମଧ ଗୁରୁତ୍ୱପୂର୍ଣ୍ଣ ଭାବେ ସମାନ୍ତରାଳ ଠିକା କର୍ମଚାରୀଙ୍କୁ ନିଯୁକ୍ତି ବଜାୟ ରଖିଛନ୍ତି। ଅନ୍ୟପଟେ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ ଏବଂ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଭଳି ଛୋଟ ଋଣଦାତାମାନେ ପ୍ରତ୍ୟେକ ୧,୪୦୦ରୁ ଅଧିକ ଆଉଟସୋର୍ସିଂ

## ଏଚଡିଏଫସି ବ୍ୟାଙ୍କ ବୃଦ୍ଧି କଲା ମିନିମମ୍ ବାଲାନ୍ସ ଲିମିଟ୍

**ହାଇଦ୍ରାବାଦ, ୧୪।୮:** ଗୋଟିଏ ପଟେ ଦେଶର କିଛି ବଡ଼ ବଡ଼ ବ୍ୟାଙ୍କ ସେଭିଂ ଆକାଉଣ୍ଟ ବା ସଞ୍ଚୟ ଖାତାରେ ମିନିମମ୍ ଆଭରେଜ୍ ବାଲାନ୍ସ ରଖିବା ନିୟମକୁ ଉଠାଇ ଦେଇଥିବା ବେଳେ ଆଉ କିଛି ବ୍ୟାଙ୍କ ମିନିମମ୍ ବାଲାନ୍ସ ଲିମିଟ୍‌କୁ ବଢାଇ ଦେଇଛନ୍ତି। ଏବେ ଆଇସିଆଇସିଆଇ ବ୍ୟାଙ୍କ ଅନୁସରଣ କରିଛି ଆଉ ଏକ ବ୍ୟାଙ୍କ। ଘରୋଇ ବ୍ୟାଙ୍କ ଆଇସିଆଇସିଆଇ ପରେ ଏବେ ଏଚଡିଏଫସି ବ୍ୟାଙ୍କ ମଧ୍ୟ ମିନିମମ୍ ବାଲାନ୍ସକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଏଚଡିଏଫସି ବ୍ୟାଙ୍କ ଏହାର ସେଭିଂ ଆକାଉଣ୍ଟରେ ମିନିମମ ବାଲାନ୍ସ ରଖିବା ଲିମିଟକୁ ବଢାଇ ଦେଇଛି। ଏହି ନିୟମ ୨୦୨୫ ଅଗଷ୍ଟ ପହିଲାରୁ ଲାଗୁ ହୋଇଛି। ଏବେ ଏଚଡିଏଫସି ବ୍ୟାଙ୍କରେ ନୂଆ ଆକାଉଣ୍ଟ ଖୋଲିବାକୁ ହେଲେ ମାସିକ ମିନିମମ ବାଲାନ୍ସ ୨୫୦୦୦ ଟଙ୍କା ରଖିବାକୁ ପଡ଼ିବ। ପୂର୍ବରୁ ବ୍ୟାଙ୍କର ସେଭିଂ ଆକାଉଣ୍ଟରେ ମିନିମମ୍ ବାଲାନ୍ସ ୧୦ ହଜାର ରଖିବା ବାଧ୍ୟତାମୂଳକ ଥିଲା। ଏବେ ବ୍ଯାଙ୍କ ଏହାକୁ ଆହିରୁ ବୃଦ୍ଧି କରିଛି। ବ୍ୟାଙ୍କର ନୂଆ ନିୟମ ଅନୁସାରେ, ଆକାଉଣ୍ଟରେ ସର୍ବନିମ୍ନ ୨୫ ହଜାର ଟଙ୍କା ରଖିବାକୁ ପଡିବ। ଯଦି ମାସିକ ଆଭରେଜ ବାଲାନ୍ସ ଲିମିଟ (୨୫ ହଜାର) ତଳେ ରୁହେ ତେବେ ପେନାଲ୍ଟି ଲାଗୁ ହୋଇପାରେ।

# ଗ୍ରାହକଙ୍କ ପାଇଁ ଦୁଇଟି ପ୍ଲାନ ଆଣିଲା ଜିଓ




**ନୂଆଦିଲ୍ଲୀ, ୧୪।୮:** ରିଲାଏନ୍ସ ଜିଓ ତା'ର ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ଏକ ଭଲ ଅଫର ଆଣିଛି। ଏବେ ଜିଓର କିଛି ମନୋନୀତ ପ୍ରିପେଡ୍ ରିଚାର୍ଜ ପ୍ଲାନ୍ ସହିତ ଉପଭୋକ୍ତାମାନେ ମାଗଣା ନେଟଫ୍ଲିକ୍ସ ସବସ୍କ୍ରିପସନ୍ ମଧ ପାଇବେ। ଏହା ସହିତ, ଉପଭୋକ୍ତାମାନଙ୍କୁ ପୃଥକ ନେଟଫ୍ଲିକ୍ସ ସବସ୍କ୍ରିପସନ୍ ନେବାକୁ ପଡ଼ିବ ନାହିଁ ଏବଂ ସେମାନେ କୌଣସି ଅତିରିକ୍ତ ଚାର୍ଜ ବିନା ସେମାନଙ୍କର ପ୍ରିୟ ଶୋ ଏବଂ ଚଳଚ୍ଚିତ୍ର ଉପଭୋଗ କରିପାରିବେ। ୧୨୯୯ ଟଙ୍କାର ଜିଓ ପ୍ଲାନରେ

## ମାଗଣାରେ ମିଳିବ ନେଟଫ୍ଲିକ୍ସ ସବସ୍କ୍ରିପସନ

ପ୍ରତିଦିନ ୨ ଜିବି ଡାଟା ମିଳିବ ଯାହାର ବୈଧତା ୮୪ ଦିନ (ମୋଟ ୧୬୮ଜିବି ଡାଟା) ରହିବ। ଏଥିରେ ଅସୀମିତ ଭଏସ୍ କଲିଂ ଏବଂ ପ୍ରତିଦିନ ୧୦୦ ଏସଏମଏସ ସହ ଅତିରିକ୍ତ ସୁବିଧା ଭାବେ ମାଗଣା ନେଟଫ୍ଲିକ୍ସ ସବସ୍କ୍ରିପସନ୍, ଜିଓଟିଭି, ଜିଓ କ୍ଲାଉଡ୍ ମିଳିବ। ସେହିପରି ୧୭୯୯ ଟଙ୍କା ଜିଓ ପ୍ଲାନରେ ପ୍ରତିଦିନ ୩ ଜିବି ଡାଟା ମିଳିବାକୁ ଥିବାବେଳେ ଏହାର ବୈଧତା ୮୪ ଦିନ (ମୋଟ ୨୫୨ ଜିବି ଡାଟା) ରହିବ। ଏଥିରେ ଅସୀମିତ ଭଏସ୍ କଲିଂ ଏବଂ ପ୍ରତିଦିନ ୧୦୦ ଏସଏମଏସ ସହ ଅତିରିକ୍ତ ସୁବିଧା ଭାବେ ନେଟଫ୍ଲିକ୍ସ ସବସ୍କ୍ରିପସନ୍, ଜିଓଟିଭି, ଜିଓ କ୍ଲାଉଡ୍ ମିଳିବ। ଉପଭୋକ୍ତାମାନେ ମାଇଜିଓ ଆପ୍, ଜିଓର ଅଫିସିଆଲ୍ ୱେବସାଇଟ୍, କିମ୍ବା ଯେକୌଣସି ଲୋକପ୍ରିୟ ପେମେଣ୍ଟ ଆପ୍ ରୁ ଏହି ଯୋଜନାଗୁଡ଼ିକୁ ରିଚାର୍ଜ କରିପାରିବେ। ରିଚାର୍ଜ ହେବା ପରେ, ଉପଭୋକ୍ତାମାନେ ସେମାନଙ୍କର ନେଟଫ୍ଲିକ୍ସ ଆକାଉଣ୍ଟକୁ ଲିଙ୍କ୍ କରିପାରିବେ କିମ୍ବା ଏକ ନୂତନ ଆକାଉଣ୍ଟ ତିଆରି କରିପାରିବେ ଏବଂ ତୁରନ୍ତ ଷ୍ଟ୍ରିମିଂ ଆରମ୍ଭ କରିପାରିବେ।

# ହୃଦ୍‌ଘାତରୁ ବର୍ତ୍ତିବା ପାଇଁ 'ରାମ କିଟ୍'

**ନୂଆଦିଲ୍ଲୀ, ୧୩/୮:** ଆଜିକାଲି ହୃଦରୋଗ ବଢ଼ିବାରେ ଲାଗିଛି। ବିଶ୍ୱରେ ମୃତ୍ୟୁର ଏକ ପ୍ରମୁଖ କାରଣ ହୃଦ୍‌ଘାତ ପାଲଟିଛି। ଏଥିପାଇଁ ଏହି ରୋଗର ଆଗୁଆ ଚିହ୍ନଟ ଜରୁରୀ। ଏହାହେଲେ ହୃଦ୍‌ଘାତଜନିତ ବିପଦ କମିବ। ଆମେରିକାର ବିଶିଷ୍ଟ ଓ ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡା. ଜେରେମି ଲଣ୍ଡନ ହୃଦ୍‌ରୋଗଜନିତ ବିପଦ ଚିହ୍ନଟ ପାଇଁ ୩ଟି ଲାବ୍ ଟେଷ୍ଟ ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଥମ ଟେଷ୍ଟ ହେଉଛି ଏଲ୍‌ଡିଏଲ୍-ସି ବା ଲୋ ଡେନସିଟି ଲିପୋପ୍ରୋଟିନ କୋଲେଷ୍ଟେରୋଲ ଯାହାକି ଅଧିକାଂଶ ସମୟରେ ବ୍ୟାଡ୍ କୋଲେଷ୍ଟେରୋଲ୍ ଭାବେ ପରିଚିତ। ଏଲ୍‌ଡିଏଲ୍-ସି ସ୍ତର ଅଧିକ ଥିଲେ ହୃଦରୋଗରେ ପୀଡ଼ିତ ହେବା ବା ହୃଦଘାତ ହେବାର ଆଶଙ୍କା ଅଧିକ ରହିଥାଏ।

ଅଭିନେତ୍ରୀ ତଥା ମଡେଲ ଶେଫାଳି ଜରିୱାଲାଙ୍କ ହୃଦଘାତରେ ଦେହାନ୍ତରେ ପରେ ନିଖିଳ ସୈନି ନାମଜ ଜଣେ କଣ୍ଟେଣ୍ଟ କ୍ରିଏଟରଙ୍କ ଭିଡିଓ ବେଶ୍ ଭାଇରାଲ ହୋଇଥିଲା। ସେଥିରେ 'ରାମ କିଟ୍' ନାମରେ ଏକ ମୌଳିକ କିଟ୍ ବିଷୟରେ ସୈନି ସୂଚନା ଦେଇଥିଲେ। ଜଣେ ବ୍ୟକ୍ତି ଯେତେବେଳେ ହୃଦ୍‌ଘାତର ଲକ୍ଷଣ କିମ୍ବା ଛାତିରେ ଗୁରୁତର ଯନ୍ତ୍ରଣା ଅନୁଭବ କରନ୍ତି ହସ୍ପିଟାଲରେ ପହଞ୍ଚାଇବା ପୂର୍ବରୁ ଉକ୍ତ କିଟ୍ ବ୍ୟବହାର ପାଇଁ ସେ ମତ ଦେଇଛନ୍ତି। ଉତ୍ତରପ୍ରଦେଶ କାନପୁର ଅନ୍ତର୍ଗତ ଲକ୍ଷ୍ମୀପତ ସିଂଘାଣିଆ ଇନଷ୍ଟିଚ୍ୟୁଟ୍‌ର ହୃଦରୋଗ ବିଶେଷଜ୍ଞ ଡା. ନିରଜ କୁମାର ଏହି କିଟ୍ ପ୍ରସ୍ତୁତ କରିଛନ୍ତି। ଏହି କିଟ୍‌ର ଦାମ୍ ୭ ଟଙ୍କା ଏବଂ ଏଥିରେ ୩ ପ୍ରକାର ଔଷଧ ଯଥା ଗୋଟିଏ ଲେଖାଏଁ ସୋର୍ବିଟ୍ରେଟ୍ ଓ ରୋଜୁଭେଷ୍ଟେଟିନ୍ ଏବଂ ଦୁଇଟି ଇକୋସ୍ପ୍ରିନ୍ ଟାବଲେଟ୍ ରହିଛି। ଯଦି ଜଣେ ବ୍ୟକ୍ତି ହୃଦ୍‌ଘାତର ଶିକାର କିମ୍ବା ଛାତିରେ ଯନ୍ତ୍ରଣା ଅନୁଭବ କରନ୍ତି ତାହେଲେ ତାଙ୍କୁ 'ରାମ କିଟ୍' ତୁରନ୍ତ ଦିଆଯିବା ଆବଶ୍ୟକ। ଡାକ୍ତରଖାନାରେ ରୋଗୀ ପହଞ୍ଚିବା ପର୍ଯ୍ୟନ୍ତ ଏହା ସ୍ଥିତିକୁ ନିୟନ୍ତ୍ରଣ ମଧରେ ରଖିବାରେ ସହାୟକ ହୋଇଥାଏ। ସେ କୁହନ୍ତି, ପ୍ରତି ଘରେ ଏହି 'ରାମ କିଟ୍' ରଖାଯିବାର ଆବଶ୍ୟକତା ରହିଛି। ସୋର୍ବିଟ୍ରେଟ୍ ଔଷଧକୁ ଜିଭ ତଳେ ରଖାଯାଇଥାଏ। ଏଥିସହିତ କିଟ୍‌ରେ ଥିବା ଦୁଇଟି ଇକୋସ୍ପ୍ରିନ ବଟିକା ଏବଂ ଗୋଟିଏ ରୋଜୁଭାଷ୍ଟାଟିନ ବଟିକାକୁ ଖାଇବାକୁ ହୋଇଥାଏ। ତେବେ ଏହି କିଟ୍‌ରେ ସତର୍କ ସୂଚନା ମଧ ରହିଛି। ଯେଉଁ ବ୍ୟକ୍ତିମାନଙ୍କର ଏହି ଔଷଧ ପ୍ରତି ଆଲର୍ଜି ରହିଛି ସେମାନେ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ।

## ଅସହାୟ କିମା କହଁରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ଦାବି



**ଫିରିଙ୍ଗିଆ, ୧୪।୮ (ସଂଚାର ବ୍ୟୋରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରୀମାଣ୍ଡୁ ପଞ୍ଚାୟତ ଅନ୍ତର୍ଗତ ପାଟେରାପଡ଼ା ଗ୍ରାମର କିମା କହଁର ଙ୍କ ପରିବାର ଏବେ ଏକ ଭଙ୍ଗା ଦଦରା କୁଡ଼ିଆରେ ଜୀବନ ବିତାଉଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା କିମା କହଁର ଙ୍କ ପରିବାର ପ୍ରଶାସନ ନିକଟରେ ବହୁ ଦିନ ହେଲା ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ମୂଳ ଲାଗି ପରିବାର ପ୍ରତିପୋଷଣ କରୁଥିବା କିମା କହଁର ବର୍ଷ ବର୍ଷ ଧରି ଏହି ଖାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହୁଥିବା ବେଳେ ଭଲ ଘର ଖଣ୍ଡିଏ ତିଆରି କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ପାରୁନାହିଁ। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଅସହାୟ ବାସହୀନ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେଉଛନ୍ତି ସତ... ହେଲେ ଯୋଗ୍ୟ ହିତାଧିକାରୀଙ୍କୁ ଅନେକ ସ୍ଥାନରେ ମିଳିନଥିବା ଅଭିଯୋଗ ହେଉଛି। ଭାରତ ସ୍ୱାଧୀନତା ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ପରିବାର ଙ୍କୁ ସ୍ୱାଧୀନତା ଦିଆ ଯାଇନଥିବା କାରଣ କ'ଣ ଆଉପାରେ ଏହା ଏକ ଅଞ୍ଚଳ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ଅସହାୟ ପରିବାର କୁ ସରକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମ ବାସୀ ଦାବି କରିଛନ୍ତି।

# ପାଠପଢ଼ାରୁ ବଞ୍ଚିତ ୧୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

### ପରାବାହାଲି ଗାଁରେ ପହଞ୍ଚିଲା ବ୍ଲକ ପ୍ରଶାସନ

**ଲାଞ୍ଜିଗଡ଼, ୧୪।୮ (ସଂଚାର ବ୍ୟୋରୋ):** ସରକାରଙ୍କ ନିର୍ଦ୍ଦେଶ କ୍ରମେ କେହି ଅପାଠୁଆ ରହିବେ ନାହିଁ ବା କେହି ଅଧାରୁ ପାଠ ଛାଡିବେନାହିଁ। ସେଥିପାଇଁ ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନିର୍ମାଣ କରାଯାଇଛି ଓ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ମାଗଣା ପୋଷାକ ଠାରୁ ଆରମ୍ଭ କରି ବହିପତ୍ର, ଖେଳ ଉପକରଣ ସମେତ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରିଛନ୍ତି। କିନ୍ତୁ ଏତେ ସବୁ ସରକାରୀ ବ୍ୟବସ୍ଥା ଭିତରେ ମଧ୍ୟ ୧୦ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପାଠ ପଢ଼ିବାପାଇଁ ଇଚ୍ଛା ଥିଲେ ମଧ୍ୟ ଅପାଠୁଆ ହୋଇ ଗାଁରେ ରହୁଥିଲେ।ଏହାକୁ ନେଇ ଗତ ୯



ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଛି ବ୍ଲକ ପ୍ରଶାସନ।ଆଜି ଲାଞ୍ଜିଗଡ଼ ବ୍ଲକ ମଙ୍ଗଳସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆର ସିଂ ଓ ଭଟାଙ୍ଗପଦର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ ପରାବାହାଲି ଗାଁକୁ ପହଞ୍ଚି ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଆବାସିକ ବିଦ୍ୟାଳୟରେ ରହିକି ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।ସୂଚନା ମତେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ଅନ୍ତର୍ଗତ ପରାବାହାଲି ଗାଁରେ ପାଠ ପଢ଼ିବା ପାଇଁ କୌଣସି ବ୍ୟବସ୍ଥା ନ'ଥିବାରୁ ବନପାହାଡ଼ ଘେରାଅବସ୍ଥା ଖାଲୁଖମା ରାସ୍ତା ଦେଇ ୪କି.ମି ଆମଦରହ ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଉଥିଲେ କିନ୍ତୁ ସେହି ସ୍କୁଲରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବାରୁ ଛାତ୍ରଛାତ୍ରୀ ମାନେ ଉକ୍ତ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ରହୁଥିଲେ। କାହିଁକିନା ଆଖପାଖରେ ଉଚ୍ଚ ପ୍ରାଥମିକ ଶିକ୍ଷା ଲାଭକରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ ଯାହାଫଳରେ ପାଠ ପଢ଼ିବାର ଇଚ୍ଛା ଶକ୍ତି ଥିଲେ ମଧ୍ୟ ଅନେକ ଶିଶୁ ଅଧପାଠୁଆ ହୋଇ ରହୁଥିଲେ। ଉକ୍ତ ଗାଁର ଛାତ୍ରଛାତ୍ରୀ ମାନେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଭଟାଙ୍ଗପଦର ଓ କାଉଗୁଡା ଆବାସିକ ବିଦ୍ୟାଳୟକୁ ଯାଇଥିଲେ ହେଲେ ସେହି ବିଦ୍ୟାଳୟରେ ନାମ ଲେଖା ସମ୍ପୂର୍ଣ୍ଣ ହୋଇସାରିଛି ଆଉ ଆମେ ନାମ ଲେଖି ପାରିବୁ ନାହିଁ ବୋଲି ସେଠାରେ ସଫାସଫା ମନା କରିଦେବାରୁ ଆମେ ସେଠାରୁ ଫେରି ଆସିଲୁ ବୋଲି ଅଭିଭାବକ ମାନେ ମତପ୍ରକାଶ କରୁଥିଲେ। ତେବେ ଖବର ପ୍ରକାଶ ପରେ ବ୍ଲକ ପ୍ରଶାସନ ଗାଁକୁ ପହଁଚି ତଦନ୍ତ କରି ପିଲାଙ୍କୁ ଆବାସିକ ବିଦ୍ୟାଳୟରେ ରହିକି ପାଠ ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଗାଁଲୋକେ ଖୁସି ବ୍ୟକ୍ତ କରୁଛନ୍ତି।

## ମହିଳା ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




**ଯୋଡା,୧୪।୮(ସଂଚାର ବ୍ୟୋରୋ):** ଯୋଡା ମହିଳା ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରୀମାନେ ଜାତୀୟ ପତାକା ଧରି ସ୍ଥାନୀୟ ବନେଇକଳା ଅଞ୍ଚଳରେ ସହର ପରିକ୍ରମଣ କରିଥିଲେ। ଏହା ପରେ ସ୍ୱାଧୀନତା ଦିବସ ଉପଲକ୍ଷେ କଲେଜର ସଭାଗୃହରେ ଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଓ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

## ମ. ରାମପୁର କଲେଜ୍ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ରାଲି ଅନୁଷ୍ଠିତ

ମ. ରାମପୁର:୧୪/୮(ସଂଚାର ବ୍ୟୁରୋ) କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ୍ ମ. ରାମପୁର ମହାବିଦ୍ୟାଳୟ ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା ' ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କଲେଜ୍ ଅଧକ୍ଷ ଶ୍ରୀ ସୁଧାଂଶୁ ଶେଖର ପଣ୍ଡା ଙ୍କ ନେତୃତ୍ୱରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀର ଶତାଧିକ ଛାତ୍ର ଛାତ୍ରୀଙ୍କ ସହ କଲେଜ୍ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଶୋଭାଯାତ୍ରା ଟି କଲେଜ୍ ପରିସରରୁ ବାହାରି ହର୍ ଘର୍ ତ୍ରିରଙ୍ଗା ସ୍ଲୋଗାନ ନାରା ଦେବାସହ ହାତରେ ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରି ଚାରିଛକ ଯାଏଁ ପହଞ୍ଚି ସେଇଠୁ ପୁଣି କଲେଜ୍ କୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏଥିରେ ପୁଲିସ୍ ପ୍ରଶାସନ ମଧ୍ୟ ସହଯୋଗ କରିଥିଲେ।

## ନର୍ଲା ଡିଗ୍ରୀ କଲେଜର ତ୍ରିରଙ୍ଗା ଯାତ୍ରା

**ନର୍ଲା,୧୪।୮(ସଂଚାର ବ୍ୟୁରୋ):** ନର୍ଲା ଡିଗ୍ରୀ କଲେଜ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ନାଏକଙ୍କ ନେତୃତ୍ୱରେ ଗୁରୁବାର ଛାତ୍ରଛାତ୍ରୀମାନେ ହାତରେ ଜାତୀୟ ପତାକା ଧରି କଲେଜରୁ ଏକ ଭବ୍ୟ ଶୋଭା ଯାତ୍ରାରେ ବାହାରି ନର୍ଲା ନଗର ପରିକ୍ରମା କରି ବ୍ଲକ ପର୍ଯ୍ୟନ୍ତ ଯାଇଥିଲେ। କଲେଜର ପିଇଟି କ୍ଷୀତିଶ କୁମାର ବାଗର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ରମେଶ ଚନ୍ଦ୍ର ଘଡେ଼ଇ, ମୃତ୍ୟୁଞ୍ଜୟ ଚାନ୍ଦ, କିଶୋର ଚାନ୍ଦ, ସନ୍ତୋଷ ନାଗ, ବାସନ୍ତୀ ସାହୁ, ପାର୍ବତୀ ଦାସ, ବୁଲୁ ଥନାପତି, ଗରୁଡ଼ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏଠାରେ ପ୍ରକାଶଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୯ରୁ ୧୫ ପର୍ଯ୍ୟନ୍ତ ସାରା ଦେଶରେ ଚାଲିଛି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ।

## ୬୫୦ ଫୁଟର ବିଶାଳ ତ୍ରିରଙ୍ଗା ଯାତ୍ରା

**ନୀଳଗିରି, ୧୪।୮ (ସଂଚାର ବ୍ୟୋରୋ):** ଆଗାମୀ ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ୱାଧୀନତାର ସଂଘର୍ଷ, ପରାକ୍ରମ ଓ ବଳିଦାନକୁ ମନେ ପକାଇ ଗୁରୁବାର ପୂର୍ବାହ୍ନ ନୀଳଗିରିରେ ଏକ ୬୫୦ ଫୁଟର ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଏହି ଯାତ୍ରା ନୀଳଗିରି ବସଷ୍ଟାଣ୍ଡ ଠାରୁ ଠାରୁ ବାହାରି ନୀଳଗିରି ବଜାର ପରିକ୍ରମା କରି ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସହ ପାଖା ପାଖି ୧୫୦୦ ସଂଖ୍ୟାରେ ଛାତ୍ର, ଛାତ୍ରୀ ସହ ରାଷ୍ଟ୍ର ପ୍ରେମୀ ଭାଇ ଓ ଭଉଣୀ ମାନେ ଭାଗ ନେଇଥିଲେ। ଭାରତ ମାତା କି ଜୟ 'ବନ୍ଦେ ମାତରମ' ନାରାରେ ନୀଳଗିରି ସହର ପ୍ରକମ୍ପିତ ହୋଇ ଉଠିଥିଲା। ତ୍ରିରଙ୍ଗା ହେଉଛି ସାହସ, ବୀରତ୍ୱ, ଶାନ୍ତି, ଭାତୃତ୍ୱ ଓ ପ୍ରଗତିର ପ୍ରତୀକ। ସମସ୍ତଙ୍କ ମଧ୍ୟରେ ଜାତୀୟତାଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରା,



ଆମର ସାମୂହିକ ପରିଚୟର ଏକ ମହାନ ଉତ୍ସବ ଏବଂ ବିକଶିତ ଭାରତ ପାଇଁ ଆମ ପ୍ରତିବଦ୍ଧତାର ଅନନ୍ୟ ନିଦର୍ଶନ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ଜିଲ୍ଲାପରିଷଦ ସଭ୍ୟା ୧୧ନଂ ସୁବର୍ଣ୍ଣା ମଞ୍ଜରୀ ସିଂ, ୧୨ନଂ ରଞ୍ଜିତା ସିଂ, ୨ନଂ ଉଷାରାଣୀ ରାଉଳ ଓ ୧୩ନଂ ଜିଲ୍ଲାପରିଷଦ ସଦସ୍ୟ ଗତୀକୃଷ୍ଣ ନନ୍ଦ ସହିତ କରୁଣାକର ପଣ୍ଡା, ସମର ଶଙ୍କର କାନୁନଗୋ, ଦେବାଶିଷ ଆଚାର୍ଯ୍ୟ, ଗୋପୀବଲ୍ଲଭ ରାଉତ, ତାପସ ମହାନ୍ତି, ରବି ନାୟକ, ପ୍ରଫୁଲ୍ଲ ଦଳେଇ, ମନରଞ୍ଜନ ବେହେରା, ଯୁବନେତା ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହାର ପାଇଁ ବିଇଓଙ୍କୁ ଭେଟିଲେ କନ୍ଦାଗଡ଼ ଗ୍ରାମବାସୀ



**ଭବାନୀପାଟଣା,୧୪।୮(ସଂଚାର ବ୍ୟୁରୋ):** କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଆମପାଣି ପଞ୍ଚାୟତ କନ୍ଦାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଙ୍କ ବଦଳି କୁ ନେଇ ଅଭିଭାବକ ଓ ଗ୍ରାମବାସୀ ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମତେ କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଚିଠି ସଂଖ୍ୟା ୧୫୬୨ ତା, ୧୩/୦୮/୨୫ ଅନୁସାରେ ବିଦ୍ୟାଳୟ ରେ ନିୟୋଜିତ ଥିବା ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ପୁରୋହିତ ଙ୍କୁ ଅନ୍ୟ ସ୍କୁଲ କୁ ଡେପୁଟେସନ ରେ ବଦଳି ଆଦେଶ ବିଇଓ ଦେଇଛନ୍ତି। ତେବେ ଶିକ୍ଷୟିତ୍ରୀ ଙ୍କ ବଦଳି ଆଦେଶ କୁ ପ୍ରତ୍ୟାହାର ନେଇ ବିଦ୍ୟାଳୟ ର ଅଭିଭାବକ, ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ମାନେ ପ୍ରତିବାଦ କରି ଗୁରୁବାର କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଆସି ଏକ ଲିଖିତ ଅଭିଯୋଗ ସମ୍ପର୍କିତ ଦାବିପତ୍ର ବିଇଓ ଅନୁପସ୍ଥିତ ଥିବାରୁ ବରିଷ୍ଠ କିରାଣୀ ଙ୍କୁ ପ୍ରଦାନ କରିଛନ୍ତି। ଯଦି ଆଜି ସନ୍ଧ୍ୟା ସୁଦ୍ଧା ଶିକ୍ଷୟିତ୍ରୀ ଙ୍କ ବଦଳି ନିର୍ଦ୍ଦେଶ ପ୍ରତ୍ୟାହାର କରାନଯାଇ ତାହେଲେ ଶୁକ୍ରବାର ହେବାକୁ ଥିବା ସ୍ୱାଧୀନତା ଦିବସ ପାଳନ କରିବୁ ନାହିଁ, ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ରେ ଅସହଯୋଗ କରିବା ଓ ଦରକାର ପଡ଼ିଲେ ବିଦ୍ୟାଳୟ ରେ ତାଲା ପକାଇ ପ୍ରତିବାଦ କରିବାକୁ ଚେତାବନୀ ଦେଇଛନ୍ତି। ଏହାସହ ପୂର୍ବରୁ ଡେ ପୁ ଟେ ସନ ରେ ଥିବା ଶିକ୍ଷକ ଲକ୍ଷ୍ମୀକାନ୍ତ ସେଠି ଙ୍କୁ ମଧ୍ୟ ପୁନର୍ବାର ଫେରାଇ ଦେବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଆମପାଣି ପଞ୍ଚାୟତ ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ପରିଚାଳନା କମିଟିର ସଦସ୍ୟ ଓ କନ୍ଦାଗଡ଼ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

## ସହକାରୀ ଶ୍ରମ ଅଫିସରେ ଅବ୍ୟବସ୍ଥା ନେଇ ସିଟୁର ଦାବିପତ୍ର

**ନୀଳଗିରି,୧୪।୮ (ସଂଚାର ବ୍ୟୋରୋ):** ନୀଳଗିରି ଉପଖଣ୍ଡ ପାଇଁ ଗୋଟିଏ ସହକାରୀ ଶ୍ରମ କାର୍ଯ୍ୟାଳୟ ଅଛି। ଉକ୍ତ କାର୍ଯ୍ୟାଳୟ ରେ ନୀଳଗିରି, ଔପଦା ବ୍ଲକ ର କାର୍ଯ୍ୟ ସହିତ ନୀଳଗିରି ଏନ୍ଏସିର ଶ୍ରମ ସମ୍ବନ୍ଧୀୟ କାର୍ଯ୍ୟ ହୁଏ। କିଛି ଦିନ ତଳେ ଔପଦା ବ୍ଲକ ପାଇଁ ଜଣେ ସହକାରୀ ଶ୍ରମ ଅଫିସର ନିଯୁକ୍ତି ହୋଇଛନ୍ତି। ଉକ୍ତ ଅଫିସର ଙ୍କୁ ନୀଳଗିରି ଅଫିସରେ ନ ରଖି, ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀ ଙ୍କ ଅଫିସରେ କାର୍ଯ୍ୟ କରିବା ପାଇଁ ରଖାଯାଇଛି। ପୂର୍ବରୁ ଯେଉଁ ଅଫିସର ଔପଦା ବ୍ଲକ କାର୍ଯ୍ୟ କରୁଥିଲେ, ସେ ଔପଦା ବ୍ଲକ କାର୍ଯ୍ୟ କରୁ ନାହାଁନ୍ତି। ପୂର୍ବରୁ ଯେଉଁ ଅଫିସର ଥିଲେ, ତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ରଖିବା ଫଳରେ, ନୀଳଗିରି ଶ୍ରମ କାର୍ଯ୍ୟାଳୟ କାର୍ଯ୍ୟ ବନ୍ଦ ହୋଇଯାଇଛି। ବହୁ ଲୋକ ପ୍ରତିଦିନ ନୀଳଗିରି ଶ୍ରମ କାର୍ଯ୍ୟାଳୟ କୁ ଆସି ଅଫିସର ନ ଥିବାରୁ



ଘରକୁ ନିରାଶ ହୋଇ ଫେରୁଛନ୍ତି। ନୀଳଗିରି ଉପଖଣ୍ଡ ଗୋଟିଏ ଆଦିବାସୀ ଅଦ୍ଧୁଷିତ ଅଞ୍ଚଳ ହୋଇଥିବାରୁ, ଲୋକ ମାନେ ବାଲେଶ୍ୱର ଅଫିସ ଯାଇ କାର୍ଯ୍ୟ କରିବା ଅସମ୍ଭବ ହେଉଛି। ଉକ୍ତ ଘଟଣା ର ଗୁରୁତ୍ୱ ଉପଲବ୍ଧି କରି ସିଟୁ ଜିଲ୍ଲା କମିଟି ସମ୍ପାଦକ ବିଜୟ କୁମାର ପାତ୍ର ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ. ମଧୁସ୍ମିତା ସାମନ୍ତରାୟ ଙ୍କୁ ଦାବୀ ପତ୍ର ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ସିଟୁ ଅନୁବନ୍ଧିତ ମହାବୀର ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ କେଶବ ଚନ୍ଦ୍ର ଲେଙ୍କା ଉପସ୍ଥିତ ଥିଲେ। ସାତ ଦିନ ଭିତରେ ନୂତନ ଭାବେ ନିଯୁକ୍ତି ପାଇଥିବା ଔପଦା ଅଫିସର ନୀଳଗିରି ଅଫିସ ରୁ କାର୍ଯ୍ୟ କରିବା ସହିତ ପୂର୍ବରୁ ଯେଉଁ ଅଫିସର ଅଛନ୍ତି, ତାଙ୍କୁ ନୀଳଗିରି ଅଫିସ ରୁ ନିତିଦିନିଆ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବୀ ସାତ ଦିନ ଭିତରେ ପୂରଣ ନହେଲେ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯିବ ବୋଲି ପ୍ରଶାସନ କୁ ଚେତାବନୀ ଦିଆଯାଇଛି।

## ସନ୍ଦୀପନୀ ଯୁକ୍ତ ଦୁଇ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା



**ସୁନ୍ଦରଗଡ଼,୧୪।୮ (ସଂଚାର ବ୍ୟୋରୋ):** ଓଡିଶା ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ ନିଶାମୁକ୍ତି ଅଭିଯାନ ଓ ସୁଭଦ୍ରା ଯୋଜନା ଅବସରରେ ଆୟୋଜିତ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ ସନ୍ଦୀପନୀ ଯୁକ୍ତ ଦୁଇ ବିଦ୍ୟାଳୟ ଜିଲ୍ଲାସ୍ତରରେ ଅଭୁତପୂର୍ବ ସଫଳତା ଅର୍ଜନ କରିଛି। କୁଇଜ ପ୍ରତିଯୋଗିତାରେ ରିଙ୍କୁ କରିଆଳୀ ପ୍ରଥମ ସ୍ଥାନ, ପ୍ରିତମ କୁମାର ପାଟେଲ ତୃତୀୟ ସ୍ଥାନ, ବକ୍ତୃତା ପ୍ରତିଯୋଗିତାରେ ବୈଷମ ପାୟନ ତ୍ରିପାଠୀ ପ୍ରଥମ ସ୍ଥାନ, ସ୍ୱାତି ନାୟକ ଦ୍ୱିତୀୟ ସ୍ଥାନ, ରଚନା ପ୍ରତିଯୋଗିତାରେ ଆରାଧନା ପଟେଲ ପ୍ରଥମ ସ୍ଥାନ, ବୈଷମ ପାୟନ ଦ୍ୱିତୀୟ ସ୍ଥାନ, ରଙ୍ଗୋଲି ପ୍ରତିଯୋଗିତାରେ ପ୍ରଜ୍ଞାଶ୍ରୀ ପଟେଲ ପ୍ରଥମ ସ୍ଥାନ, ହସିନା ଛଛାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସମସ୍ତ ପୁରସ୍କାର ସଦଭାବନା ଭବନ ସୁନ୍ଦରଗଡ଼ରେ ଆୟୋଜିତ ବିଶେଷ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାଧିକାରୀଙ୍କ ହସ୍ତରେ ପ୍ରଦାନ କରାଗଲା। ବିଦ୍ୟାଳୟର ନିର୍ଦ୍ଦେଶକ ସୁମିତ ନାଏକ, ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପୁରସ୍କୃତ ଛାତ୍ର-ଛାତ୍ରୀଙ୍କୁ ହୃଦୟଙ୍ଗମ ଶୁଭେଚ୍ଛା ଜଣାଇ ଭବିଷ୍ୟତରେ ଏହିପରି ସୁନାମ ଅର୍ଜନ କରିବେ ବୋଲି ଆଶୀର୍ବାଦ କରିଛନ୍ତି।

## ପ୍ରଦୂଷଣ ବୋର୍ଡ ପକ୍ଷରୁ ବାୟୁ ପ୍ରଦୂଷଣ ସଚେତନତା କାର୍ଯ୍ୟକ୍ରମ

**ଯାଜପୁର ରୋଡ଼,୧୪।୮(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର ସନ୍ତରା ଛକ ଠାରେ ଥିବା ସଂସ୍କୃତି ଭବନ ସଭାଗୃହରେ କଳିଙ୍ଗନଗର ଶିଳ୍ପାଅଞ୍ଚଳରେ ସ୍ଥାପିତ ହୋଇଥିବା କଳକାରଖାନା କମ୍ପାନୀ ଗୁଡିକ ପାଇଁ କଳିଙ୍ଗନଗର ସହର ଓ଼ ବ୍ୟାସନଗର ସହରେ ବାୟୁ ପ୍ରଦୂଷଣ ମାତ୍ରା, ଅତ୍ୟଧିକ ହୋଇଥିବାରୁ ଏହା ଉପରେ ରୋକ ଲଗାଇବା ଏବଂ ସଚେତନ ହେବା ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ଓ଼ ବ୍ୟାସନଗର ପ୍ରଶାସନର ମିଳିତ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଅଛି। ପୌରନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପାଢ଼ୀ'ଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ, ରାଜ୍ୟ ପ୍ରଦୂଷଣ ବୋର୍ଡର ସିନିଅର ଏନଭରମେଂଟାଲ ଇଞ୍ଜିନିୟର ଦିଲୀପ କୁମାର ଦାସ ଓ଼ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ମଦନ ମୋହନ ସାହୁ ଉପସ୍ଥିତ ରହି କମ୍ପାନୀ ତରଫରୁ ଆସିଥିବା ପ୍ରଦୂଷଣ ବିଭାଗର ଅଧିକାରୀ



ମାନଙ୍କୁ ପ୍ରଦୂଷଣକୁ କିଭଳି ଭାବରେ ନିୟନ୍ତ୍ରଣ କରାଯାଇପାରିବ ଓ଼ ଏଥିପାଇଁ କେଉଁ କେଉଁ ପଦକ୍ଷେପ ଅବଲମ୍ବନ କରିବାକୁ ପଡ଼ିବ ସେ ବିଷୟରେ ଅବଗତ କରାଇଥିଲେ। କମ୍ପାନୀର ବାୟୁ ପ୍ରଦୂଷଣକୁ ରୋକିବାକୁ ହେଲେ ଅତ୍ୟାଧୁନିକ ମେସିନ ଓ଼ ବୃକ୍ଷରୋପଣର ଆବଶ୍ୟକତା ରହିଥିବା ବେଳେ ବ୍ୟାସନଗର ସହରରେ ମାତ୍ରାଧିକ ବାୟୁ ପ୍ରଦୂଷଣ ହେଉଥିବାରୁ ଏହାକୁ ରୋକିବା ପାଇଁ ପ୍ରଥମେ କମ୍ପାନୀ ଗୁଡିକ ପ୍ରଦୂଷଣ ମୁକ୍ତ ନିୟମ ଗୁଡିକ ପାଳନ କରିବାକୁ ପଡ଼ିବ ବୋଲି ସିନିୟର ଇଞ୍ଜିନିଅର ଦିଲୀପ କୁମାର ଦାସ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ରେ କଳିଙ୍ଗନଗର ରୁ ପାଖାପାଖି ୧୫ ଗୋଟି କମ୍ପାନୀ ଅଂଶଗ୍ରହଣ କରିଥିବା ନେଇ ଏଡିଏମ ସୂଚନା ଦେଇଥିଲେ।

## ଅଧିକାରୀଙ୍କ ଦେଖାନାହିଁ, ଫାଇଦା ନେଉଛନ୍ତି ଠିକାଦାର



**ନୀଳଗିରି,୧୪।୮(ସଂଚାର ବ୍ୟୁରୋ):** ସରକାର ରାସ୍ତାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ଠିକାଦାର ପ୍ରୀତି ଯୋଗୁଁ ବିକାଶରେ ବାଧକ ସାଜିଛି। ଫଳରେ ନିମ୍ନମାନର ରାସ୍ତା ନିର୍ମାଣ କାମ ଯୋଗୁଁ ଯୋଜନାର ସୁଫଳ ଲୋକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଅନ୍ତର୍ଗତ ଭାଲୁକାଶୁଣି - ନରଣପୁର - ମାଟିଆଳି ରାସ୍ତାର ଉନ୍ନତିକରଣ ପାଇଁ ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ଆନୁକୁଲ୍ୟରେ ୧୭କୋଟି ୯୨ଲକ୍ଷ ୨୫ହଜାର ୫୪୭ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୨୩ ମସିହା ଡିସେମ୍ବର ୨୮ତାରିଖ ଦିନ ତତ୍କାଳୀନ ତଥା ବର୍ତ୍ତମାନର ସାଂସଦ ଏବଂ ତତ୍କାଳୀନ ବିଧାୟକଙ୍କ କରକମଳରେ ଶୁଭ ଶିଳାନ୍ୟାସ ଦିଆଯାଇଥିଲା। ପ୍ରହଲ୍ଲାଦ ବାଗ ନାମକ ଜନୈକ ଠିକାଦାର ଉକ୍ତ ରାସ୍ତାର କାର୍ଯ୍ୟାଦେଶ ପାଇ କାର୍ଯ୍ୟାରମ୍ଭ କରିଥିଲେ। ତେବେ ସଂପୃକ୍ତ ରାସ୍ତାର ନିର୍ମାଣକାର୍ଯ୍ୟ ଆଡିଆଖୁଣ୍ଟା ଠାରେ କାମ ଚାଲୁ ରହିଥିବା ବେଳେ ଗତ ୮ ତାରିଖରେ ଘଟଣାସ୍ଥଳରେ କେହି ଅଧିକାରି ନାହାନ୍ତି, ଠିକାଦାର ଲାଭଖୋର ମନୋବୃତ୍ତି ରଖି ଏହାର ଫାଇଦା ଉଠାଉଛନ୍ତି। ଏହାର କିଛି ଦିନ ପୂର୍ବରୁ ଢଳେଇରେ ଫାଟ ଏବଂ ପାଣି ଠିକ ଦିଆଯାଉନଥିବା ଅଭିଯୋଗ କରି ଆଡିଆଖୁଣ୍ଟା ଓ ପାଖ ଗ୍ରାମବାସି ରାସ୍ତା କାମକୁ ବନ୍ଦ କରିଥିବାର ଦେଖିବାକୁ ମିଳିଥିଲା। ସୂଚନା ଥାଉକି ପୂର୍ବରୁ ମଧ ଉକ୍ତ ରାସ୍ତାର ଅଧିକାଂଶ ଜାଗାରେ ପିଚୁ ଉଠି ବଜରି ବାହାରି ପଡ଼ିଥିବାର ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କୁ ପଚାରିବାରୁ କହିଥିଲେ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସନ୍ତୋଷ ପଣ୍ଡା ଅବସର ନେଇ ଯାଇଥିବାରୁ ଆମ ପାଖରେ କନିଷ୍ଠଯନ୍ତ୍ରୀ ଅଭାବ ଅଛନ୍ତି। ଫଳରେ ଢଳେଇ କାର୍ଯ୍ୟ ଚାଲିଥିବା ସମୟରେ ଅଧିକାରି ନଥିବା ବିଷୟକୁ ମାନିବା ସହ ଅନ୍ୟଜଣେ କର୍ମଚାରିକୁ ଜିବାକୁ କହିଥିଲୁ ସେ ଜାଇଛିକି ନାହିଁ ବୁଝିବୁ। ନିମ୍ନମାନର କାମ ହୋଇଥିବା ଅଭିଯୋଗ ବଷୟରେ ଉକ୍ତ ସ୍ଥାନକୁ ଯାଇ କାର୍ଯ୍ୟ ତଦାରଖ କରିବେ ବୋଲି କହିଥିଲେ।

## ବେତନଟୀରେ ତ୍ରିରଙ୍ଗା ଯାତ୍ରା



**ବେତନଟୀ,୧୪।୮(ସଂଚାର ବ୍ୟୁରୋ):** ଭାରତର ୭୯ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ୧୪ ଅଗଷ୍ଟ ଅପରାହ୍ଣରେ ବିଜେପିରେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ଆହ୍ୱାନରେ ବହୁସଂଖ୍ୟକ କର୍ମୀ ଓ ନେତୃବୃନ୍ଦ, ସାଧାରଣ ଜନତା, ସ୍ଥାନୀୟ ସେଚ୍ଛାସେବୀ ସଂଗଠନଙ୍କର କର୍ମକର୍ତ୍ତାଗଣଙ୍କ ମିଳିତ ଶୋଭାଯାତ୍ରାରେ ତ୍ରିରଙ୍ଗା ପତାକା ଓ ସ୍ଲୋଗାନ ସହ ବେତନଟୀ ବଜାର ପରିକ୍ରମା କରାଯାଇଅଛି। ସ୍ଥାନୀୟ ପୋଲିସ ଇନ୍‌ଚାର୍ଯ୍ୟ ସସ୍ମିତା ମହାନ୍ତ ଶାନ୍ତି ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିଲେ। ବର୍ଷା ବାଧକ ସତ୍ତ୍ୱେ, ପ୍ରାୟ ଏକ ଶହଫୁଟର ଲମ୍ବ ତ୍ରିରଙ୍ଗା ପତାକା ଧରି ମହିଳା ଓ ପୁରୁଷଗଣ ଦୁଇଧାଡିରେ ଶୃଙ୍ଖଳିତ ଭାବେ ଦେଶର ଜୟଗାନ ସ୍ଲୋଗାନମାନ ଦେଇଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସହ ଉଭୟ ମଣ୍ଡଳର ସଭାପତି ଗଣ ମଧ୍ୟ ଯୋଗ ଦେଇଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ପ୍ରଦାନ



**ବାଲିପାଟଣା,୧୪।୮(ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପୁରୋହିତ ପୁର ଗ୍ରାମ ପଞ୍ଚାୟତର ଅଚ୍ୟୁତାନନ୍ଦ ଆଦର୍ଶ ଉଚ୍ଚ ବିଦ୍ୟା ନିକେତନର ଦଶମ ଶ୍ରେଣୀର ୧୬ ଜଣ ଛାତ୍ରଛାତ୍ରୀ ମାନଙ୍କୁ ଓଷ୍ଟା ଟେଷ୍ଟ ପେପର ପ୍ରଦାନ କରାଯାଇଛି।ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ବିଧୁ ଭୁଷଣ ପଟ୍ଟନାୟକ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ନିର୍ମାଣ କଲେଜର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଦାଶ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ଯୁବ ସମାଜସେବୀ ଶ୍ରୀ ମହାପାତ୍ର କହିଛନ୍ତି ଆଗାମୀ ଦିନରେ ଚଳିତ ବର୍ଷ ୪୦ ରୁ ୫୦ ଜଣ ଛାତ୍ରଛାତ୍ରୀ ମାନଙ୍କୁ ଟେଷ୍ଟ ପେପର ପ୍ରଦାନ କରାଯିବ।




# ମହିଳାଙ୍କ ପ୍ରତି ବିପଦ ଗର୍ଭନଷ୍ଟ



ନାରୀ ଜୀବନରେ ମାତୃତ୍ୱ ହିଁ ପୂର୍ଣ୍ଣତା ଆଣିଦିଏ। 'ଗର୍ଭଧାରଣ' ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଏହି ସମୟଟି ଉଭୟ ମା' ଓ ଶିଶୁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥାଏ। ହେଲେ ପ୍ରତ୍ୟେକ ମହିଳା ମା' ହେବାର ସୌଭାଗ୍ୟ ଲାଭ କରିପାରନ୍ତିନି। ଏହାର କାରଣ ହେଉଛି ସ୍ୱତଃପ୍ରବୃତ୍ତ ଭାବେ ଗର୍ଭନଷ୍ଟ ହେବା। ଅଚାନକ ଗର୍ଭନଷ୍ଟ ହୋଇଯାଏ। ଗର୍ଭନଷ୍ଟ ତଥା ମିସ୍‌କ୍ୟାରେଜ୍‌କୁ ଆକସ୍ମିକ ଗର୍ଭପାତ କୁହାଯାଏ। ତେବେ କାହିଁକି ଜଣେ ମହିଳାଙ୍କ କ୍ଷେତ୍ରରେ ବାରମ୍ବାର ଗର୍ଭନଷ୍ଟ ହୁଏ, ଗର୍ଭନଷ୍ଟ ପୂର୍ବରୁ ଲକ୍ଷଣ, କିପରି ଏହି ସମସ୍ୟାର ସମାଧାନ ହୋଇପାରିବ ତାହାକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।

ଗର୍ଭନଷ୍ଟ ପଦ୍ଧତିରେ ଗର୍ଭସ୍ଥ ଭ୍ରୂଣ ଗର୍ଭ ମଧ୍ୟରେ ନଷ୍ଟ ହୋଇଯାଏ। ସାଧାରଣତଃ ୩୫ ବର୍ଷ ବୟସ ପରେ ମିସ୍‌କ୍ୟାରେଜ୍ ବା ଗର୍ଭନଷ୍ଟ ହେବାର ଆଶଙ୍କା ଅଧିକ ରହିଥାଏ। ଏହି ବୟସରେ ଓଭାରି ଦୁର୍ବଳ ସହ ବିଭିନ୍ନ ଗମ୍ଭୀର ରୋଗ ଗ୍ରାସ ଆରମ୍ଭ କରିଦେଇଥାଏ। ଜେନେଟିକ୍ ଡିଫେକ୍ଟ ତଥା ସ୍ୱାସ୍ଥ୍ୟଗତ ସମସ୍ୟା, ଗର୍ଭାଶୟରେ କୌଣସି ସମସ୍ୟା ଥିଲେ ଗର୍ଭ ନଷ୍ଟ ହୋଇଯାଇଥାଏ। ତେବେ ଗର୍ଭଧାରଣ ପରେ ମହିଳାଙ୍କ ଋତୁସ୍ରାବ ବନ୍ଦ ହେବାର ୨୮ ସପ୍ତାହ ମଧ୍ୟରେ ମିସ୍‌କ୍ୟାରେଜ୍ ହେବାର ଆଶଙ୍କା ଅଧିକ ଥାଏ। ଏବେ ୭ ସପ୍ତାହରୁ ୧୩ ସପ୍ତାହ ମଧ୍ୟରେ ମଧ୍ୟ ମିସ୍ କ୍ୟାରେଜ ଅଧିକ ହେଉଛି। ଗର୍ଭପାତ ହେବା ପୂର୍ବରୁ ରକ୍ତସ୍ରାବ, ତଳି ପେଟରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦିଏ। ତେବେ ପ୍ରଥମ ତିନିମାସରେ ଶୁକ୍ରାଣୁ ଏବଂ ଡିମ୍ବାଣୁରେ କିଛି ସମସ୍ୟା, ସଂକ୍ରମଣ, ଗର୍ଭସ୍ଥ ଶିଶୁକୁ ରକ୍ତ ସଂଚାରଣ ହୋଇ ନ ପାରିବା କାରଣରୁ ଗର୍ଭନଷ୍ଟ ହୋଇପାରେ । ଦ୍ୱିତୀୟ ତିନିମାସରେ ଜରାୟୁରେ କୌଣସି ସମସ୍ୟା ଥିଲେ, ଜରାୟୁ ଟ୍ୟୁମର୍ ଆଦି କାରଣରୁ ଗର୍ଭନଷ୍ଟ ହୁଏ।

**କେଉଁମାନଙ୍କୁ ଅଧିକ ବିପଦ**

ଗର୍ଭାବସ୍ଥାରେ ମହିଳାଙ୍କ ଶାରୀରିକ ଅସୁସ୍ଥତା, ହର୍ମୋନାଲ ଅସନ୍ତୁଳନ, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି, ରକ୍ତ ଜମାଟର ସମସ୍ୟା, ଥାଇରଏଡ, ଅନିୟନ୍ତ୍ରିତ ମଧୁମେହ, ଉଚ୍ଚରକ୍ତଚାପ ସମସ୍ୟା, ଧୂମ୍ରପାନ, ବଂଶାନୁଗତ, ଭ୍ରୁଣରେ ରକ୍ତ ଏବଂ ପୋଷକତତ୍ତ୍ୱର ଅଭାବ ଆଦି ଥିବା ମହିଳାଙ୍କ ପାଇଁ ଅଧିକ ବିପଦ ହୋଇଥାଏ। ଗର୍ଭବତୀ ହେବାର ତିନି ମାସ ପରେ ଗର୍ଭନଷ୍ଟ ହେବାର ଆଶଙ୍କା ଅଧିକ ଥାଏ। ଦୁର୍ବଳ ଗର୍ଭାଶୟ, ଯୌନାଙ୍ଗ ସଂକ୍ରମଣ, ସେକ୍ସୁଆଲ ଟ୍ରାନ୍ସମିଶନ ରୋଗ, ଗର୍ଭାଶୟ ଆକାର, ପିସିଓଏସ୍ ଆଦି ବିଭିନ୍ନ କାରଣରୁ ଗର୍ଭନଷ୍ଟ ହେଉଥିବା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡ. ହରପ୍ରୀତ କୌର କୁହନ୍ତି।

ବାରମ୍ବାର ଗର୍ଭନଷ୍ଟ କାହିଁକି: ଅଧିକ ବୟସରେ ଗର୍ଭଧାରଣ, ଧାଁ ଧଉଡ଼, ପେଟ ଉପରେ ଚାପପଡ଼ିବା, ଯୌନାଙ୍ଗ ସଂକ୍ରମଣ ଆଦି କାରଣରୁ ବାରମ୍ବାର ଗର୍ଭନଷ୍ଟ ହୋଇଥାଏ।

ଗର୍ଭନଷ୍ଟ ରୋକିବାର ଉପାୟ: ମହିଳାମାନେ ଗର୍ଭାବସ୍ଥା ପୂର୍ବରୁ ଏବଂ ଗର୍ଭାଶୟ ସମୟରେ ଫଲିକ୍ ଏସିଡ ଏବଂ ଅନ୍ୟ ଭିଟାମିନ୍ ନେବାକୁ ପରାମର୍ଶ ଦିଆଯାଇଥାଏ। ରକ୍ତରେ ଶର୍କରା ଓ ଥାଇରଏଡ ପରୀକ୍ଷା କରିବା ଆବଶ୍ୟକ। ବେଳେ ବେଳେ କିଛି ପୁରୁଣା ରୋଗ ଯୋଗୁଁ ମଧ୍ୟ ଗର୍ଭନଷ୍ଟର ଆଶଙ୍କା ବଢ଼ିପାରେ, ଏପରିସ୍ଥିତିରେ ଟିକାକରଣ ଜରୁରି । ଯେଉଁ ମହିଳାମାନଙ୍କର ବାରମ୍ବାର ଗର୍ଭପାତ ହେଉଛି, ତେବେ ସେମାନେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଜରୁରି।

# ଆଣ୍ଟି ପଲ୍ୟୁସନ୍ ଡାଏଟ୍



ବାୟୁ ପ୍ରଦୂଷଣ ଯୋଗୁଁ ଅଧିକାଂଶ ଶ୍ୱସନଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହା ବିଭିନ୍ନ ରୋଗ ସୃଷ୍ଟି କରେ। ତେଣୁ ପ୍ରଦୂଷଣ ମଧ୍ୟରେ ନିଜକୁ ସୁସ୍ଥ ରଖିବାକୁ ଆଣ୍ଟି-ପଲ୍ୟୁସନ୍ ଡାଏଟ୍ ଆପଣାଇ ପାରିବେ। ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ସଂକ୍ରାମକ ରୋଗକୁ ନିୟନ୍ତ୍ରଣ କରେ ହଳଦୀ । ଏଥିରେ ଥିବା ଉପକାରୀ ତତ୍ତ୍ୱ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ସଂକ୍ରମଣରୁ ରକ୍ଷା କରିଥାଏ। ସେହିପରି ଯକୃତରୁ ବିଷାକ୍ତ ପଦାର୍ଥ ବାହାର କରିବାକୁ ପ୍ରତିଦିନ ଚିକିତ୍ସକଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ରସୁଣ ଖାଇପାରିବେ। ଏଥିରେ ଥିବା ସଲ୍ଫର ଶରୀରକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ସେହିପରି ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ଚର୍ମ ଜନିତ ସମସ୍ୟା ତଥା ଆଲର୍ଜି ସୃଷ୍ଟି ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ନିୟମିତ ନିମ୍ବପତ୍ର ଓ ପିତାଜାତୀୟଖାଦ୍ୟ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକର। ଏହାଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଅଳସୀରେ ଓମେଗା -୩ ଫ୍ୟାଟି ଏସିଡ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରହିଥାଏ। ତେଣୁ ନିୟମିତ ସାଲାଡ, ସ୍ମୁଦିରେ ଏହାର ସେବନ ଦ୍ୱାରା ପ୍ରଦୂଷଣରୁ ସୁରକ୍ଷା ମିଳିଥାଏ। ସେହିପରି ପାଳଙ୍ଗରେ କ୍ୟାରୋଟିନ୍, ଲ୍ୟୁଟେନି ଆଦି ଥିବାରୁ ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଡାଏଟରେ ବ୍ରୋକ୍ଲି, ଟମାଟୋ, କମଳା, ଗୁଡ଼, ବ୍ରୋକଲି,ଗ୍ରୀନ୍ଟି, ଡ୍ରାଏଫ୍ରୁଟ୍ସ, ଅଦା, ଅଁଳା ଆଦିକୁ ସାମିଲ କରିପାରିବେ।

# ପ୍ଲାଷ୍ଟିକ୍ କଣିକାରୁ ଇଞ୍ଜେକସନ୍



ବୟସ ୪୦ରୁ ୫୦ ଟପିଲେ ଅନେକ ରୋଗ ମାଡିବସେ। ଲୋକଙ୍କ ହାଡ଼ ଦୁର୍ବଳ ହୋଇଯାଏ। ଅଧିକ ଚିନ୍ତା ସୃଷ୍ଟି କରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା। ଅଧିକ କାମ ଚାପ ହେଉ କି କାର୍ଯ୍ୟକ୍ଷମ ଯୋଗୁଁ ନିର୍ଦ୍ଦିଷ୍ଟ ବୟସ ହେଲେ ଉଭୟ ମହିଳା ଓ ପୁରୁଷଙ୍କ ଆଣ୍ଠୁରୁ କାର୍ଟିଲେଜ୍ ଘୋରି ହୋଇଯାଏ। ଚଲାବୁଲାରେ ଯନ୍ତ୍ରଣା ହୁଏ। ଏହା ଏକ ବୟସ୍କାଧିକ ରୋଗ। ଯାହା ଦୁଇପ୍ରକାରରେ ଦେଖାଯାଇଥାଏ। ରୋଗର ସ୍ଥିତି ଜଟିଳ ହେଲେ, ଲୋକଙ୍କୁ ଆଣ୍ଠୁଗଣ୍ଠି ପ୍ରତିରୋପଣ କରିବାକୁ ହୋଇଥାଏ। ହେଲେ ଆଧୁନିକ ଚିକିତ୍ସା ପଦ୍ଧତିରେ ଆଣ୍ଠୁ ଯନ୍ତ୍ରଣା ରୋକିବାକୁ ବିଭିନ୍ନ ପ୍ରକାର ଇଣ୍ଟ୍ରାଆର୍ଟିକୁଲାର-ଇଞ୍ଜେକସନ୍ ଉପଲବ୍ଧ ମିଳୁଛି। ଆଣ୍ଠୁରେ ଏହି ଇଞ୍ଜେକସନ୍ ଦେବା ଦ୍ୱାରା ଯନ୍ତ୍ରଣା କମିଯାଏ। ଭବିଷ୍ୟତରେ ଏହା ବେଶି ସମସ୍ୟା ସୃଷ୍ଟି କରିନଥାଏ। ପ୍ରତିରୋପଣର ଆବଶ୍ୟକ ହୁଏନି। ଏହି ଇଞ୍ଜେକସନ୍‌ରେ ଶରୀର ପାଇଁ ହିତକର ରସାୟନ ଥାଏ। ଏହିକ୍ରମେ ଏବେ ପ୍ଲାଷ୍ଟିକ୍ କଣିକାରୁ ତିଆରି ଗ୍ରାନ୍ୟୁଲ୍ସ ଇଞ୍ଜେକସନ୍ ଦ୍ୱାରା ଅଷ୍ଟିଓ ଆର୍ଥରାଇଟିସ୍ ରୋଗୀଙ୍କ ଯନ୍ତ୍ରଣା କମ୍ ହୋଇପାରିବ। ଏନେଇ ନିକଟରେ ବ୍ରିଟେନ୍ ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍) ବିଶେଷଜ୍ଞ ମତ ରଖିଛନ୍ତି । ୨୦୦ ଜଣ ରୋଗୀଙ୍କୁ ନେଇ ଏଥିପାଇଁ ଏକ ଅଧ୍ୟୟନ କରାଯାଇଥିଲା। ଏହି ଇଞ୍ଜେକସନ୍ ଦ୍ୱାରା ରୋଗୀଙ୍କ ଆଣ୍ଠୁଗଣ୍ଠି ଯନ୍ତ୍ରଣା କମ୍ ହୋଇଥିଲା। ସେମାନେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିଥିଲେ। ପ୍ଲାଷ୍ଟିକ୍‌ର ଗ୍ରେନ୍ୟୁଲ୍ସ ବାୟୋଡିଗ୍ରେଡେବଲ। ସ୍ୱାସ୍ଥ୍ୟଚିକିତ୍ସାରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ୍‌ର ଛୋଟ କଣିକା ଶରୀରରେ ପ୍ରବେଶ କରି ଆଣ୍ଠୁ ଫୁଲାଉଥିବା ରସାୟନ ଉତ୍ପାଦକୁ କମ୍ କରିଥାଏ। ତେଣୁ ଯେଉଁମାନେ ବିଭିନ୍ନ ଚିକିତ୍ସା ଯଥା- ପେନ୍‌କିଲର୍ସ ଏବଂ ଫିଜିଓଥେରାପି ନେବା ପରେ ଦୀର୍ଘ ସମୟ ଧରି ଆଣ୍ଠୁଗଣ୍ଠି ଯନ୍ତ୍ରଣା ଭୋଗୁଛନ୍ତି ତଥା ଆଣ୍ଠୁ ପ୍ରତିରୋପଣ କରିବା କଣ୍ଡିସନ୍‌ରେ ନଥାଏ, ସେମାନଙ୍କ ପାଇଁ ପ୍ଲାଷ୍ଟିକ୍ ଇଞ୍ଜେକସନ୍ ବରଦାନ ସାଜିବ ବୋଲି ବିଶେଷଜ୍ଞ ମାନେ ଚେତାବନୀ ଦେଇଛନ୍ତି। ଯଦିଓ ଏହା ଉପରେ ଆହୁରି ଗବେଷଣା ଚାଲିଛି ଭବିଷ୍ୟତରେ ଆଣ୍ଠୁଗଣ୍ଠି ରୋଗୀଙ୍କ ଚିକିତ୍ସାର ବିକଳ୍ପ ସାଜିପାରିବ।

# କର୍କଟର ନୂଆ ଚିକିତ୍ସା ପଦ୍ଧତି ଫ୍ଲାସ୍ ରେଡିଓଥେରାପି



କର୍କଟ ଏକ ଗମ୍ଭୀର ରୋଗ। ଖାଦ୍ୟପଦାର୍ଥରେ ରାସାୟନିକ ଦ୍ରବ୍ୟର ମିଶ୍ରଣ, ମଦ୍ୟପାନ, ତମାଖୁ ସେବନ, ଭୂତାଣୁ ଜନିତ ସଂକ୍ରମଣ, ଚିନ୍ତା, ଅବସାଦ, ବଂଶାନୁଗତ ଆଦି ବିଭିନ୍ନ କାରଣରୁ କର୍କଟ ରୋଗ ସୃଷ୍ଟି ହୋଇଥାଏ। ଆକ୍ରାନ୍ତଙ୍କଠାରେ ଦୀର୍ଘ ଦିନ ଧରି କାଶ, ଜ୍ୱର ଲାଗି ରହିବା, ପରିସ୍ରାରେ ରକ୍ତ ଆସିବା, ଥକ୍କାପଣ, ଭୋକ ନ ଲାଗିବା, ରାତିରେ ଝାଳ ଆସିବା, ପେଟ ଖରାପ କିମ୍ବା ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ପ୍ରତିବର୍ଷ ଏହି ରୋଗରେ ଲକ୍ଷ ଲକ୍ଷ ମୃତ୍ୟୁବରଣ କରନ୍ତି। ତେଣୁ କର୍କଟର ପ୍ରାଥମିକ ଚିହ୍ନଟ, କର୍କଟମୁକ୍ତ ସମାଜ ଗଠନ ଏହି ରୋଗ ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା କରିବାକୁ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ "ବିଶ୍ୱ କର୍କଟ ଦିବସ' ଭାବେ ପାଳନ କରାଯାଏ। ଏହାକୁ ଦୃଷ୍ଟି ଦେଲେ, ଏବେ କର୍କଟ ରୋଗୀଙ୍କ ପାଇଁ ବରଦାନ ସଦୃଶ ହେବ ଫ୍ଲାଶ୍ ରେଡିଓଥେରାପି। କର୍କଟ ରୋଗର ପର୍ଯ୍ୟାୟ ଅନୁସାରେ ଡାକ୍ତର ରୋଗୀଙ୍କୁ ଅସ୍ତ୍ରୋପଚାର, କେମୋଥେରାପି ତଥା ରେଡିଓଥେରାପି ଚିକିତ୍ସା ଯୋଗାଇ ଦିଅନ୍ତି। ଏହାଦ୍ୱାରା ଯନ୍ତ୍ରଣା କମ୍ ହୁଏ ଓ ଆକାର କମିଯାଏ। ଏକ୍ଷେତ୍ରରେ ଅନେକ ନୂତନ ଚିକିତ୍ସା ପଦ୍ଧତିଆସିଥିଲେ ମଧ୍ୟ ଫ୍ଲେସ୍ ରେଡିଓଥେରାପି ଅଧିକ ପ୍ରଭାବୀ ହୋଇପାରେ। ଏହାକୁ ଫ୍ଲାଶ୍ ଆର୍ଟି ମଧ୍ୟ କୁହାଯାଏ। ପାରମ୍ପରିକ ରେଡିଓଥେରାପି ତୁଳନାରେ ଏହା ୪୦୦ ଗୁଣ ଅଧିକ ତୀବ୍ର। ଏହି ଚିକିତ୍ସା ପଦ୍ଧତି ଉନ୍ନତ କୌଶଳ ଏବଂ ଗବେଷଣା ଉପରେ ଆଧାରିତ। ଏଥିରେ ମଲେକୁଲାର ଟ୍ରିଟମେଣ୍ଟ ଏବଂ ଆଡଭାନ୍ସ ଡାୟଗୋନିଷ୍ଟିକ୍ ଟୁଲ୍ସ ବ୍ୟବହାର କରାଯାଇଛି। ଏହା କର୍କଟ କୋଶିକାକୁ ତୁରନ୍ତ ଚିହ୍ନଟ କରି ଏହାକୁ ନଷ୍ଟ କରିବାକୁ ପ୍ରଭାବୀ ହୋଇଥାଏ। ଲ୍ୟୁକେମିୟା କର୍କଟ, ପ୍ରୋଷ୍ଟେଟ କର୍କଟ ଆଦି ପାଇଁ ଏହା ସବୁଠୁ ଭଲ। ଏହି ଥେରାପି ଦ୍ୱାରା ରୋଗୀଙ୍କୁ ହସ୍ପିଟାଲରେ ଦୀର୍ଘ ସମୟ ରହିବାକୁ ପଡ଼େନାହିଁ। ୟୁଏସ୍ ୟୁନିଭର୍ସିଟି ଅଫ୍ ସିନସିନାଟି କର୍କଟ ସେଣ୍ଟରରେ ଏହା ଉପରେ ପୂର୍ବରୁ ଅଧ୍ୟୟନ କରାଯାଇଥିଲା। ପ୍ରଫେସର ଏମିଲଇ ସି, ଡେଘର୍ଟିଙ୍କ କହିବାନୁଯାୟୀ, ଏହି ଥେରାପିରେ ରୋଗୀର ସ୍ଥିତି, ରୋଗର ପ୍ରକାରକୁ ଦେଖି ଡାକ୍ତର ରେଡିଓ ଥେରାପି ସହ ହାଇ ଡୋଜ୍ ଦିଅନ୍ତି। ଟ୍ୟୁମର ଯୋଗୁଁ ହେବାକୁ ଥିବା କ୍ଷତିକୁ ଏହି ରେଡିଓ ଥେରାପି କମ୍ କରିଥାଏ। ଏଥିରେ କମ୍ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ତେବେ ଏହା ଉପରେ ଅଧିକ ଗବେଷଣା ଚାଲିଥିବାବେଳେ ଖୁବ୍‌ଶୀଘ୍ର ଭାରତରେ ଏହି ପଦ୍ଧତି ଚିକିତ୍ସା କ୍ଷେତ୍ରରେ ଉପଯୋଗୀ ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି।

# ଅଧିକ ମଲ୍ଟି ଭିଟାମିନ୍ ନେଉଥିଲେ..

ଫିଟ୍ନେସକୁ ନେଇ ଏବେ ସମସ୍ତେ ସଚେତନ। ଫିଟ୍ ରହିବାକୁ ଅଧିକାଂଶ ମଲ୍ଟି ଭିଟାମିନ୍ ଉପରେ ନିର୍ଭରଶୀଳ ରହୁଛନ୍ତି। କିନ୍ତୁ ଚିକିତ୍ସକଙ୍କ ପରାମର୍ଶ ବିନା ମାତ୍ରାଧିକ ମଲ୍ଟି ଭିଟାମିନ୍ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି। ମଲ୍ଟି ଭିଟାମିନ୍ରେ ସପ୍ଲିମେଣ୍ଟ , ଭିଟାମିନ୍ ଏବଂ ମିନେରାଲ, ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ମିଶ୍ରଣ ମିଳିଥାଏ। ମଲ୍ଟିଭିଟାମିନର ଔଷଧ, କ୍ୟାପସୁଲ ତଥା ପାଉଡର ମିଳୁଛି। ତେଣୁ ଶରୀରରେ ପୋଷାକତତ୍ତ୍ୱର ଅଭାବ ହେଲେ, ଡାକ୍ତର ଏହି ମଲ୍ଟି ଭିଟାମିନ୍ ଖାଇବାକୁ ପରାମର୍ଶ ଦିଅନ୍ତି। କିନ୍ତୁ ଏବେ ମଲ୍ଟିଭିଟାମିନ୍ ଖାଇବା ଟ୍ରେଣ୍ଡ ଏତେ ବଢ଼ିଯାଇଛଇ ଯେ, ଡାକ୍ତରଙ୍କ ପରାମର୍ଶ ନ ନେଇ ପ୍ରାୟତଃ ଏହାକୁ ଖାଉଛନ୍ତି। ଏହାଦ୍ୱାରା ପେଟଯନ୍ତ୍ରଣା, ଗ୍ୟାସ୍ ଆଦି ସମସ୍ୟା ହୋଇଥାଏ। ଅଧିକାଂଶଙ୍କ କ୍ଷେତ୍ରରେ ବାନ୍ତି, ମୁଣ୍ଡବିନ୍ଧା ତଥା ତରଳଝାଡ଼ା ହେବା ଦେଖିବାକୁ ମିଳିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାଲ୍ସିୟମ୍ ଏବଂ ଭିଟାମିନ୍ ଡି ଅଧିକ ସେବନ ଦ୍ୱାରା ବୃକ୍କରେ ପଥର ସମସ୍ୟା ହୋଇଥାଏ। ଅଧିକ ଭିଟାମିନ୍ ଏ ଏବଂ ଡି' ସେବନ ଦ୍ୱାରା କର୍କଟ ଏବଂ ହୃଦ୍‌ରୋଗର କାରଣ ହୋଇଥାଏ। ଅଧିକ ଭିଟାମିନ୍ ଏ ଏବଂ ଇର ଦ୍ୱାରା ହୃଦ ସମସ୍ୟା ହେଉଥିବାବେଳେ ଭିଟାମିନ୍ ବି-୬ ଖାଇବା ଦ୍ୱାରା ସ୍ନାୟୁ ତନ୍ତ୍ର ପ୍ରଭାବିତ ହୋଇଥାଏ। ତେଣୁ ଏହି ସବୁ ଔଷଧ ସେବନ ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଜରୁରି। ଅନ୍ୟପଟେ ଅଧିକମଲ୍ଟି ଭିଟାମିନ୍ ବ୍ୟବହାରରୁ ଏଲାର୍ଜି ହେବା, ଶରୀରରେ କ୍ୟାଲୋରୀ ବୃଦ୍ଧି ପାଇ ଓଜନ ବଢ଼ିଥାଏ। ତେଣୁ ସବୁବେଳେ ମଲ୍ଟିଭିଟାମିନ୍ ସେବନ ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି।



# ବିପଜ୍ଜନକ ବାରମ୍ବାର ପରିସ୍ରା ଚାପିବା ବୃକ୍କ ଷ୍ଟୋନ ଆଶଙ୍କା ବଢ଼ାଏ

ଅନେକ ସମୟରେ ଘରୁ ବାହାରକୁ ଗଲେ ପୁରୁଷ ହୁଅନ୍ତୁ କି ମହିଳା ବିଭିନ୍ନ କାରଣରୁ ଅଧିକ ସମୟ ଧରି ପରିସ୍ରାକୁ ଚାପି ରଖି ଥାଆନ୍ତି। ଏହା ଏକ ଗମ୍ଭୀର ସମସ୍ୟା। ଏହା ଦ୍ୱାରା ପରିସ୍ରା ନଳୀ ଓ ଥଳୀ ( ବ୍ଲାଡର) ସଂକ୍ରମଣର ଆଶଙ୍କା ରହିଛି। ଥଳୀ ବା ନଳୀରେ ଅଧିକ ସମୟ ଧରି ଅତିମାତ୍ରାରେ ପରିସ୍ରା ରହିବା ଦ୍‌ବାରା ଏହା ଉପର ଅଂଶ ବା ବୃକ୍କ ଉପରେ ଚାପ ପକାଇଥାଏ। ଫଳରେ ବୃକ୍କରେ ପଥୁରି ବା ଷ୍ଟୋନ୍ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି। ଅନେକ ସମୟରେ ପରିସ୍ରା ନଳୀ ସଂକ୍ରମିତ ହୋଇ ପରିସ୍ରାରେ ରକ୍ତ ମଧ୍ୟ ପଡ଼ିଥାଏ। ତେଣୁ ପରିସ୍ରା ଚାପି ରଖିବା ଅଭ୍ୟାସକୁ ଦୂର କରିବା ଉଚିତ୍। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଜଣେ ସୁସ୍ଥ ଲୋକ ପ୍ରତି ୩ ରୁ ୪ ଘଣ୍ଟା ମଧ୍ୟରେ ପରିସ୍ରା କରିବା ଜରୁରି। ହେଲେ କୌଣସି କାରଣବଶତଃ ଅଧିକ ସମୟ ଧରି ପରିସ୍ରାକୁ ଚାପି ରଖିଲେ ମୂତ୍ରଥଳିର ଆକାର କ୍ରମଶଃ ବଡ଼ ହୋଇଯାଏ। ସାଧାରଣତଃ ୩୦୦ ରୁ ୪୦୦ ମିଳି ପରିସ୍ରା ଜମାଟ ହେଲେ ପରିସ୍ରା ଲାଗେ। କିନ୍ତୁ ବାରମ୍ବାର ପରିସ୍ରାକୁ ଅଧିକ ସମୟ ଚାପି ରଖିବା ଦ୍‌ବାରା ମୂତ୍ରାଶୟର ସମ୍ବେଦନଶୀଳତା କମିଯାଏ। ଏହା ମୂତ୍ରନଳୀ ଓ ବୃକ୍କ ଉପରେ ଚାପ ପକାଇଥାଏ। କେବଳ ସେତିକି ନୁହେଁ; ବାରମ୍ବାର ପରିସ୍ରା ଚାପି ରଖିଲେ ୫୦୦ ମିଲି ପରିସ୍ରା ଜମାଟ ହେଲେ ବି ପରିସ୍ରା ଲାଗେ ନାହିଁ। ପରିସ୍ରା କରିବାକୁ ଇଚ୍ଛା ମଧ୍ୟ ହୁଏ ନାହିଁ। ଏହାଦ୍ୱାରା ବୃକ୍କଷ୍ଟୋନ ସହ ୟୁଟିଆଇ ହେବାର ଅଧିକ ଆଶଙ୍କା ଥାଏ।



# ଅବ୍ୟବସ୍ଥାଘେରରେ ସିପାଞ୍ଜିରୀ ପ୍ରାଥମିକ ବିଦ୍ୟାଳୟ, ପ୍ରଶାସନ ଦୃଷ୍ଟି ଦେବାକୁ ଦାବି




**ଫିରିଙ୍ଗିଆ,୧୪।୮(ସଂଚାର ବ୍ୟୋରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତ ଅନ୍ତର୍ଗତ ସିପାଞ୍ଜିରୀ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥାରେ ପଡ଼ିରହିଥିବାରୁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କଲେ ଗ୍ରାମବାସୀ। ସୂଚନା ପ୍ରକାରେ ସିପାଞ୍ଜିରୀ ପ୍ରାଥମିକ ବିଦ୍ୟାଳୟ ୧୯୬୫ ମସିହାରୁ ସ୍ଥାପନ ହୋଇ ଆଜି ପର୍ଯ୍ୟନ୍ତ ଚାଲିଥିଲେ ମଧ୍ୟ ଆବଶ୍ୟକୀୟ ଅନୁସାରେ କୌଣସି ଭିତ୍ତିଭୂମି ନଥିବାରୁ ଛାତ୍ରଛାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଦ୍ୟାଳୟରେ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଠାଯାଉ ଥିବାରୁ ସମୁଦାୟ ୨୧ ଜଣ ଛାତ୍ରଛାତ୍ରୀ ଦୁଇ ବଖରା ବିଦ୍ୟାଳୟରେ ବହୁତ ଅସୁବିଧା ହେଉଛି। ରୋଷେଇ ଗୃହ ଦୀର୍ଘ ପାଞ୍ଚ ମାସ ହେଲା ପବନ ଓ ବର୍ଷାରେ ଚୁରମାର ହୋଇ ଯାଇ ଥିବା ବେଳେ କୌଣସି ମରାମତି କାର୍ଯ୍ୟ କରାଯାଉ ନ ଥିବାରୁ ଗୋଟିଏ ପୁରୁଣା ଘରେ ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଛି। ଏହି ପରିକି ଏଠାରେ ଭଲ ଶୋଚାଳୟଟିଏ ମଧ୍ୟ ନାହିଁ। ପକାରୀ ପଞ୍ଚାୟତ ପ୍ରତ୍ୟେକ ଗ୍ରାମ ଜଙ୍ଗଲ ଓ ଉପାନ୍ତ ଅଞ୍ଚଳ ହୋଇ ଥିବା ବେଳେ ବନ୍ୟଜନ୍ତୁ ଭୟ ରହୁଚି ତଥାପି ଏଠାରେ ପାଚେରୀ ନିର୍ମାଣ କରା ନ ଯାଇ ବିଦ୍ୟାଳୟ ଚତୃପାର୍ଶ୍ୱ ମୁକୁଳା ଭାବେ ପଡ଼ିରହିଛି। ଏହି ବିଷୟରେ ପଞ୍ଚାୟତ ଅଫିସରେ ଅବଗତ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇ ପାରିନାହିଁ। ଏଣୁ ଏଥିପ୍ରତି ଉଚ୍ଚ କତୃପକ୍ଷ ଦୃଷ୍ଟି ଦେଇ ଯଥାଶୀଘ୍ର ଆବଶ୍ୟକୀୟ ଅସୁବିଧାକୁ ସମାଧାନ କରିବାକୁ ବୁଦ୍ଧିଜୀବି ମହଲରୁ ଦାବି କରିଛନ୍ତି।

# ବିକାଶ ଖୋଜୁଛି ଟୁଟୁ ଗୁମ୍ମା ଗାଁ

## ଏବେବି ମୌଳିକ ସୁବିଧା ସାତସପନ

**ଲାଞ୍ଜିଗଡ଼,୧୪।୮(ସଂଚାର ବ୍ୟୋରୋ):** ସରକାର ଆଦିବାସୀଙ୍କ ପାଇଁ ନାନାଦି ଯୋଜନା କରି ଆଦିବାସୀଙ୍କ ଜୀବନଧାରାରେ ବଡ଼ ପରିବର୍ତ୍ତନ ଆଣିଥିବା କଥା କୁହାଯାଉଛି।କିନ୍ତୁ ଆଦିବାସୀଙ୍କ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ।ଏବେ ବି ଅନେକ ଆଦିବାସୀ ବହୁଳ ଗାଁ ରହିଛି ସରକାରଙ୍କ ମାଳମାଳ ଯୋଜନା ସ୍ୱତେ ଯୋଜନାରୁ ବଞ୍ଚିତ ରହିଛନ୍ତି।ଏହି ଭଳି ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତର ଟୁଟୁଗୁମ୍ମା ଗାଁ।ଏହି ଟୁଟୁଗୁମ୍ମା ଗାଁ ଲାଞ୍ଜିଗଡ଼ ବ୍ଲକ ମହକୁମାରୁ ୪୦ କି.ମି ଦୂର ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୧୫ କି.ମି ଦୂରରେ ଅବସ୍ଥିତ।ଏହି ଗାଁରେ ଦୀର୍ଘ ବର୍ଷ ହେଲା ୧୬ ଆଦିବାସୀ ପରିବାର ବସବାସ କରୁଛନ୍ତି ହେଲେ ଏମାନେ ଗମନା ଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଓ ପାନୀୟ ଜଳ ଭଳି ଅନେକ ସମସ୍ୟା ଭୋଗି ଆସୁଛନ୍ତି।କିନ୍ତୁ ପ୍ରଶାସନ ବା ରାଜନେତାଙ୍କ ଉକ୍ତ ଗାଁ ଉପରେ ନଜର ପଡୁନି ଫଳରେ ଅବହେଳିତ ନିଷ୍ପେସିତ ଭାବରେ ଜୀବନ ବିତାଉଛନ୍ତି



ଏହି ଗାଁ ଲୋକେ।ଏହି ଗାଁ କୁ ଯିବାକୁ ହେଲେ ଭବାନୀପାଟଣା ରୁ ମୁଷାନାଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସୁଲିଆ ଗାଁରୁ ବାଁକୁ ଗଲେ ୮ କି.ମି ଦୂରରେ ଘଞ୍ଚ ପାହାଡ଼ ଜଙ୍ଗଲ ଘେରା ମଧ୍ୟରେ ରହିଛି ଏହି ଗାଁ।ଭଲ ରାସ୍ତା ନ'ଥିବାରୁ ପାଦ ଚଲା ରାସ୍ତା ଯୋଗୁଁ ଗ୍ରାମବାସୀ ନାନାଦି ଅସୁବିଧା ଭୋଗୁ ଥିବା ବେଳେ ବର୍ତ୍ତମାନ ବିକଶିତ ଓଡିଶା ଯୋଜନାରେ ଘାଟ କଟିଙ୍ଗ ପାଇଁ ୪ଲକ୍ଷ ଅଟକଳ ମୂଲ୍ୟରେ ରାସ୍ତା ନିର୍ମାଣ ଚାଲିଛି ହେଲେ ବର୍ଷା ଯୋଗୁଁ ରାସ୍ତା ଧୋଇ ନେବାର ଆଶଙ୍କା ରହିଛି। ଖରା ଦିନେ କଷ୍ଟେ ମଷ୍ଟେ ମଟର ସାଇକେଲ ଯାଉଛି ହେଲେ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନ'ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ୮ କି.ମି ସୁଲିଆ ଗାଁ ପର୍ଯ୍ୟନ୍ତ ବୋହିକି ସେଠାରୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପଡ଼ିଥାଏ। ପାହାଡ଼ି ରାସ୍ତା ଓ ବନ୍ୟ ପ୍ରାଣୀଙ୍କ ଭୟ ପାଇଁ କିଛିପିଲା କୋଟଡ଼ଘାଟି ଗାଁ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ ମଧ୍ୟ ପାଠ ପଢ଼ି ଆସୁନାହାନ୍ତି।ଗାଁ ଠାରୁ ୭ କିମି ଦୂରରେ ସୁଲିଆ ଗାଁରେ ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ଶିଶୁ ଯାଇ ପାରୁନାହାନ୍ତି।ଶିଶୁଙ୍କ ଖାଦ୍ୟ ସାମଗ୍ରୀ ଆଣିବା ପାଇଁ ପରିବାର ଲୋକେ ଯାଇଥାନ୍ତି। ଅନ୍ୟପକ୍ଷେ ବିଜୁଳି ଆଲୁଅ ଏହି ଗାଁ ପାଇଁ ସାତସପନ ହୋଇଛି। କିଛି ବର୍ଷ ପୂର୍ବେ ଗାଁ ଲୋକଙ୍କୁ ସୌଭାଗ୍ୟ ଯୋଜନାରେ ସୋଲାର ଲାଇଟ ଯୋଗାଇ ଦିଆ ଯାଇଥିଲା କିନ୍ତୁ କିଛିଦିନ ଜଳିବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବର୍ଷ ବର୍ଷ ଧରି ଅଚଳ ହୋଇ ରହିଛି।ଗାଁରେ ବିଜୁଳି ସଂଯୋଗୀକରଣ ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ବିଦ୍ୟୁତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ବେଳେ ଲୋକଙ୍କୁ ବିଶୁଦ୍ଧ ପାଣି ବୁନ୍ଦାଏ ମଧ୍ୟ ମିଳିପାରୁନାହିଁ।ଯାହାଫଳରେ ବାରୁଲ ନଦୀର ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରି ଅନେକ ଲୋକ ରୋଗରେ ଆକ୍ରାନ୍ତ ହେଉଛୁ ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ସରକାର ପକ୍ଷରୁ ଲୋକଙ୍କୁ ରୋଜଗାର ସୁଯୋଗ ଦେବା ପାଇଁ ମନରେଗା ଯୋଜନା ନିର୍ମାଣ କରିଛନ୍ତି କିନ୍ତୁ ଏମାନେ ଗତ ବର୍ଷ ମନରେଗା କାମ କରିଥିଲେ ହେଲେ ଅନେକ ଲୋକଙ୍କୁ ପାରିଶ୍ରମିକ ପାଉଣା ମିଳୁନ'ଥିବା ଯୋଗୁଁ ନିକଟରେ ଥିବା ଜଙ୍ଗଲରେ ପୋଡୁ ଚାଷ ମାଣ୍ଡିଆ, ବିରି, କୋଳଥ, କାନ୍ଦୁଲ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଅନେକ ଯୁବକ କେରଳ ରାଜ୍ୟକୁ ଦାଦନ ଯାଇଥିବା ସୂଚନା ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଛି ଲୋକଙ୍କୁ ଘର ମିଳିଥିବା ବେଳେ ରାସ୍ତା ନଥିବା ଯୋଗୁଁ ଗାଁରୁ କିଛି ଦୂରରେ ୪ଟି ଘର ନିର୍ମାଣ କରୁଛନ୍ତି।ଗାଁର କୌଣସି ଆଦିବାସୀଙ୍କୁ ସରକାରଙ୍କ ତରଫରୁ ଜଙ୍ଗଲ ଜମି ପଟ୍ଟା ମଧ୍ୟ ମିଳିନାହିଁ।ଗାଁରେ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଥିବା ବେଳେ ଗାଁରେ ଗୋଟିଏ ହେଲେ ପାଇଖାନା ନାହିଁ।ତେବେ ଏହି ଗାଁ ପ୍ରତି ଜିଲ୍ଲା ଓ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଫଗୁନୁ ମାଝୀ, ମଦନୁ ମାଝୀ, ଧମକା ମାଝୀ, ଚନ୍ଦ୍ର ମାଝୀ, ଗଦନ ମାଝୀ, ରାଣୁ ମାଝୀ, ସନ୍ତୋଷ ମାଝୀ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି।

# ମଲ୍ଲିକାପୁରରେ ତ୍ରିରଙ୍ଗା ଶୋଭାଯାତ୍ରା



**ଦଶରଥପୁର,୧୪।୮(ସଂଚାର ବ୍ୟୁରୋ):** ଦେଶ ଆସନ୍ତା କାଲି ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ପ୍ରତେକ ସ୍ଥାନରେ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ନେତା ତଥା ଯାଜପୁର ଜିଲ୍ଲା ବିଜେପି ପ୍ରାକ୍ତନ ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଆଜିର ଏହି ଶୋଭାଯାତ୍ରାଟି ଦଶରଥପୁର ବ୍ଲକ ମଲ୍ଲୀକାପୁର ପଞ୍ଚାୟତ ଅଫିସ ନିକଟରୁ ବାହାରି କସ୍ବା ପଞ୍ଚାୟତସ୍ଥ ଅହିୟାସ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଦଶରଥପୁର ବ୍ଲକର ସ୍ୱାଧୀନତା ସଂଗ୍ରାମୀ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲେ। ଆଜିର ଏହି ଶୋଭାଯାତ୍ରାରେ ୫୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିବାବେଳେ ଅଧିକ ସଂଖ୍ୟକ ମହିଳା ମାନେ ବହୁତ ସଂଖ୍ୟାରେ ସାମିଲ ହୋଇଥିବା ଦେଖିବା ପାଇଁ ମିଳିଥିଲା। ସେହିପରି ଆଜିର ଏହି ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ସେନା କର୍ମଚାରୀ ମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଶରଥପୁର ବ୍ଲକର ବରିଷ୍ଠ ବିଜେପି ନେତା ସୁବାଷ ମହାନ୍ତି, ଦଶରଥପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ୬ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ଦଶରଥପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ଯୁବ ପ୍ରମୋଦ କୁମାର ପଣ୍ଡା, ଚିତ୍ତରଞ୍ଜନ ସାମଲ, ବାମଦେବ ରଥ, ସୁରଜ ଲାଲ ସାମଲ ପ୍ରମୁଖଙ୍କ ନେତୃତ୍ୱ ନେଇଥିଲେ।

### ୧୦ ଦଫା ଦାବି ନେଇ ରାଜସ୍ୱ ଅମଲାନଙ୍କ ଆନ୍ଦୋଳନ

# ଦାବି ପୂରଣ ନ ହେଲା ଯାଏ ପାଇଁ ଜାରିରହିବ କାର୍ଯବନ୍ଦ

**କଳାହାଣ୍ଡି,୧୪।୮(ସଂଚାର ବ୍ୟୁରୋ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ୧୦ ଦଫା ଦାବି ନେଇ ଗତ ୧୧ ତାରିଖଠାରୁ କଳାହାଣ୍ଡି ଜିଲା ଶାଖାର କର୍ମକର୍ତ୍ତାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି ଓ ଏହି ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ଯୋଗୁଁ ଜିଲାର ସମସ୍ତ ବ୍ଲକ, ତହସିଲ ସମେତ ଅନ୍ୟାନ୍ୟ ଅଫିସରେ ସମସ୍ତ ପ୍ରକାର କାର୍ଯ୍ୟ ଏକପ୍ରକାର ଠପ ହୋଇଯାଇଛି। ଏହାରି ଭିତରେ ସରକାରଙ୍କ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଙ୍ଗଳବାର ଏକ ପତ୍ର ମାଧ୍ୟମରେ ରାଜସ୍ୱ ଅମଲାମାନଙ୍କ ଛୁଟି ବାତିଲ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ରାଜ୍ୟର ୩୦ଟି ଜିଲାର ନେତୃମଣ୍ଡଳୀଙ୍କୁ ନେଇ ସଂଘ ପକ୍ଷରୁ ଏକ ଆଭାସି ବୈଠକ ହୋଇଥିଲା। ବୈଠକରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଘୋର ନିନ୍ଦା କରାଯିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ



ସୂଚନା ଦେଇଛନ୍ତି। ଏହା ପରେ ସମସ୍ତ ଜିଲାର ଅମଲାଙ୍କଠାରୁ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ମତାମତ ଲୋଡ଼ା ଯାଇଥିଲା। ସମସ୍ତ ଜିଲାର ଅମଲାମାନେ ସରକାର ଯେକୌଣସି ପଦକ୍ଷେପ ନେଲେ ମଧ୍ୟ ଯେ ପର୍ଯ୍ୟନ୍ତ ଲେବଲ-୯ ଓ ପଦବୀ ପୁନର୍ଗଠନ ନ ହୋଇଛି ସେପର୍ଯ୍ୟନ୍ତ କେହି କାର୍ଯ୍ୟରେ ଯୋଗ ନ ଦେବା ପାଇଁ ସହମତି ପ୍ରକାଶ କରିଥିଲେ ବୋଲି କୁହାଯାଇଛି। କଳାହାଣ୍ଡି ଜିଲା ମଧ୍ୟ ଏଥିରେ ସହମତି ପ୍ରକାଶ କରି ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନେଇଛି। ଭବାନୀପାଟଣାସ୍ଥିତ ଅମଲା ଭବନରେ ଆନ୍ଦୋଳନ ଜାରି ରହିଛି। ଦାବି ପୂରଣ ନ ହେଲା ଯାଏ ଏହି ଆନ୍ଦୋଳନ ଚାଲିବ ବୋଲି ଜିଲା ଉପସଭାପତି ନୀଳକଣ୍ଠ ଗୌଡ଼, ସାଧାରଣ ସମ୍ପାଦକ ଆଶୁତୋଷ ମିଶ୍ର, କୋଷାଧ୍ୟକ୍ଷ ଅଜିତ କୁମାର ପ୍ରକାଶ କରିଛନ୍ତି।

# ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ହାଉସ ଡ୍ରେସ ବଣ୍ଟନ

**ଦଶରଥପୁର,୧୪।୮ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ଆଜି ହାଉସ ଡ୍ରେସ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୋଷାକ ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ସିଆରସିସି ପ୍ରିୟରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, କମିଟିର ସଭ୍ୟ ବିଶ୍ୱଜିତ ଦାସ, ପ୍ରଭାତ କୁମାର ନାୟକ, ସହକାରୀ ଶିକ୍ଷକ ଖଗେଶ୍ୱର ସାହୁ, ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ମୋଟ ୧୩୫ ଜଣ ଛାତ୍ର ଛାତ୍ରୀଙ୍କୁ ହାଉସ ଡ୍ରେସ ପ୍ରଦାନ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟତ୍ରୀ ସ୍ନେହାଞ୍ଜଳି ଯେନା, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମହାବିଦ୍ୟାଳୟର ଓଡ଼ିଆ ଭାଷା ପରିଷଦର ବାର୍ଷିକ ପାଠଚକ୍ର

**ବାଲିଆପାଳ,୧୪।୮(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗାଇ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡ଼ିଆ ଭାଷା ପରିଷଦ ପକ୍ଷରୁ ବାର୍ଷିକ ପାଠଚକ୍ର 'ଉତ୍ତର ଓଡ଼ିଶାର ଲୋକଭାଷା 'ବିଷୟ ବିଭାଗାଧ୍ୟକ୍ଷ ସୁସାହିତ୍ୟିକ ଦୟାନିଧି ସାହୁଙ୍କ ପୌରହିତ୍ୟରେ ଆଜି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ମାନସୀ ସାହୁ ଓଡ଼ିଆ ଭାଷାର ପୁରାତନତ୍ତ୍ୱ ଉପରେ ନିଜର ମତ ରଖିଥିଲେ। ମୁଖ୍ୟ ଆଲୋଚକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ବିଭାଗର ସହକାରୀ ପ୍ରଫେସର ଡ଼ ଜୟନ୍ତ କୁମାର ଦାସ ଯୋଗଦେଇ ଲୋକଭାଷା ହିଁ ଭାଷା କ୍ଷେତ୍ରର ପରିଚୟ ବୋଲି ମତ ରଖିଥିବା ବେଳେ ମୁଖ୍ୟ ସମୀକ୍ଷକ ଭାବେ ବିଶିଷ୍ଟ ସାହିତ୍ୟିକ କବି ବ୍ରଜେନ୍ଦ୍ର ନାଥ ଗିରି ଓ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁସାହିତ୍ୟିକ ରବୀନ୍ଦ୍ର ନାଥ ବିଶ୍ୱାଳ ବିଷୟ ଭିତ୍ତିକ ଆଲୋଚନା ରଖିଥିଲେ। ପ୍ରଥମେ ବର୍ଷା ଆସର ପ୍ରାଚୀର ପତ୍ର 'ଶ୍ରାବଣୀ ' ଅତିଥିମାନଙ୍କ ହସ୍ତରେ ଶୁଭ ଲୋକାର୍ପଣ ହେବା ପରେ ଅଧ୍ୟାପିକା ସୁପ୍ରସନ୍ନୀ ବେହେରା



ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କଲା ପରେ ଅଧ୍ୟାପିକା ସସ୍ମିତା ସିଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଲୋଚ୍ୟ ପାଠଚକ୍ରର ବିଷୟଭିତ୍ତିକ ମୂଳ ପ୍ରବନ୍ଧ ବିଭାଗମୁଖ୍ୟ ଅଧ୍ୟାପକ ଦୟାନିଧି ସାହୁ ପଠନ କଲାପରେ ତୃତୀୟ ବର୍ଷର ଛାତ୍ରୀ ହରିପ୍ରିୟା ପରିଡା ପ୍ରବନ୍ଧ ପାଠ କରିଥିଲେ। ପୁରାତନ ଛାତ୍ରୀ ରଂଜିତା ବେହେରା, ଲକ୍ଷ୍ମୀପ୍ରିୟା ପରିଡା, ସିପ୍ରା ମହାନ୍ତି, ଜୟନ୍ତୀ ପଢ଼ିଆରୀ, ସିପୁନ ବେହେରା ଓ ଅଶୋକ କୁମାର ଗିରି ବିଷୟଭିତ୍ତିକ କବିତା ପାଠ କରିଥିଲେ। ନମିତା, ବୈଶାଖୀ, ଲକ୍ଷ୍ମୀପ୍ରିୟା, ସସ୍ମିତା, ରାଧାମଣୀ ପ୍ରଭୃତି ଛାତ୍ରୀମାନେ ସୁନ୍ଦର କବିତା ଆବୃତ୍ତି କରିଥିଲେ। ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ଜେନା ଓ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଭାଂଶୁ କୁମାର ସି ଯୋଗଦେଇ ସାହିତ୍ୟର ବିଶାଳ ଉପାଦେୟତା ଉପରେ ମତ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଉପସ୍ଥିତି ଏକ ଭାବଗମ୍ଭୀର ସ୍ଥିତି ସୃଷ୍ଟି କରିଥିଲା। ଓଡ଼ିଆ ସମ୍ମାନ ବିଭାଗର ସମସ୍ତ ଛାତ୍ର ଛାତ୍ରୀଙ୍କ ମିଳିତ ପ୍ରଚେଷ୍ଟାରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇପାରିଥିଲା। ପରିଶେଷରେ ଅଧ୍ୟାପିକା ସୁକାନ୍ତି ପାତ୍ର ସମସ୍ତଙ୍କୁ କୃତଜ୍ଞତାଜ୍ଞାପନ କରିଥିଲେ ।

# ହର ଘର ତିରଙ୍ଗା, ଘର ଘର ସ୍ୱଚ୍ଛତା



**ବୋରିଗୁମ୍ମା,୧୪।୮(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମାରେ ବ୍ଲକ ପ୍ରଶାସନ ତରଫରୁ ହର ଘର ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ବ୍ଲକ ମଙ୍ଗଳ ଅଧିକାରୀ ସୋନାଲି ନାୟକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ, ସିଡିପିଓ ସୁମିତା ତ୍ରିପାଠୀ, ସରପଞ୍ଚ ତୁଷାର କୁମ୍ଭିରିକା, ଏବଂ ସ୍ଥାନୀୟ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଧ୍ୟାପକ, ଅଧ୍ୟାପିକା, ଓ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ହୋଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଛାତ୍ରଛାତ୍ରୀ ମାନେ ବ୍ୟାନର, ତ୍ରିରଙ୍ଗା, ସ୍ୱାକାର୍ଡ ଧରି ତ୍ରିରଙ୍ଗା ସମ୍ମାନ, ଦେଶର ସମ୍ମାନ ଆମ ପ୍ରଗତି ଦେଶର ଉନ୍ନତି ସ୍ଲୋଗାନ ଦେଇ ଶୋଭାଯାତ୍ରା ସ୍ୱଚ୍ଛତାର ବାର୍ତ୍ତା ବହନ କରି ଜନ ସଚେତନତା ସୃଷ୍ଟି କରିଥିଲେ। ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ହର ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ବିଡ଼ିଓ ସୁକାନ୍ତ କୁମାର ପଟନାୟକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ସ୍ୱଚ୍ଛତା ଶପଥପାଠ କରାଇଥିଲେ। ଏହା ସହ ନିଜ ସହର ଘର ଗାଁ ଓ ପରିବେଶକୁ ସ୍ୱଚ୍ଛ ରଖିବାର ଆବଶ୍ୟକତା କିପରି ଦେଶର ବିକାଶରେ ସହାୟକ ହୋଇଥାଏ ସେ ନେଇ ଘରେ ଘରେ ତ୍ରିରଙ୍ଗାର ଆବଶ୍ୟକତା ବିଷୟରେ ବିଡ଼ିଓ ଶ୍ରୀ ପଟନାୟକ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ୮ ତାରିଖ ଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପ୍ରତ୍ୟକ ସ୍ଥାନରେ ପାଳନ କରାଯାଉଥିବା ବେଳେ ଗୁରୁବାର ଦିନ ବୋରିଗୁମ୍ମା ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ତରଫରୁ ପାଳନ କରାଯାଇଛି।

# ଯୁବ ଦିବସରେ ଯୁବ ସମ୍ମେଳନ ଅନୁଷ୍ଠିତ



**ବାଲିଆପାଳ,୧୪।୮(ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ସଂଗଠନ ଆଇନା, ଏ ଜେ ଏସ ଏ, ଯୁବ ବିକାଶ, ଆର୍ମ ସଂଗଠନ ଓ ୟୁଥ ଫର ୱାଟରର ମିଳିତ ଆନୁକୁଲ୍ୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇ ଯାଇଛି। ବାଲିଆପାଳ ଓ ଭୋଗରାଇ ଅଞ୍ଚଳରେ ପ୍ରାକୃତିକ ଓ ମନୁଷ୍ୟକୃତ ବନ୍ୟା ଜନିତ ସଠିକ ମୁକାବିଲା କରିବା ନିମନ୍ତେ ଆବଶ୍ୟକ ସାମାଜିକ ସମ୍ବଳ, ବିଶେଷ କରି ଯୁବ ସମାଜର ଭୂମିକା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଦୁଇଦିନିଆ ଯୁବ ସମ୍ମେଳନ ଆୟୋଜିତ କରାଯାଇଥିଲା। ବାଲିଆପାଳ ଓ ଭୋଗରାଇ ବ୍ଲକ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଗ୍ରାମ ମାନଙ୍କରୁ ପ୍ରାୟ ୧୫୦ ଜଣରୁ ଉର୍ଦ୍ଧ୍ୱ ଯୁବକଯୁବତୀ ଏଥିରେ ଭାଗ ନେଇଛନ୍ତି।କାର୍ଯ୍ୟକ୍ରମକୁ ପୂର୍ବତନ ସୂଚନା କମିସନର ଶ୍ରୀ ଜଗଦାନନ୍ଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସ୍ଥାନୀୟ ଆର୍ମ ସଙ୍ଗଠନର ସମ୍ପାଦକ ରାଜେନ୍ଦ୍ର ରଣା ସ୍ୱାଗତ ଅଭିଭାଷଣ ଦେବା ଅବସରରେ ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ବନ୍ୟା ବିପତ୍ତି ପରିଚାଳନା ଜନିତ ସାମାଜିକ ସମ୍ବଳ ନିର୍ମାଣର ଇତିହାସ ଓ ଅଭିଜ୍ଞତା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ପରିବେଶ ସୁରକ୍ଷାବିତ ଶିଳ୍ପୀ କେଶୁଦାସ, ଆଇନାର ସମ୍ପାଦିକା ସ୍ନେହା ମିଶ୍ର, ନାଓର ଆବାହକ ସଦସ୍ୟ ପ୍ରମିଳା ସ୍ୱାଇଁ, ଓଏସ୍ ଡି ଏମ ଏ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ ଭୂୟାଁ, ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ, ଏ.ଜେ.ଏସ୍.ଏ.ର କାର୍ଯ୍ୟକାରୀ ନିର୍ଦ୍ଦେଶକ ମନୋରଞ୍ଜନ ବେହେରା ଉଦଘାଟନୀ ଉତ୍ସବରେ ଯୋଗଦାନ କରିଥିଲେ।

# ବିଜେପି ପକ୍ଷରୁ ହର ଘର ତିରଙ୍ଗା ଘର ଘର ତିରଙ୍ଗା ବାଇକ ର୍ୟାଲି ଶୋଭାଯାତ୍ରା

**ଭବାନୀପାଟଣା,୧୪।୮(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶପ୍ରେମ ର ଅସ୍ମିତା ଓ ତ୍ରିରଙ୍ଗା ପତାକା ର ସମ୍ମାନ କୁ ଦେଶପ୍ରେମ ରେ ସମର୍ପିତ କରିବା ଉଦ୍ଦେଶ୍ୟରେ ପ୍ରତି ଭାରତୀୟ ଙ୍କ ମନରେ ଦେଶପ୍ରେମ ଉଜାଗର କରିବା ପାଇଁ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଛି।ଏହି ପରିପ୍ରେକ୍ଷୀରେ ଆଜି କୋକସରା ବ୍ଲକ ବିଜେପି ୩ ମଣ୍ଡଳ



କୋକସରା, ଆମପାଣି ମୋଟେର ପକ୍ଷରୁ ମୂଷାପାଲି ଠାରୁ ତ୍ରିରଙ୍ଗା ଯାତ୍ରା ଶୁଭାରମ୍ଭହୋଇ ଶୁଭାରମ୍ଭ ହୋଇ ଡହଗାଁ, ଛିଲିପାମାଲ, ଝରିଆଗୁଡ଼ା, ମହୁଲମୁଣ୍ଡା, ମାଝିଗୁଡା, ଟେମରା, ମହିମା, ମାଲପଡ଼ା, ଡେଙ୍ଗାଗୁଡ଼ା, ବୋବରିଆ ଓ କୋକସରା ରେ ପହଞ୍ଚି ପଥପ୍ରାନ୍ତ ସଭା ରେ ଦଳୀୟ ନେତୃବୃନ୍ଦ ମାନେ ତ୍ରିରଙ୍ଗା ଯାତ୍ରା ର ଉଦେଶ୍ୟ ନେଇ ଜନ ସାଧାରଣ ଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମ ରେ କୋକସରା ବ୍ଲକ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ଆମପାଣି।ମଣ୍ଡଳ ସଭାପତି ମଧୁବନ ପାତ୍ର, ନିଳାଞ୍ଚଳ ରାଉତ ଙ୍କ ସମେତ ଶତାଧିକ ବିଜେପି ନେତା ଓ କର୍ମକର୍ତ୍ତା ଏକ ବିରାଟ ବାଇକ ରେଲି ରେ ବାହାରି ମୋଦି ସରକାର ଙ୍କ ଦେଶପ୍ରେମ କୁ ଘରେ ଘରେ ଓ ସଚେତନତା ଅଭିଯାନ ସୃଷ୍ଟି କରିବା ପାଇଁ ଏହି ତ୍ରିରଙ୍ଗା ଯାତ୍ରା ରେ ସାମିଲ ହୋଇଥିଲେ।

# ଦୀନବନ୍ଧୁ ଯାଜଦାନୀ ଷ୍ଟିଲରେ ଶ୍ରମିକଙ୍କ ମୃତ୍ୟୁ



**କଳିଙ୍ଗନଗର,୧୪।୮(ସଂଚାର ବ୍ୟୁରୋ):** ଆଜି ସକାଳ ସମୟରେ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଦୀନବନ୍ଧୁ (ୟାଜଦାନୀ ଷ୍ଟିଲ) ରେ ଏକ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି, ଖବର ମୁତାବକ କଳିଙ୍ଗନଗର ଶିଳ୍ପାଞ୍ଚଳ ର ୟାଜାଦାନୀ ଷ୍ଟିଲ କାରଖାନା ରେ ସିଭିଲ କାମ ରେ ଶ୍ରମିକ ଭାବେ ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ବଡ଼ପୋଖରୀଆ ଗାଁର ରାମ ଜେରାଇ ଙ୍କର ଏକମାତ୍ର ପୁଅ ଦାଶରଥି ଜେରାଇ (୨୦) କାରଖାନା ପାଖରେ ଠିକାଦାର ଉତ୍ତପଲ ମଣ୍ଡଳ ଙ୍କ କ୍ୟାମ୍ପ ରେ ରହି କାମ କରେ, ଆଜି କାରଖାନା ପରିସରରେ କାମ କରୁଥିବାସମୟରେ ଡ୍ରେନ ପାଖରେ ଥିବା ଏକ କାନ୍ଥ ଭାଙ୍ଗି ପଡ଼ିବାରୁ ଶ୍ରମିକ ଦାଶରଥି ଚାପି ହୋଇ ଯାଇଥିଲେ, ତାଙ୍କୁ ଉଦ୍ଧାର କରି କାରଖାନା କର୍ତ୍ତୃପକ୍ଷ କଟକ ଚିକିତ୍ସା ପାଇଁ ସ୍ଥାନାଂତର କରିଥିଲେ, ଶ୍ରମିକଙ୍କ ପରିବାର କୁ ଅପରାହ୍ନ ୨ ଟା ସମୟ ରେ ଖବର ଦେଲେ ତୁମ ପୁଅର କଟକ ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି, ଏ ଖବର ତାଙ୍କ ପରିବାର ରେ ପହଁଚିଲା ପରେ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବାପା ଦୁଃଖ ରେ ଭାଙ୍ଗି ପଡ଼ିଛନ୍ତି, ଆଦିବାସୀ ନିରୀହ ସରଳ ଲୋକଙ୍କୁ କାହଁକି ଏତେ ଘଟଣା ହୋଇଥିବା ସ୍ୱତେ ବିଳମ୍ବରେ ଜଣାଉଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଯାହା ବି ଦୁର୍ଘଟଣା ହେଉଛି ଲୁଚା ଛପା ରେ କାହାକୁ ନ ଜଣାଇ ପାଖରେ ଥିବା ମେଡିକାଲ ରେ ନ ଚିକିତ୍ସା କରି ତରବରିଆ ଭାବେ କଟକ ନେଇ ଯାଉଛନ୍ତି କାହିଁକି? ପ୍ରଶ୍ନ ଉଠିଛି ଘଟଣା ସ୍ଥଳରେ ଶ୍ରମିକ ଙ୍କ ମୃତ୍ୟୁ ହୋଇଛି ଶ୍ରମିକ ମାନଙ୍କ ଉତେଜନା ଓ କମ୍ପାନୀର ଦୋଷ ଲୁଚାଇବା ପାଇଁ ଏପରି ଯୋଜନା ହୋଇ ନାହଁ ତ?

# ଏଡ୍ସ୍ ସମ୍ପର୍କିତ ଜିଲ୍ଲାସ୍ତରୀୟ ଦିନିକିଆ କର୍ମଶାଳା

**ଫୁଲବାଣୀ,୧୪।୮(ସଂଚାର ବ୍ୟୁରୋ):** ଆଜି ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କ ମିଳିତ ସହଯୋଗ ଏବଂ ଓଡିଶା ଏ.ଡ୍.ସ୍. ନିୟନ୍ତ୍ରଣ ସମିତି ଭୁବନେଶ୍ୱର ଙ୍କ ସହାୟତା ରେ ଏକ ଦିନିକିଆ ସଚେତନତା ମୂଳକ ଆଲୋଚନା ସ୍ଥାନୀୟ ପୌରପରିଷଦ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଦ୍ଧକ୍ଷ୍ୟା ପାଏଲ୍ ବେହେରା ଉପସ୍ଥିତ ରହି ସଂକ୍ରମଣ ରୋକିବା ରେ ସମସ୍ତ ଜନସାଧାରଣ ଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଥିବା ବେଳେ ଜନ ପ୍ରତିନିଧି ମାନଙ୍କ ର ଦାୟିତ୍ୱ ଯଥେଷ୍ଟ ଅଧିକ ବୋଲି କହିଥିଲେ। ଜନ ପ୍ରତିନିଧି ମାନଙ୍କ ପାଇଁ ଆୟୋଜିତ ଏହି ଦିନିକିଆ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉଁସିଲର୍ ମାନେ ଉପସ୍ଥିତ ରହି ଏଚ୍.ଆଇ.ଭି. ସଂକ୍ରମଣ ର ମାଧ୍ୟମ ଓ ଏହାର ନିରାକରଣ ବିଷୟରେ ଆଲୋଚନା କରିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମ କୁ ଜିଲ୍ଲା ଏ.ଡ୍.ସ୍. ନିୟନ୍ତ୍ରଣ କାର୍ଯ୍ୟକ୍ରମର ସୁପରଭାଇଜର୍ ଦେବାଶିଶ ମିଶ୍ର ସଂଯୋଜନା



କରିଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ର ସଂଯୋଜକ ବିଶ୍ୱରଞ୍ଜନ କର ସହାୟତା ପ୍ରଦାନ କରିଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀ ଙ୍କ ମଧ୍ୟରୁ ରମେଶଚନ୍ଦ୍ର ମହାନ୍ତି ଓ ରାଜେନ୍ଦ୍ର କୁମାର ପାଢ଼ୀ ଏଚ୍. ଆଇ.ଭି. ସଂକ୍ରମଣ ରୋକିବା ପାଇଁ କି କି ପଦକ୍ଷେପ ୱାର୍ଡ ସ୍ତରରେ ନିଆଯାଇପାରିବ ସେ ବିଷୟରେ ଉପସ୍ଥାପନା କରିଥିଲେ। ଦେବାଶିଶ ମିଶ୍ର ଜିଲ୍ଲା ରେ ସଂକ୍ରମଣ ର ଏକ ତଥ୍ୟ ଉପସ୍ଥାପନା କରି ବିଭିନ୍ନ ଉଦାହରଣ ମାଧ୍ୟମରେ କିପରି ଅଧିକ ଜନସଚେତନତା ବୃଦ୍ଧି କରାଯାଇ ପାରିବ ସେ ବିଷୟରେ ବୁଝାଇଥିଲେ। ପୌରପରିଷଦର ନିର୍ବାହି ଅଧିକାରୀ ସମରେଶ ମହାନ୍ତି ସ୍ୱାଗତ କରିଥିବା ବେଳେ ସତ୍ୟପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।